- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-167 ♦SATURDAY ♦13 DECEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୬୭ ♦ଶନିବାର ♦୧୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


# ୨୭ ଜଣ ପ୍ରସିଦ୍ଧ ଲେଖକଙ୍କ


# ୫୩୭ଟି ନିର୍ବାଚିତ କାହାଣୀ

## ପାଠକଙ୍କ ବିପୁଳ ଆଗ୍ରହ କ୍ରମେ ରିହାତି ଯୋଜନା
## ୨୦ ଡିସେମ୍ବର ୨୦୨୫ ଯାଏଁ ସଂପ୍ରସାରିତ କରୁଛୁ

20 ପେନ୍ ଇନ୍ ବୁକ୍ସ ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁକ୍ତ ଦ୍ୱାର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ




ଥରେ କିଣିବେ,
ବର୍ଷ ସାରା ପଢ଼ିବେ
୧୦,୦୦୦* ଟଙ୍କାର ୨୭ଟି
ପୁସ୍ତକ ଏକତ୍ର ଅଧା ମୂଲ୍ୟରେ

**୪,୯୯୯ ଟଙ୍କାରେ**

ଡାକ ଖର୍ଚ୍ଚ ଆମର, ତା ସାଙ୍ଗକୁ
ଗୋଟିଏ କପଡ଼ା ବ୍ୟାଗ୍ ଉପହାର

**୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**
୬ରୁ ୧୭ ଡିସେମ୍ବର, ୨୦୨୫
ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର
ପୁସ୍ତକମେଳାରେ ମଧ୍ୟ ଉପଲବ୍ଧ
**ପେନ୍ ଇନ୍ ବୁକ୍ସ**
ଷ୍ଟଲ ନଂ ୨୬-୨୭-୨୮
(ଆରମ୍ଭରୁ ବାମ ପଟେ ୧୦ ନମ୍ବର ଷ୍ଟଲ)

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ,
ଏମ୍-୬/୫୧, ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର - ୭୫୧୦୧୩

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ହ୍ୟାଶ୍‌ଟ୍ୟାଗ୍ ଦେଇ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।
#ପ୍ରତିଘରପାଠାଗାର #ପେନ୍‌ଇନ୍‌ବୁକ୍ସ
#PratiGharaPathagara #peninbooks

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୪,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପିଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନା ୨୦ ଡିସେମ୍ବର ୨୦୨୫, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୪,୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

**78469 81182**

Odia Media Private Limited
odiamedia@icici

OMPL/2512/SKL01

ପଇଠର ଦୁଇ ସପ୍ତାହ ମଧ୍ୟରେ ପୁସ୍ତକ ନ ପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୧ଟାରୁ ସଂଧ୍ୟା ୫ଟା ଯାଏଁ ଖୋଲା ରହେ। ଡାକରେ ଯିବା ସମୟରେ ପୁସ୍ତକ ନଷ୍ଟ ହେଲେ ପ୍ରକାଶନ ସଂସ୍ଥା ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। *୯,୪୩୭ ଟଙ୍କାର ପୁସ୍ତକ ସହ ଡାକଖର୍ଚ୍ଚ, ପ୍ୟାକେଜିଂ ଓ ବ୍ୟାଗ୍‌ର ଆନୁମାନିକ ମୂଲ୍ୟ ୧୦,୦୦୦ ଟଙ୍କା ହେବ।

ଛତିଶା ନିଯୋଗ ବୈଠକ

# ପହିଲି ଭୋଗ, ମକର ସଂକ୍ରାନ୍ତି ନୀତିରେ ବାଜିଲା ମୋହର




ପୁରୀ, ୧୨।୧୨ (ସମିସ): ଆସନ୍ତା ୧୬ତାରିଖରେ ପବିତ୍ର ଧନୁ ସଂକ୍ରାନ୍ତି। ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଶୁକ୍ରବାର ଅନୁଷ୍ଠିତ ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକରେ ପ୍ରସ୍ତୁତ ନୀତିକାନ୍ତି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇ ମୋହର ବାଜିଛି।

ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ପ୍ରତ୍ୟହ ରାତ୍ର ୨ଟାରେ ଦ୍ୱାର ଫିଟାଯିବ। ଭିତର ଶୋଧ ପରେ ରାତି ୩ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ସମ୍ପନ୍ନ ହେବ। ଭୋର୍ ସାଢ଼େ ୫ଟାରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସାଢ଼େ ୬ରୁ ୮ଟା ସକାଳ ଧୂପ (କେବଳ କୋଠଭୋଗ), ସକାଳ ୭ଟା ୪୫ରୁ ସାଢ଼େ ୯ଟା ଭୋଗମଣ୍ଡପ, ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୧ଟା ମଧ୍ୟାହ୍ନଧୂପ (କେବଳ କୋଠଭୋଗ) ବାହାରିବ। ୧୧ଟା ୧୫ରୁ ଅପରାହ୍ଣ ସାଢ଼େ ୧ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡ ନୀତି ଶେଷ କରାଯିବ। ଏହିପରି ରାତି ୧୧ଟାରେ ରାତ୍ର ପହୁଡ଼ ନୀତି କରାଯିବା ଲାଗି ନୀତିକାନ୍ତି ଚୂଡ଼ାନ୍ତ ହୋଇଛି।

**ରାତି ୨ରେ ଫିଟିବ ଦ୍ୱାର**

**ଭୋର୍ ସାଢ଼େ ୫ରୁ ୬ଟା ମଧ୍ୟରେ ପହିଲି ଭୋଗ**


**ଡିସେମ୍ବର ୩୧ ରାତି ୧୧ଟା ସୁଦ୍ଧା ପହୁଡ଼**

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ପହିଲି ଭୋଗ ବ୍ୟତୀତ ଜାନୁୟାରୀ ୧୩ ତାରିଖ ଦେବାଭିଷେକ ପୂର୍ଣ୍ଣିମା ନୀତିକାନ୍ତି ବିଷୟରେ ଆଲୋଚନା ହୋଇ ଅନୁମୋଦନ ଲାଭ କରିଛି। ଏହି ଦିନ ଠାକୁରଙ୍କର ସୁନାବେଶ ଅନୁଷ୍ଠିତ ହେବ। ତେଣୁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନ ଯେପରି ଭଲ ଭାବେ ହେବ, ସେନେଇ ସେବାୟତମାନେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିବା ମୁଖ୍ୟ ପ୍ରଶାସକ କହିଛନ୍ତି। ଏତଦ୍‌ବ୍ୟତୀତ ବୈଠକରେ ଜାନୁୟାରୀ ୧୪ତାରିଖ ମକର ସଂକ୍ରାନ୍ତି ନୀତିକୁ ମଧ୍ୟ ଅନୁମୋଦନ କରାଯାଇଛି। ନୂଆବର୍ଷ ଅର୍ଥାତ୍ ଜାନୁୟାରୀ ୧ତାରିଖରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ତେଣୁ ନୀତିକାନ୍ତି ଏବଂ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ଏହାର ପୂର୍ବଦିନ ଅର୍ଥାତ୍ ଡିସେମ୍ବର ୩୧ ରାତ୍ର ୧୧ଟା ସୁଦ୍ଧା ରାତି ପହୁଡ଼ କରାଯିବ। ସେବାୟତମାନେ ମଧ୍ୟ ସହଯୋଗ କରିବେ। ଖୁବ୍‌ଶୀଘ୍ର ଦ୍ୱାରଫିଟି ଠାକୁରଙ୍କ ନୀତିକାନ୍ତି ହେବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଛତିଶା ନିଯୋଗ କର୍ମକର୍ତ୍ତା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚିଲତଇଲା ଆଶ୍ରମ ସ୍କୁଲର ୩ ଛାତ୍ର ନିଖୋଜ

ହିନ୍ଦୋଳ/ଖଜୁରିଆକଟା, ୧୨।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ଗଣ୍ଡାନାଳୀ ପଞ୍ଚାୟତ ଚିଲତଇଲା ଆଶ୍ରମ ସ୍କୁଲ ଛାତ୍ରାବାସରୁ ବୁଧବାର ୩ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ, ଭୁବନ ଥାନା କଂସରଗୋଡ଼ା ଗ୍ରାମର କାଳିଆ ମୁର୍ମୁଙ୍କ ୨ୟ ଶ୍ରେଣୀରେ ପଢୁଥିବା ପୁଅ ସ୍ୱାଧୀନ ମୁର୍ମୁ (୭), ଷଷ୍ଠ ଶ୍ରେଣୀରେ ପଢୁଥିବା କାଳିଆଙ୍କ ପୁତୁରା ଶିବ ମୁର୍ମୁ ଓ ବାପି ବେଶ୍ରା (୧୦)। ବୁଧବାର ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଚାଲିଥିବା ବେଳେ ଖେଳପଡ଼ିଆରୁ ଏହି ପିଲାମାନେ କେଉଁଆଡ଼େ ଚାଲିଯାଇଛନ୍ତି। ଏହି ବିଦ୍ୟାଳୟରେ ୪୩୭ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ୩୩୩ ଜଣ ହଷ୍ଟେଲରେ ରୁହନ୍ତି। ସବୁଦିନ ଭଳି ବୁଧବାର ପିଲାଙ୍କ ଉପସ୍ଥାନ ନେବା ବେଳେ ସ୍ୱାଧୀନ, ଶିବ ଓ ବାପି ନ ଥିବା ଶିକ୍ଷକମାନେ ଜାଣିବାକୁ ପାଇଥିଲେ। ଖୋଜାଖୋଜି କଲାପରେ ସେମାନଙ୍କୁ ନ ପାଇବାରୁ ଗୁରୁବାର ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସ୍ୱାଧୀନଙ୍କ ମାଆ ବିଜନ୍ତୀ ସୋରେନ ଏ ନେଇ ରାସୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୧୪ରେ କଟକ ଆସିବେ ସୁପ୍ରିମକୋର୍ଟ ପ୍ରଧାନବିଚାରପତି



କଟକ, ୧୨।୧୨(ସମିସ): ଆସନ୍ତା ୧୪ ତାରିଖ (ରବିବାର) ଦିନ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କଟକଆସିବେ। ପ୍ରଧାନବିଚାରପତି ଭାବେ ଶପଥ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ସେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଉକ୍ତ ଦିନ ପୂର୍ବାହ୍ନ ସାଢ଼େ ୧୦ଟାରେ ସେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ କଟକ ସହିଦ ଭବନଠାରେ ଆୟୋଜିତ ହେବାକୁ ଥିବା ଏକ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ବାର୍ ଆସୋସିଏସନ୍ ପକ୍ଷରୁ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନ୍‌ର ସଭାପତି ମନୋଜ ମିଶ୍ର ଓ ସମ୍ପାଦକ ଅଭିଜିତ ପଟ୍ଟନାୟକ ଏ ସଂପର୍କରେ ସୂଚନା ଦେଇଛନ୍ତି। 'ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି' ଶୀର୍ଷକ ବିଷୟବସ୍ତୁ ଉପରେ ଉଦ୍‌ବୋଧନ ଦେବେ ଜଷ୍ଟିସ ସୂର୍ଯ୍ୟକାନ୍ତ। ଏହି କାର୍ଯ୍ୟକ୍ରମ ଅବସରରେ ୫୦ ବର୍ଷରୁ ଅଧିକ ସମୟ ଧରି ଓକିଲାତିରେ ନିୟୋଜିତ ଥିବା ବରିଷ୍ଠ ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଏହି ସାମ୍ବାଦିକ ସମ୍ମିଳନୀରେ ବାର୍ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସାଲନ୍ଦୀ ନଦୀ ପଠାକୁ ଜବରଦଖଲମୁକ୍ତ ପାଇଁ ସରକାରୀ ନିଷ୍କ୍ରିୟତା

## ପଦକ୍ଷେପ ବାବଦରେ ସତ୍ୟପାଠ ଦିଅ: ହାଇକୋର୍ଟ

କଟକ,୧୨।୧୨(ସମିସ): ଭଦ୍ରକର ସାଲନ୍ଦୀ ନଦୀ ପଠାକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରିବା କ୍ଷେତ୍ରରେ ସରକାରୀ ନିଷ୍କ୍ରିୟତା ଅଭିଯୋଗ କରି ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଏପରିକି ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଗତ ୨୦୨୩, ନଭେମ୍ବର ୧୪ରେ ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ଦେଇଥିବା ପରାମର୍ଶ ଅନୁପାଳନ ହୋଇନଥିବାରୁ ଅଦାଲତ ଅସନ୍ତୋଷ ପ୍ରକାଶ କରିବା ସହ ଏହି ରିପୋର୍ଟ ଅନୁସାରେ କଣ ପଦକ୍ଷେପ ନିଆଯାଇଛି ତାହାକୁ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଲକ୍ଷ୍ମଣ ମିଶ୍ର ଓ ଅନ୍ୟଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତଦନ୍ତ ରିପୋର୍ଟରେ ଦିଆଯାଇଥିବା ପରାମର୍ଶ ଅନୁସାରେ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ ସହିତ ନଦୀ ସଂଲଗ୍ନ ଗାଁର ବାସିନ୍ଦାଙ୍କ ଧନଜୀବନ ସୁରକ୍ଷା ପ୍ରସଙ୍ଗକୁ ଧ୍ୟାନ ଦିଆଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି ୨୦୨୬, ଜାନୁଆରି ୧୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ପ୍ରତିବର୍ଷ ସାଲନ୍ଦୀରେ ବନ୍ୟା ଆସୁଥିବାରୁ ନଦୀର ଗତିପଥ ବଦଳୁଛି। ଏଭଳି ସ୍ଥିତିର ଫାଇଦା ଉଠାଇ ନଦୀ ନିକଟ ଜମି ମାଲିକମାନେ ନଦୀପଠାକୁ ବେଆଇନ ଜବରଦଖଲ କରି ଘର ନିର୍ମାଣ କରିଥିଲେ। ଏଭଳି ଅଭିଯୋଗ ପରେ ଜଳସଂପଦ ବିଭାଗ ତରଫରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ରିପୋର୍ଟରେ ନଦୀପଠା ଜବରଦଖଲ ସହ ବର୍ଜ୍ୟବସ୍ତୁ ପକାଯାଉଥିବା କଥା ଉଲ୍ଲେଖ କରାଯାଇଥିଲା। ନଦୀପଠାରୁ ଅନଧିକୃତ ଅବରୋଧ ହଟାଇବା, ମୃତ୍ତିକା କ୍ଷୟ ନିୟନ୍ତ୍ରଣ ପାଇଁ ବୃକ୍ଷରୋପଣ, ବର୍ଜ୍ୟବସ୍ତୁ ପାଇଁ ବିକଳ୍ପ ବ୍ୟବସ୍ଥା, ବିଶୋଧନ ପରେ ଜଳ ନଦୀକୁ ଛାଡ଼ିବା, ବନ୍ୟା ପ୍ଲାବିତ ଜୋନ ଓ ନକ୍ସା କରିବା ସହିତ ଚେତାବନୀ ବ୍ୟବସ୍ଥା ପାଇଁ ତଦନ୍ତ ରିପୋର୍ଟରେ ପରାମର୍ଶ ଦିଆଯାଇଥିଲା। ଏହି ରିପୋର୍ଟ ଆଧାରରେ ପଦକ୍ଷେପ ଗ୍ରହଣ ପାଇଁ ଜଳସଂପଦ ବିଭାଗ କହିଥିଲେ ମଧ୍ୟ ସୁଫଳ ମିଳି ନଥିଲା ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଛି।

କୁସୁମଡିହି ଜଙ୍ଗଲରେ ବାଘ ମୃତ୍ୟୁ

## ବଳଦ ମୃତ ଦେହରେ ବିଷ ବୋଳି କଲରାପତରିଆକୁ ମାରିଦେଲେ

ରାଉରକେଲା/ବଣାଇଁ, ୧୨।୧୨(ସମିସ): ମଲା ବଳଦ ଦେହରେ ବିଷ ବୋଳି କଲରାପତରିଆ ବାଘକୁ ମାରିଦେଲେ। ବଣାଇଁ ବନଖଣ୍ଡ ତାମଡ଼ା ରେଞ୍ଜ ଅନ୍ତର୍ଗତ କୁସୁମଡ଼ିହି ଖେସରା ଜଙ୍ଗଲରେ ଏପରି ଏକ ଘଟଣା ପଦାକୁ ଆସିବା ପରେ ବନ୍ୟଜନ୍ତୁପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଘଟଣାରେ ବନବିଭାଗ ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁସୁମଡିହି ଗ୍ରାମର ବୃଦ୍ଧ ନୁଆସ ଖେସ (୬୧)ଙ୍କୁ ଗିରଫ କରିଛି।

ଗତ ନଭେମ୍ବର ୨୮ ତାରିଖରେ ନୁଆସଙ୍କ ୩ଟି ବଳଦ କୁସୁମଡିହି ଜଙ୍ଗଲକୁ ଚରିବାକୁ ଯାଇ ଆଉ ଫେରିନଥିଲେ। ବହୁ ଖୋଜାଖୋଜି କରିବା ପରେ ଗୋରୁଗୁଡ଼ିକଙ୍କ ଅଧାଖିଆ ମୃତଦେହ କେନ୍ଦୁପତ୍ର ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏଥିରେ ନୁଆସ ରାଗି ଯାଇଥିଲେ। ସେ ଉକ୍ତ ଖଣ୍ଡବିଖଣ୍ଡିତ ଗୋରୁଙ୍କ ଶରୀରରେ ବିଷ ବୋଳି ଦେଇଥିଲେ। ଉକ୍ତ ବିଷବୋଳା ଗୋରୁଙ୍କ ଶବ ଖାଇବାରୁ ଗୋଟିଏ ମାଈ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା ବୋଲି ବନ ବିଭାଗ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଅଞ୍ଚଳବାସୀ ଏକ ବାଘ ବୁଲୁଥିବା ନେଇ ବାରମ୍ବାର ତାମଡ଼ା ରେଞ୍ଜ ଅଧିକାରୀଙ୍କୁ ସୂଚନା ଦେଇଥିଲେ ମଧ୍ୟ ରେଞ୍ଜ ଅଧିକାରୀ ଟ୍ରାପ୍ କ୍ୟାମେରା ଲଗାଯିବ କହି ଘଟଣାକୁ ଗୁରୁତ୍ୱ ଦେଇ ନଥିଲେ। ଗତକାଲି ଅପରାହ୍ଣରେ ଜଣେ ଗାଈଚରାଳି ଜଙ୍ଗଲରେ ବାଘ ମରିପଡ଼ିଥିବା ନେଇ ଗାଁରେ କହିବା ପରେ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ସକାଳୁ ରାଉରକେଲା ଆଞ୍ଚଳିକ ବନ ସଂରକ୍ଷକ ରାମା ସ୍ୱାମୀ ପି, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ସମେତ ଏକ ତଦନ୍ତକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ପଶୁସମ୍ପଦ ଅଧିକାରୀ ମୃତ ବାଘର ଶବକୁ ବ୍ୟବଚ୍ଛେଦ କରିବା ପରେ ମୃତ ବାଘର ଶବକୁ ପୋଡ଼ି ଦିଆଯାଇଥିଲା।



ମହଙ୍ଗା ପଡ଼ିଲା ବେନାମୀ ସିମ୍ ବିକ୍ରି

## ୨ ଜଣଙ୍କୁ ଉଠାଇନେଲା ଦିଲ୍ଲୀ ପୁଲିସ

ଭଦ୍ରକ/ଭଣ୍ଡାରିପୋଖରୀ, ୧୨।୧୨(ସମିସ): ବେନାମି ସିମ୍‌କାର୍ଡ ବିକ୍ରି ଅଭିଯୋଗରେ ଦିଲ୍ଲୀ ପୁଲିସ ଶୁକ୍ରବାର ଭଦ୍ରକରୁ ୨ଜଣଙ୍କୁ ଉଠାଇ ନେଇଛି। ସେମାନେ ହେଲେ, ମଞ୍ଜୁରୀରୋଡ୍ ବଜାରର ବ୍ୟବସାୟୀ ସନ୍ତୋଷ ଖଣ୍ଡାଇ ଓ ବନ୍ତ ଥାନା ଅଞ୍ଚଳର ଗଡିଗହିଆ ତରାଗୋ ଗାଁର ମହେଶ୍ୱର ପୁଣ୍ଟିଆ ଓରଫ୍ ଅଜୟ। ଉଭୟଙ୍କୁ ଭଦ୍ରକ କୋର୍ଟର ହାଜର କରାଇ ଦିଲ୍ଲୀ ପୁଲିସ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେଇଯାଇଛି। ନୂଆ ସିମ୍‌କାର୍ଡ କିଣିବାକୁ ଆସୁଥିବା ଗ୍ରାହକଙ୍କ ଆଧାରକାର୍ଡ ଜରିଆରେ ଏମାନେ ଏକାଧିକ ସିମ୍ ଆକ୍ଟିଭ୍ କରିନେଉଥିଲେ। ଏ ବାବଦରେ ଗ୍ରାହକ ଜାଣିପାରୁନଥିଲେ। ପରେ ଉକ୍ତ ସିମ୍‌ଗୁଡ଼ିକୁ ଉଚ୍ଚ ଦରରେ ବେନାମୀ ଲୋକଙ୍କୁ ବିକି ଦେଉଥିଲେ। ଏହି ସିମ୍‌ଗୁଡ଼ିକ ବିଭିନ୍ନ ଅପରାଧରେ ବ୍ୟବହୃତ ହେଉଥିଲା। ଦିଲ୍ଲୀ ସାହିନବାଗ ଥାନାରେ ରୁଜୁ ଏକ ମାମଲାର ତଦନ୍ତ କରୁକରୁ ପୁଲିସ ଏ ଦୁହିଁଙ୍କ ବାବଦରେ ସୂଚନା ପାଇଥିଲା। ସେଠାରେ ଧରାପଡ଼ିଥିବା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଜଣେ ଅପରାଧୀ ବୟାନରେ ଏ ଦୁହିଁଙ୍କ ନାଁ ନେଇଥିଲା। ତାହାକୁ ଆଧାର କରି ଦିଲ୍ଲୀ ପୁଲିସର ଏକ ଟିମ୍ ଭଦ୍ରକ ଆସିଥିଲା। ଗୁରୁବାର ଅପରାହ୍ଣରେ ସ୍ଥାନୀୟ ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ସନ୍ତୋଷକୁ ଉଠାଇ ଆଣି ପଚରାଉଚରା କରିବା ପରେ ଆଜି ଗିରଫ କରିଥିଲା। ସେହିଭଳି ମହେଶ୍ୱରଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

**ଗୋଟିଏ ଆଧାରକାର୍ଡରେ ଫୁଲାଫୁଲା ସିମ୍ ଆକ୍ଟିଭ୍ କରୁଥିଲେ**


**ଅପରାଧୀଙ୍କୁ ଉଚ୍ଚ ଦରରେ ବିକୁଥିଲେ**

## ହତ୍ୟାକାରୀକୁ ଆଜୀବନ

ଆନନ୍ଦପୁର, ୧୨।୧୨(ସମିସ): ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଜି ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ବିଜନ ବେହେରାକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା ଗାଁରେ ୨୦୨୦ ନଭେମ୍ବର ୨୦ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲା। ସନ୍ଧ୍ୟାରେ ଗାଁ ସଭା ଚାଲିଥିବା ବେଳେ ସଭାରେ ଉପସ୍ଥିତ ଥିବା ଆନନ୍ଦ ଚନ୍ଦ୍ର ନାୟକଙ୍କୁ ସଙ୍ଘବଦ୍ଧ ଆକ୍ରମଣ ହୋଇଥିଲା। ଗ୍ରାମର ବାମନ ବେହେରା, ବିଜନ ବେହେରା, ନିକନ ବେହେରା ଓ ଉମାକାନ୍ତ ଖଣ୍ଡେଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଆନନ୍ଦଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଆନନ୍ଦଙ୍କ ସ୍ତ୍ରୀ ମଞ୍ଜୁଲତା ନାୟକ ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ୪ ଅଭିଯୁକ୍ତଙ୍କୁ କୋର୍ଟ ଖଲାସ କରିଛନ୍ତି।

## ପୁସ୍ତକ ମହୋତ୍ସବରେ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ଅଣଦେଖା

ଭୁବନେଶ୍ୱର, ୧୨।୧୨(ସମିସ): ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଲିଖିତ ଇତିହାସରେ ଅନେକ ସଂଗ୍ରାମୀ ଓ ସହିଦ ସ୍ଥାନିତ ହୋଇପାରିନାହାନ୍ତି। ହେଲେ ସ୍ଥାନୀୟ ଲୋକଙ୍କ ମାନସିକତାକୁ ସେମାନଙ୍କ ଅଦମ୍ୟ ସାହସ ଏବେ ବି ଅନେକ ମାତ୍ରାରେ ପ୍ରଭାବିତ କରି ଆସୁଛି। ଗୁରୁବାରୀ ମେହେରଙ୍କ 'କରୋ ପୁକାର: ବନ୍ଦ କରୋ ଏ ଅତ୍ୟାଚାର' ସ୍ଲୋଗାନ୍ ଏବେ ବି ବିନିକା ଅଞ୍ଚଳରେ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦର ସ୍ୱର ହୋଇ ଠିଆ ହୁଏ। କିନ୍ତୁ, ସୁବର୍ଣ୍ଣପୁର ଜିଲ୍ଲାର ଏକମାତ୍ର ମହିଳା ସ୍ୱାଧୀନତା ସଂଗ୍ରାମୀ ଗୁରୁବାରୀ ମେହେର ଆଜି ବି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି। ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ୭ମ ଓଡ଼ିଶା ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ-୨୦୨୫ରେ ଆକର୍ଷଣ ପାଲଟିଛି ଥିମ୍ ପାଭିଲିୟନ୍। ଏଠାରେ ଏକ ପାଭିଲିୟନରେ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଓ ଅବଦାନ ଉଲ୍ଲେଖ ରହିଛି। ହେଲେ ଏଥିରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇ ସହିଦ ହୋଇଥିବା ବିନିକା ଅଞ୍ଚଳର ଗର୍ବ ସହିଦ ଗୁରୁବାରୀ ମେହେରଙ୍କ ନାମ ସ୍ଥାନିତ ହୋଇନାହିଁ। ଏହାକୁ ନେଇ ସହିଦ ଗୁରୁବାରୀ ସ୍ମୃତି କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ତାଲିକାରେ ସଂଶୋଧନ କରି ଗୁରୁବାରୀଙ୍କୁ ସ୍ଥାନିତ କରି ଉଚିତ ସମ୍ମାନ ଦେବାକୁ ଜିଲ୍ଲାର ବିଭିନ୍ନ ମହଲରେ ଦାବୀ ହୋଇଛି। ଏ ଦିଗରେ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କମିଟି ଚେତାବନୀ ଦେଇଛି।




**■ ଥିମ୍ ପାଭିଲିୟନରେ ନାହିଁ ଗୁରୁବାରୀ ମେହେରଙ୍କ ନାମ**

**■ ସୁବର୍ଣ୍ଣପୁରବାସୀଙ୍କ ସମାଲୋଚନା, ଆନ୍ଦୋଳନ ଚେତାବନୀ**

ଗତ ସ୍ୱାଧୀନତା ଦିବସ ସମାରୋହରେ ସୁବର୍ଣ୍ଣପୁର ସଦର ମହକୁମାରେ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହିଳା ସ୍ୱାଧୀନତା ସଂଗ୍ରାମୀ ଗୁରୁବାରୀ ମେହେରଙ୍କ ଅବଦାନକୁ ସ୍ମରଣ କରିଥିଲେ। ହେଲେ ଚଳିତବର୍ଷ ବିଭାଗ ଦ୍ୱାରା ଆୟୋଜିତ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଏହି ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ଭୁଲିଯାଇଥିବାରୁ ସୁବର୍ଣ୍ଣପୁରବାସୀ ନାପସନ୍ଦ କରିଛନ୍ତି।

ସୂଚନା ଅନୁସାରେ, ବିନିକା ଅଞ୍ଚଳର ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀ ଗୁରୁବାରୀ ମେହେର ସ୍ୱାଧୀନତା ପାଇଁ ପୁଲିସ ବନ୍ଧୁକ ବନେଟ୍ ମାଡ଼ ଖାଇ ଗାଁ ଦାଣ୍ଡରେ ସହିଦ ହୋଇଥିଲେ। ସ୍ୱାଧୀନତା ପୂର୍ବରୁ ପୁରାତନ ସୋନପୁର ଗଡ଼ଜାତର ବିନିକା ଅଞ୍ଚଳରେ ପ୍ରଜା ଆନ୍ଦୋଳନ ଜୋର୍ ଧରିଥିଲା। ଦୀର୍ଘ ଦିନ ଧରି ଚାଲିଥିବା ଏକଚ୍ଛତ୍ରବାଦୀ ରାଜତନ୍ତ୍ର ବ୍ୟବସ୍ଥାକୁ ବିରୋଧ କରିବା ପାଇଁ ସ୍ଥାନେସ୍ଥାନେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା। ୧୯୩୮ ମସିହାରେ ପ୍ରଜାମଣ୍ଡଳ ଆନ୍ଦୋଳନ ପ୍ରଭାବ ସୋନପୁର ଗଡ଼ଜାତ ଅଞ୍ଚଳରେ ଜୋର୍ ଧରିଥିଲା। ୧୯୪୭ ଜାନୁଆରୀ ୩୦ରେ ବିନିକା ପ୍ରାଇମେରୀ ପ୍ରଜାମଣ୍ଡଳ ସଭାପତି ମୁରଲୀଧର ମିଶ୍ରଙ୍କ ସମେତ ଅନେକଙ୍କୁ ଗିରଫ କରାଯାଇଥିଲା। ଏହାକୁ ବିରୋଧ କରିବାରୁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଗୁରୁବାରୀ ମେହେର ମହିଳାଙ୍କ ନେତୃତ୍ୱ ନେଇଥିବା ବେଳେ ପୁଲିସର ବନେଟ୍ ମାଡ଼ରେ ଟଳି ପଡ଼ିଥିଲେ। ତାଙ୍କର ଅଦମ୍ୟ ସାହସକୁ ଅଞ୍ଚଳର ଲୋକମାନଙ୍କ ମନରୁ କେହି ଲିଭାଇପାରିବେ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ୨୫ ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ

ସଫଳ ଆଖୁ ଚାଷୀ ଭାବେ ପ୍ରଥମ ପୁରସ୍କାର ପ୍ରଦାନ ପାଇଁ ନିର୍ଦ୍ଦେଶ

କଟକ,୧୨।୧୨(ସମିସ): ଦୁଇ ଦଶନ୍ଧି ପୂର୍ବରୁ ଭଲ ଆଖୁ ଅମଳ ପାଇଁ ପ୍ରଥମ ପୁରସ୍କାର ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଥିବା ଜଣେ ଚାଷୀଙ୍କୁ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ପ୍ରସଙ୍ଗରେ ଦାୟର ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ୨୫ ବର୍ଷ ପରେ ଆବେଦନକାରୀ ସମ୍ପୃକ୍ତ ସଫଳ କୃଷକଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଥିବା ବେଳେ ୧୯୯୯-୨୦୦୦ ବର୍ଷ ପାଇଁ ପ୍ରଥମ ପୁରସ୍କାର ସ୍ୱରୂପ ୩୦ହଜାର ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନରେନ୍ଦ୍ର କୁମାର ମିଶ୍ରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପ୍ରଥମ ପୁରସ୍କାର ଦାବିକୁ ଅଗ୍ରାହ୍ୟ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆଖୁ ଚାଷୀଙ୍କୁ ଅମଳ ଭିତ୍ତିରେ ପ୍ରୋତ୍ସାହନ ରାଶି ପୂର୍ବକ ପ୍ରଥମ ପୁରସ୍କାର ୩୦ ହଜାର, ଦ୍ୱିତୀୟ ପୁରସ୍କାର ୨୫ ହଜାର ଓ ତୃତୀୟ ପୁରସ୍କାର ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ବନ୍ଧନୂଆଗାଁ ବ୍ଲକରେ ଥିବା ପ୍ରାୟ ଦେଢ଼ଏକର ଜମିରେ ଆବେଦନକାରୀ ଆଖୁଚାଷ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୨୦୦୦, ଫେବ୍ରୁଆରି ୩ରେ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ଜମିରୁ ଆଖୁ କଟାଯାଇଥିଲା ବେଳେ ଏଥିରେ ସେ ପ୍ରଥମ ହୋଇଥିଲେ ମଧ୍ୟ ଏହି ପୁରସ୍କାର ତାଙ୍କୁ ମିଳିନଥିଲା। ଆଖୁ ଫସଲ ହୋଇଥିବା ପ୍ଲଟ୍ ଆବେଦନକାରୀ, ତାଙ୍କ ବାପା ଓ ଭାଇଙ୍କ ନାଁରେ ମିଳିତ ଭାବେ ରେକର୍ଡଭୁକ୍ତ ଥିବା ଓ ୧୯୯୭-୯୮ରେ ତାଙ୍କ ବାପା ଏହି କ୍ଷେତ୍ରରେ ତୃତୀୟ ପୁରସ୍କାର ପାଇଥିବା କାରଣରୁ ଏହି ପୁରସ୍କାର ଦିଆଯାଇ ନଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ ପୂର୍ବରୁ ଜମିର ସବୁ ତଥ୍ୟ ଦାଖଲ କରିବା ପରେ ଆବେଦନକାରୀଙ୍କୁ ଅନୁମତି ମିଳିଥିଲା। ଏଥିସହ ଗୋଟିଏ ପରିବାରର ଜଣେ ସଦସ୍ୟ ପୂର୍ବରୁ ପୁରସ୍କାର ପାଇଥିଲେ ଅନ୍ୟ ଜଣେ ସଦସ୍ୟ ପ୍ରତିଯୋଗିତାରୁ ବାଦ୍ ପଡ଼ିବେ ବୋଲି ନିୟମାବଳୀରେ ଉଲ୍ଲେଖ ନଥିବା ବେଳେ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମହାତ୍ମା ଗାନ୍ଧୀଙ୍କ ପ୍ରତି ବିଜେପି ବିଧାୟକଙ୍କ ଅଶୋଭନୀୟ ମନ୍ତବ୍ୟ ପ୍ରସଙ୍ଗ

## ସନ୍ତୋଷଙ୍କ ବହିଷ୍କାର ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି




**ମହିଳାଙ୍କ ପ୍ରତି ଅଭଦ୍ରୋଚିତ ଟିପ୍ପଣୀ ପାଇଁ ମଧ୍ୟ ହେଉନି କାର୍ଯ୍ୟାନୁଷ୍ଠାନ**

**ମାଲକାନଗିରି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଦଳ**


ଭୁବନେଶ୍ୱର,୧୨।୧୨(ସମିସ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ବିଧାନସଭାରେ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ ମନ୍ତବ୍ୟ, ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଏବଂ ଅଶାନ୍ତ ମାଲକାନଗିରିର ସ୍ଥିତିକୁ ନିୟନ୍ତ୍ରଣ ଆଦି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି। ଶୁକ୍ରବାର ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଏ ସମ୍ପର୍କିତ ଘଟଣା ବିଷୟରେ ଅବଗତ କରାଇବା ସହ ଦାବିପତ୍ର ପ୍ରଦାନ କରିଛି।

ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିଜେଡି କହିଛି ଯେ ବିଧାନସଭାର ପବିତ୍ର ଗୃହରେ ଜାତିର ଜନକଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ ମନ୍ତବ୍ୟ ଦେଶବାସୀଙ୍କୁ ଆଘାତ ଦେଇଛି। ପୂର୍ବରୁ ଶ୍ରୀ ଖଟୁଆ ଗଣମାଧ୍ୟମରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ତାଙ୍କ ଚରିତ୍ର ସଂହାର କରିଥିଲେ। ଏହାର ପ୍ରତିବାଦରେ ରାଜ୍ୟ ମହିଳା କମିଶନ, ପୁଲିସ ମହାନିର୍ଦ୍ଦେଶକ, ଜାତୀୟ ମହିଳା କମିଶନ ଏବଂ ରାଷ୍ଟ୍ରପତିଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାବତ୍ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶ୍ରୀ ଖଟୁଆଙ୍କ ବିରୋଧରେ ଓଡ଼ିଶା ବିଧାନସଭାରେ ଏଥିକ୍ସ କମିଟି ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଉତ୍ତର ମିଳିପାରିନାହିଁ। ଅନ୍ୟ ରାଜ୍ୟରେ ଜନପ୍ରତିନିଧିଙ୍କ ଏଭଳି ଆଚରଣ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନର ନଜିର ରହିଥିବା ବେଳେ ଏଠାରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବା ସଂପର୍କରେ ରାଜ୍ୟପାଳଙ୍କୁ ବିଜେଡି ପ୍ରତିନିଧି ମଣ୍ଡଳୀ ଅବଗତ କରାଇଛି।

ଯଦି ଶ୍ରୀ ଖଟୁଆଙ୍କ ଭଳି ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଆନ୍ତା, ତେବେ ପୁଣି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ସେ ଅସମ୍ମାନ ପ୍ରଦର୍ଶନ କରିବା ପାଇଁ ସାହସ କରିନଥାନ୍ତେ। ତେଣୁ ତୁରନ୍ତ ଶ୍ରୀ ଖଟୁଆଙ୍କୁ ବିଧାନସଭାରୁ ବହିଷ୍କାର କରିବା ପାଇଁ ରାଜ୍ୟପାଳ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି।

ଏହାବ୍ୟତୀତ, ମାଲକାନଗିରିର ଅଶାନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ବିଷୟରେ ବିଜେଡି ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି। ପୁଲିସ୍ ଓ ପ୍ରଶାସନର ଉପସ୍ଥିତିରେ ମାଲକାନଗିରିରେ ଯେଉଁଭଳି ହିଂସା ସଂଘଟିତ ହେଲା, ତାହା ଅବର୍ଣ୍ଣନୀୟ। ଏହି ଘଟଣା ଶାନ୍ତିପ୍ରିୟ ଓଡ଼ିଶାର ଗରିମା କ୍ଷୁଣ୍ଣ କରିଛି। ଘଟଣାସ୍ଥଳକୁ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଗସ୍ତ ପରେ ମଧ୍ୟ ଜିଲ୍ଲାରେ ପରିସ୍ଥିତି ସ୍ୱାଭାବିକ ହୋଇପାରିନାହିଁ। ତେଣୁ ରାଜ୍ୟପାଳ ଏହି ଘଟଣାରେ ହସ୍ତକ୍ଷେପ କରି, ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ପ୍ରଦାନ କରନ୍ତୁ ବୋଲି ବିଜେଡି ଦାବି କରିଛି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାର, ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ପ୍ରମୁଖ ଲୋକଭବନରେ ରାଜ୍ୟପାଳଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।



ପୁଣି ମ୍ୟାଟ୍‌କୁ ଫେରିବେ ଫୋଗଟ
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-167 ◆SATURDAY ◆13 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୬୭ ◆ଶନିବାର ◆୧୩ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ପ୍ରଥମଥର ହେବ ଡିଜିଟାଲ ଜନଗଣନା



ବ୍ୟକ୍ତି ପିଛା ଖର୍ଚ୍ଚ ହେବ ୯୭ ଟଙ୍କା

ଦୁଇଟି ପର୍ଯ୍ୟାୟରେ ହେବ ଜନଗଣନା

## ୨୦୨୭ ଜନଗଣନା ପାଇଁ ୧୧ ହଜାର ୭୧୮ କୋଟି ଟଙ୍କା ମଞ୍ଜୁର

■ ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଦେଶରେ ପ୍ରଥମଥର ପାଇଁ ଜନଗଣନା ଡିଜିଟାଲ ହେବାକୁ ଯାଉଛି। ୨୦୨୭ ଜନଗଣନା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୧,୭୧୮. ୨୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜଣେ ବ୍ୟକ୍ତି ପାଇଁ ଜନଗଣନା ବାବଦରେ ୯୭ ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ୨୦୧୧ ଜନଗଣନା ବେଳେ ଦେଶର ଲୋକସଂଖ୍ୟା ୧୨୧ କୋଟି ଥିଲା। ଯଦି ଏହାକୁ ଆଧାର କରି ବିଚାର କରାଯାଏ ତେବେ, ଜଣେ ବ୍ୟକ୍ତିଙ୍କ ପାଇଁ ଜନଗଣନା ବାବଦରେ ୯୭ ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଏବେ ଦେଶର ଲୋକସଂଖ୍ୟା ଆନୁମାନିକ ଭାବେ ୧୫୦ କୋଟିରେ ପହଞ୍ଚିଛି। ତେଣୁ ଏହାକୁ ବିଚାର କଲେ ପ୍ରତି ବ୍ୟକ୍ତିଙ୍କ ପାଇଁ ୭୮ ଟଙ୍କା ଖର୍ଚ୍ଚ ହେବ। ଏହି ଜନଗଣନା ପାଇଁ ୩୦ ଲକ୍ଷ କର୍ମଚାରୀଙ୍କୁ ନିୟୋଜନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସିଏଏସ୍ ସଫ୍ଟୱେୟାର ବ୍ୟବହାର କରି ଡିଜିଟାଲ ଜନଗଣନା ହେବ। ଜନଗଣନାର ଡିଜିଟାଲ ଡିଜାଇନ୍ ତଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଦୁଇଟି ପର୍ଯ୍ୟାୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ପରିବାରର ତାଲିକା ତିଆରି କରାଯିବ ଓ ଘରଗୁଡିକର ଗଣନା କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀରେ ଜନସଂଖ୍ୟାର ଗଣନା କରାଯିବ ବୋଲି ସେ କହିଛନ୍ତି। ମୋବାଇଲ ଆପ ମାଧ୍ୟମରେ ଡାଟା ସଂଗ୍ରହ କରାଯିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ନିର୍ଭୁଲ କରିବା ପାଇଁ ଏକ କେନ୍ଦ୍ରୀୟ ପୋର୍ଟାଲରୁ ଏହାକୁ ତଦାରଖ କରାଯିବ ବୋଲି କୁହାଯାଇଛି। ୨୦୨୭ର ଜନଗଣନା ଦେଶର ୧୬ତମ ଓ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ।

# ରାତିରେ ଶୀତର 'କର୍ଫ୍ୟୁ'

## ୧୦ ତଳକୁ ଖସିଲା ୧୫ ସହରରେ ପାରଦ



■ ଭୁବନେଶ୍ୱର, ୧୨।୧୨ (ସମିସ): ସାରା ରାଜ୍ୟରେ ଏବେ ଶୀତ କର୍ଫ୍ୟୁ। ରାତି ବଢ଼ିବା ସାଙ୍ଗକୁ ବଢ଼ୁଛି ଥଣ୍ଡା, ଖସୁଛି ପାରଦ । କ୍ରମାଗତ ଭାବେ ତାପମାତ୍ରା ତଳମୁହାଁ ହେତୁ ରାଜ୍ୟରେ ୭ ଦିନ ହେବ ଲାଗି ରହିଥିବା ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ଅପରିବର୍ତ୍ତିତ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୨ ସହରରେ ତାପମାତ୍ରା ୩ ଡିଗ୍ରୀକୁ ଖସିଛି ଓ୍ ୧୫ ଟି ସହର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ୩.୧ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି ଓ ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ରେକର୍ଡ ହୋଇଛି। ଅନୁରୂପ ଭାବରେ ଫୁଲବାଣୀରେ ୫.୫, ଦାରିଙ୍ଗବାଡ଼ି ୬.୫, ଚିପିଲିମା ୬.୬, ଝାରସୁଗୁଡ଼ା ୭.୧, ରାଉରକେଲା ୭.୨, ଭବାନୀପାଟଣା ୭.୫, କୋରାପୁଟ ୮.୧, କିରେଇ ୮.୪, ଅନୁଗୁଳ ୮.୬, ବଲାଙ୍ଗିର ୯, ନବରଙ୍ଗପୁର ୯.୨, କେନ୍ଦୁଝର ୯.୬ ଓ ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ରେକର୍ଡ କରାଯାଇଛି।

### ଜି.ଉଦୟଗିରିରେ ୩.୧, ସେମିଳିଗୁଡ଼ାରେ ୩.୬

### ପ୍ରବଳ ଜାଡ଼ ପାଇଁ ୯ ଜିଲ୍ଲାକୁ ସତର୍କତା ଜାରୀ

ଜାରି ରହିଥିବା ଶୀତ ଲହରୀ ସ୍ଥିତି ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନା ରହିଛି। ଏହାପରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଲେ ମଧ୍ୟ ଶୀତର ପ୍ରଭାବ ବିଶେଷ କମିବ ନାହିଁ ବୋଲି ଆକଳନ ▶ପୃଷ୍ଠା-୭

# ସରିଲା ବିଧାନସଭା; ଥମୁନି ଶିକ୍ଷକ ଆନ୍ଦୋଳନ

## ରାଜଧାନୀରେ ଗର୍ଜିଲେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନପ୍ରାପ୍ତ ଶିକ୍ଷକ

■ ଭୁବନେଶ୍ୱର, ୧୨।୧୨ (ସମିସ): ବିଧାନସଭା ଅଧିବେସନ ସରିବାକୁ ୩ ଦିନ ବିତିଥିଲେ ମଧ୍ୟ ଶିକ୍ଷକ ଆନ୍ଦୋଳନ ଥମିବାର ନା ନେଉନି। ପ୍ରତିଦିନ ବିଭିନ୍ନ ଶିକ୍ଷକ ସଂଗଠନ ଆନ୍ଦୋଳନକୁ ଆସି ସରକାର ଦେଇଥିବା ପ୍ରତିଶ୍ରୁତିକୁ ପାଳନ

### ନିୟମିତ ଦାବିରେ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ବିକ୍ଷୋଭ

କରନ୍ତୁ ବୋଲି ନାରାବାଜି କରୁଛନ୍ତି। ଏକାଧିକ ସଂଗଠନ ଆହୋରାତ୍ର ଧାରଣା ଦେଉଛନ୍ତି। ମୁଖ୍ୟାଳୟ ଛାଡ଼ି ରାଜଧାନୀ ବିକ୍ଷୋଭରେ ସାମିଲ ହେଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ତାଲିକା ମାଗି




ଗଣଶିକ୍ଷା ବିଭାଗ ନାଲିଆଖି ଦେଖାଇଥିଲେ ମଧ୍ୟ ଆନ୍ଦୋଳନରେ ବ୍ରେକ୍ ଲାଗୁ ନ ଥିବାରୁ ସରକାରଙ୍କ ଶୀରପିଡ଼ା ବଢ଼ୁଛି।

ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ (+୨ ଓ +୩) ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଶୁକ୍ରବାର ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଗର୍ଜିଛନ୍ତି। ସେମାନଙ୍କ ଏକମାତ୍ର ଦାବି ଭାବେ 'ସରକାରୀ ଅନୁଦାନ ପ୍ରଦାନ' କରିବାକୁ ଦାବି କରିବା ସହ ସରକାର ସେମାନଙ୍କ ସହ ପ୍ରତାରଣା କରୁଥିବା ଅଭିଯୋଗ ▶ପୃଷ୍ଠା-୭

# ସର୍ଭିସ ବନ୍ଧୁକରୁ ନିଜକୁ ଗୁଳିକଲେ ଯବାନ

■ ନୂଆପଡା, ୧୨।୧୨ (ସମିସ):ନୂଆପଡା ଜିଲ୍ଲା କୋମନା ଥାନା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥାପିତ ଥିବା ଢେକୁନପାନି ସିଆର୍‌ପିଏଫ କ୍ୟାମ୍ପରେ କାର୍ଯ୍ୟରତ ଯବାନ ଗୋପିନାଥ ଶବର(୩୫) ନିଜର ସର୍ଭିସ ରିଭଲଭରରେ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡିଛି। ଯବାନଙ୍କ ଘର ଖଡିଆଳ ଥାନା ବରଗାଁ ପଞ୍ଚାୟତର ଘରଧରା ଗାଁ ବୋଲି ଜଣାପଡିଛି। ପ୍ରାପ୍ତ ଖବର ଅନୁଯାୟୀ ଆଜିକୁ ଦଶ ବର୍ଷ ତଳେ ବିବାହିତ ଗୋପିନାଥ ଦୀର୍ଘ ଦିନ ଧରି ସିଆର୍‌ପିଏଫରେ ନିୟୋଜିତ ହୋଇଥିଲେ। ଢେକୁନପାନୀ କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ଶୁକ୍ରବାର ମଧ୍ୟାହ୍ନରେ କ୍ୟାମ୍ପରେ ନିଜର ସର୍ଭିସ ରିଭଲଭରରେ ଗୁଳିକରି ନିଜର ଜୀବନ ହାରିଛନ୍ତି। ପରେ ଅଧିକାରୀମାନେ ଯାଇ ଦେଖିବାପରେ ମୃତ ଦେହକୁ ଉଦ୍ଧାର କରି ▶ପୃଷ୍ଠା-୭






# ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା; ୩ ଆରୋହୀ ମୃତ



■ କେନ୍ଦୁଝର/ଘଟଗାଁ, ୧୨।୧୨(ସମିସ): କେନ୍ଦୁଝର ଜିଲ୍ଲାର ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ଫାଣ୍ଡିର ସାରୁପାଟ ଗ୍ରାମ ନିକଟରେ ଶୁକ୍ରବାର ସନ୍ଧ୍ୟା ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ, ଅସନବାହାଳି ଗ୍ରାମର ଦୁଃଶାସନ ବାରିକ, ବଳଭଦ୍ରପୁର ଗ୍ରାମର ମନ ଦଳେଇ ଓ ଲକ୍ଷ୍ମଣ ସେନାପତି। ଗୁରୁତରଙ୍କୁ କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ସନ୍ଧ୍ୟା ସମୟରେ ବାଇକ୍‌ରେ ତିନି ଜଣ ଓ ସ୍କୁଟିରେ ଦୁଇଜଣ ଯାଉଥିବା ବେଳେ ସାରୁପାଟ ଗ୍ରାମ ନିକଟରେ ମୁହାମୁହିଁ ଧକ୍କା ହୋଇଥିଲା। ଘଟଗାଁ ପୁଲିସ ପହଞ୍ଚି ମୃତଦେହ ଏବଂ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## କେନ୍ଦ୍ର କ୍ୟାବିନେଟ ଦେଲା ମଞ୍ଜୁରୀ

# ବୀମା କ୍ଷେତ୍ରରେ ୧୦୦% ଏଫ୍‌ଡିଆଇ




### ଭାରତୀୟ ବଜାରକୁ ଆସିବେ ବିଦେଶୀ କମ୍ପାନୀ

### ଗ୍ରାହକଙ୍କୁ ମିଳିବ ପଲିସି ବିକଳ୍ପ

■ ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଭାରତୀୟ ବୀମା ବଜାରକୁ ଆସିବେ ବିଦେଶୀ କମ୍ପାନୀ। ଏଥିପାଇଁ କେନ୍ଦ୍ର ସରକାର ଦେଶର ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମା ୧୦୦%କୁ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହାସହିତ ବୀମା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ କିଛି ପ୍ରମୁଖ ଢାଞ୍ଚାଗତ ସଂସ୍କାରକୁ ମଧ୍ୟ ଅନୁମୋଦନ ମିଳିଛି।

ବୀମା କ୍ଷେତ୍ରରେ ଶତ ପ୍ରତିଶତ ଏଫ୍‌ଡିଆଇ ଭାରତୀୟ ବୀମା ବଜାରରେ ଗୁରୁତ୍ୱପୂର୍ଣ୍ଣ ବିଦେଶୀ ନିବେଶ ଆଣିବା ଆଶା କରାଯାଉଛି। ଫଳରେ ବିଦେଶୀ କମ୍ପାନୀଗୁଡ଼ିକ ଭାରତରେ ସମ୍ପୂର୍ଣ୍ଣ ଭାବରେ ବୀମା ବ୍ୟବସାୟ କରିପାରିବେ। ଏହା ବଜାରରେ ପ୍ରତିଯୋଗିତା ବୃଦ୍ଧି କରିବ ଏବଂ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବ। ଏହି ବିଲ୍ ଡିସେମ୍ବର ୧୯ରେ ଶେଷ ହେଉଥିବା ସଂସଦର ଚଳିତ ଶୀତକାଳୀନ ଅଧିବେଶନରେ ଆଗତ ହେବ। ଆହୁରିମଧ୍ୟ ବିଦେଶୀ ବୀମା କମ୍ପାନୀଗୁଡ଼ିକ ଲୋକମାନଙ୍କୁ ଅଧିକ ବୀମା ବିକଳ୍ପ ପ୍ରଦାନ କରିବେ ଏବଂ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସଠିକ୍ ପଲିସି ବାଛିପାରିବେ। ଏହାସହିତ, ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ବୃଦ୍ଧି ପାଇବ, ▶ପୃଷ୍ଠା-୭

## ଟୋକନ୍ ସମସ୍ୟାକୁ ନେଇ ରାସ୍ତାରୋକ

# ରାସ୍ତାରେ ଗର୍ଜିଲେ ଚାଷୀ, ଉଠାଇନେଲା ପୁଲିସ



### ଟୋକନ ଇସ୍ୟୁ କରୁନାହାନ୍ତି ସରକାର

### ଆସୁନି ଦ୍ୱିତୀୟ ଟୋକନ; ପ୍ରଥମଥର ବିକ୍ରୟ କରି ଧାନ ଜଗି ବସିଛି ଚାଷୀ

■ ସମ୍ବଲପୁର, ୧୨।୧୨ (ସମିସ): ଖରିଫ ଧାନ ବିକ୍ରୟ ପାଇଁ ତୁରନ୍ତ ସମସ୍ତ ଟୋକନ ଇସ୍ୟୁ ଦାବିକରି ଆଜି ସମ୍ବଲପୁର ଜିଲ୍ଲାର ଚାଷୀମାନେ ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଏବଂ ଧମା ବାଲପୁର-ହୁମା ଛକରେ ରାସ୍ତା ଅବରୋଧ କରିଥିଲେ। ଟୋକନ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ଶହ ଶହ ସଂଖ୍ୟାରେ ଟ୍ରକ୍ ଅଟକି ରହିଥିଲା। ତେବେ, ସରକାର ଚାଷୀଙ୍କ ଦୁଃଖ ନଶୁଣି ଆଜି ସନ୍ଧ୍ୟାରେ ପୋଲିସ ଲଗାଇ ଚାଷୀମାନଙ୍କୁ ଉଠାଇ ନେଇଛନ୍ତି। ଚାଷୀମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବାସହ ସ୍କୁଲ ବସ, ବ୍ୟକ୍ତିଗତ ଗାଡ଼ି, ଆମ୍ବୁଲାନ୍ସ ଆଦିକୁ ଯିବାକୁ ଦେଉଥିବାବେଳେ କେବଳ ଅର୍ଥନୈତିକ ଅବରୋଧ କରିଥିଲେ। ଆନ୍ଦୋଳନକାରୀ ଚାଷୀଙ୍କ ଉପରେ ଏଭଳି ଜୁଲୁମ୍‌କୁ ସବୁ ମହଲରେ ନାପସନ୍ଦ କରାଯାଉଛି।

ସମ୍ବଲପୁର ଜିଲ୍ଲା ଡିଏଲପିସି ବୈଠକ ନିଷ୍ପତ୍ତି ଅନୁଯାୟୀ ନଭେମ୍ବର ୨୮ ତାରିଖରୁ ମଣ୍ଡି ଖୋଲିଛି। ତେବେ ଧାନକିଣା ବ୍ୟବସ୍ଥିତ ହୋଇପାରିନାହିଁ। ଡିସେମ୍ବର ୧ ତାରିଖ ଚାଷୀଙ୍କ ଅର୍ଥନୈତିକ ଅବରୋଧ ପରେ ରାତାରାତି ମିଲର୍ ▶ପୃଷ୍ଠା-୭

# ସ୍ତ୍ରୀକୁ ନିଆଁରେ ପୋଡି ହତ୍ୟା ଅଭିଯୋଗ, ଥାନାରେ ସ୍ୱାମୀ ଅଟକ

## ଅର୍ଦ୍ଧ ଦଗ୍ଧ ଶବ ଉଦ୍ଧାର କଲା ପୁଲିସ



ବେଲପଡା, ୧୨ ।୧୨ (ସମିସ): ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ୍ ମଧୁପୁର ପଞ୍ଚାୟତ କଟାପାଲି ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନିଜ ସ୍ତ୍ରୀକୁ ସ୍ୱାମୀ ନିଆଁରେ ପୋଡି ମାରିଦେଇଥିବା। ମହିଳାଙ୍କ ବାପ ଘର ଲୋକ ବେଲପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ସ୍ୱାମୀକୁ ପିଣ୍ଟୁ ପରୁଆକୁ ପୁଲିସ ଥାନାରେ ଅଟକରଖି ପଚରା ଉଚରା କରୁଥିବା ବେଳେ ଗାଁରେ ସାଇଣ୍ଟିକଫିକ ଟିମ୍ ସହ ପୁଲିସ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଏହା ହତ୍ୟା ନା ଅନ୍ୟ କିଛି ପୁଲିସ ତଦନ୍ତ ପରେ ଜଣାପଡିବ। ମିଳିଥିବା ସୂଚନା ଅନୁସାରେ ବେଲପଡା ଥାନା ବୁଡାମୁଣ୍ଡା ଗାଁର ବୁଲାବତୀ ନାଏକକୁ ଗତ ୧୧.୪.୨୪ ତାରିଖରେ ରୀତିନୀତିରେ ବିବାହ କରିଥିଲେ କଟାପାଲିଗାଁର ଶତ୍ରୁଘନ ପରୁଆଙ୍କ ପୁଅ ପିଣ୍ଟୁ ପରୁଆ।ପିଣ୍ଟୁ ମଦ୍ୟପାନ କରୁଥିବା ବେଳେ ବିଭିନ୍ନ ସମୟରେ ସ୍ତ୍ରୀ ସହ ଝଗଡା କରୁଥିଲେ। ତାଙ୍କର ୧୦ ମାସର ଏକ ପୁଅ ମଧ୍ୟ ରହିଛି। ବୁଲାବତୀଙ୍କ ମାଆ ପୁରାଣ ବତୀ ନାଏକ କହିବା ଅନୁସାରେ ଗୁରୁବାର ରାତିରେ ଝିଅ ସହ ଭିଡିଓ କଲରେ କଥାବାର୍ତ୍ତା କରିଥିଲେ। ଝିଅ ହସ ଖୁସିରେ କଥା ହୋଇଥିଲା କିନ୍ତୁ ସକାଳେ ଜାଣିବାକୁ ପାଇଲେ ଯେ ଝିଅ ପୋଡି ମରିଯାଇଛି। ତୁରନ୍ତ ପରିବାର ଲୋକ କଟାପାଲି ଗାଁରେ ପହଁଞ୍ଚି ଥିଲେ। ଝିଅର ଅର୍ଦ୍ଧଦଗ୍ଧ ପୋଡା ଦେହ ଦେଖି ଝିଅକୁ ହତ୍ୟା କରି ମାରି ଦେଇଥିବା ଅଭିଯୋଗ ଆଣି ବେଲପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୁଲିସ ସାଇଣ୍ଟିକଫିକ ଟିମ୍ ଘଟଣା ସ୍ଥଳରେ ପହଁଞ୍ଚି ପଚରାଉଚରା କରିଥିଲେ। ମାଜିଷ୍ଟ୍ରେଟ ଭାବେ ଥିବା ବେଲପଡା ତହସିଲଦାର ଅଭିଷେକ କିସାନଙ୍କ ଉପସ୍ଥିତରେ ଅଭିଯୁକ୍ତ କୁହାଯାଉଥିବା ସ୍ୱାମୀଙ୍କ ବୟାନ ସଂଗ୍ରହ କରିଥିଲେ ବେଲପଡା ଆଇଆଇସି ଅନନ୍ତ ପଧାନ। ତଦନ୍ତ ପରେ ଶବକୁ ପୁଲିସ ଜବତ କରି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।ଅନ୍ୟପଟେ ସ୍ୱାମୀ ପିଣ୍ଟୁକୁ ପଚରାଇବାରୁ ମୁ କିଛି ଜାଣିନାହିଁ ସ୍ତ୍ରୀ ବାରିପଟେ ପୋଡି ଯାଇ ପଡ଼ିଥିବା ଦେଖିବାକୁ ପାଇଲି ବୋଲି କହିଛନ୍ତି।

## ପୌରପରିଷଦର କଡ଼ା ଅଭିମୁଖ୍ୟ

# ସିଲ୍ ହେଲା ବ୍ଲୁ ଲାଗୁନ ମ୍ୟାରେଜ ପ୍ୟାଲେସ

ବଲାଙ୍ଗିର,୧୨ ।୧୨(ସମିସ)

ବଲାଙ୍ଗିର ସହରରେ ନିୟମ ଖିଲାପକାରୀ ବଡ ବ୍ୟବସାୟିକ ପ୍ରତିଷ୍ଠାନ ନିୟମାନୁସାରେ ଅନୁମତି କିମ୍ବା ଆବଶ୍ୟକ କାଗଜପତ୍ର ନଥିଲେ ସିଲ କରିବାକୁ ନିର୍ଦ୍ଦେଶ ଦେଇଛି ପୌର ପ୍ରଶାସନ। ଶୁକ୍ରବାର ବଲାଙ୍ଗିର ସହରର ମୁଖ୍ୟ ଅଞ୍ଚଳ ବ୍ରାହ୍ମଣପଡା ରାସ୍ତାରେ ଥିବା ବ୍ଲୁ ଲାଗୁନ ମ୍ୟାରେଜ ପ୍ୟାଲେସକୁ ସିଲ କରିଛି ପୌର ପ୍ରଶାସନ। ଉକ୍ତ ମ୍ୟାରେଜ ପ୍ୟାଲେସର କାଗଜପତ୍ର ଠିକ ନଥିବା ବେଳେ ଏହାର ପରିସର ଭିତରେ କିଛି ସରକାରୀ ଜାଗା ମଧ୍ୟ ରହିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ଏହି ମ୍ୟାରେଜ ପ୍ୟାଲେସ ମାଲିକଙ୍କ ଥିବା ଆଉ ଦୁଇଟି ହୋଟେଲର ମଧ୍ୟ କାଗଜପତ୍ର ଯାଞ୍ଚ ଚାଲିଥିବା ଜଣାପଡିଛି। ଏହିଭଳି ସହରରେ ଥିବା ସମସ୍ତ ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନର ଅନୁମତି ଓ କାଗଜପତ୍ର ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି।

ବଲାଙ୍ଗିର ସହରରେ ନିୟମ ଖିଲାପକାରୀ ବଡ ବ୍ୟବସାୟୀଙ୍କ ବିରୋଧରେ ପୌର ପ୍ରଶାସନର କଡା ଆଭିମୁଖ୍ୟ। ସହରରେ ଥିବା ହୋଟେଲ, ଘରୋଇ ମ୍ୟାରେଜ ପ୍ୟାଲେସ, ରେଷ୍ଟୁରାଣ୍ଟ, ସପିଂ ମଲ ଭଳି ବଡ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ଆବଶ୍ୟକ ଥିବା କାଗଜପତ୍ର ତଥା ଅନୁମତି ନଥିଲେ ଉକ୍ତ ପ୍ରତିଷ୍ଠାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି ପୌର ପ୍ରଶାସନ। ସହରରେ ଏହିଭଳି ଅନେକ ବଡ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି ଯେଉଁମାନଙ୍କର କି ଅନୁମତି ନାହିଁ, ଅନେକ ଡ୍ରେନ ତଥା ସରକାରୀ ଜାଗାକୁ ମାଡି ବସି ନିଜ ଅକ୍ତିଆରରେ ରଖିଛନ୍ତି। ସେହିଭଳି ପ୍ରତିଷ୍ଠାନର ଏକ ତାଲିକା ପ୍ରସ୍ତୁତ କରାଯାଇଥିବା ଜଣାପଡିଛି। ଆସନ୍ତା ୩୧ ତାରିଖ ସୁଦ୍ଧା ଏହି ସବୁ ପ୍ରତିଷ୍ଠାନର କାଗଜପତ୍ର ଓ ଅନୁମତି ତଥା ଅନ୍ୟ ଦିଗକୁ ତନ୍ନ ତନ୍ନ କରି ଯାଞ୍ଚ କରାଯିବ। ଯଦି କିଛି ସମସ୍ୟା ରହିଥାଏ ତେବେ ତାକୁ ସିଲ କରାଯିବ ବୋଲି ଜଣାପଡିଛି। ଏହିକ୍ରମରେ ଶୁକ୍ରବାର ଏହି ଅଭିଯାନ ଆରମ୍ଭ କରିଛି ପୌର ପରିଷଦ। ପ୍ରଥମ ପର୍ଯ୍ୟାୟରେ ବ୍ରାହ୍ମଣପଡା ଠାରେ ଥିବା ବ୍ଲୁ ଲାଗୁନ ମ୍ୟାରେଜ ପ୍ୟାଲେସର କାଗଜପତ୍ର ଯାଞ୍ଚ କରାଯାଇଥିବା ବେଳେ ମାଲିକ ପାଖରେ ତାହା ନଥିବା ଜଣାପଡିଥିଲା। ସେହିପରି ଉକ୍ତ ମ୍ୟାରେଜ ପ୍ୟାଲେସ ଅକ୍ତିଆରରେ କିଛି ପରିମାଣର ସରକାରୀ ଜମି ମଧ୍ୟ ରହିଥିବା ଯାଞ୍ଚ ପରେ ଜଣାପଡିଥିଲା। ଯାହାଫଳରେ ଉକ୍ତ ମ୍ୟାରେଜ ପ୍ୟାଲେସକୁ ସିଲ କରାଯାଇଛି। ସେହିପରି ଉକ୍ତ ମ୍ୟାରେଜ ପ୍ୟାଲେସ ମାଲିକଙ୍କ ମାଲିକାନାରେ ଅଉ ଦୁଇଟି ହୋଟେଲ ମଧ୍ୟ ରହିଛି। ଉକ୍ତ ହୋଟେଲର ମଧ୍ୟ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଥିବା ବେଳେ ଯଦି କିଛି ନିୟମ ଖିଲାପୀ ପ୍ରମାଣ ମିଳେ ତେବେ ତାହା ମଧ୍ୟ ସିଲ ହେବ ବୋଲି ପୌରନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୌର ପରିଷଦ ସହରରେ ଥିବା ଏହିଭଳି ପ୍ରାୟ ୬୫ବଡ ବ୍ୟବସାୟିକ ପ୍ରତିଷ୍ଠାନର ତାଲିକା ପ୍ରସ୍ତୁତ କରିଥିବା ଜଣାପଡିଛି। ଯାହାକି ଆସନ୍ତା ୩୧ ତାରିଖ ସୁଦ୍ଧା ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି। ସୂଚନା ଯୋଗ୍ୟ ଯେ ପ୍ରଶାସନିକ ଅବହେଳା ଯୋଗୁ ବଲାଙ୍ଗିର ସହରରେ ଥିବା ପ୍ରାୟ ୯୦ ପ୍ରତିଶତ ବଡ ବ୍ୟବସାୟିକ ପ୍ରତିଷ୍ଠାନର କାଗଜପତ୍ର ଠିକ ନାହିଁ।କିଏ ସରକାରୀ ଜମି ମାଡିଛି ତ ଆଉ କିଏ ଡ୍ରେନ ଉପରେ ନିର୍ମାଣ କରି ବ୍ୟବସାୟ ଚଳାଇଛି। କାହାର ଅଗ୍ନିଶମ ନିରାପତ୍ତା ପ୍ରମାଣପତ୍ର ନାହିଁ କାହା ପାଖରେ ଟାଉନ ପ୍ଲାନିଂ ଆପ୍ରୁଭାଲ ନାହିଁ। ବିଳମ୍ବରେ ହେଲେ ମଧ୍ୟ ପୌରପରିଷଦ ଚେଇଁଥିବାରୁ ଲୋକେ ସ୍ୱାଗତ କରିଛନ୍ତି। ପୌର ପରିଷଦର ଏହି ଅଭିଯାନ କେବଳ ଧର୍ମକୁ ଆଖି ଠାର ନହୋଇ ନିୟମ। ଖିଲାପକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

- ୬୫ ବ୍ୟବସାୟିକ ପ୍ରତିଷ୍ଠାନ ତାଲିକା ପ୍ରସ୍ତୁତ
- ଆବଶ୍ୟକ କାଗଜପତ୍ର ଅନୁମତି ନଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ

## ବିଶ୍ରାମ୍ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବଲାଙ୍ଗିର,୧୨ ।୧୨(ସମିସ): ବିଶ୍ରାମ୍ ବିଦ୍ୟା ମନ୍ଦିର ବିଦ୍ୟାଳୟସ୍ତରୀୟ ଏବଂ ଆନ୍ତଃବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ଗତ ୧୦ରୁ ୧୨ ଡିସେମ୍ବର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମଲେଶ୍ୱରୀ ମନ୍ଦିରରୁ ବିଶ୍ରାମ୍ ବିଦ୍ୟାମନ୍ଦିର, ଖୁଜେନପାଲି ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଏବଂ ମାରାଥନ ଦୌଡ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ତଥା ଆନ୍ତଃବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସିନିଅର ବାଳକ ବିଭାଗରେ ପ୍ରତୀକ ଦଳାଇ ଓ ରୋହନ ଭୋଇ ଗ୍ରୁପ ଚାମ୍ପିଅନ ହୋଇଥିବା ବେଳେ ସିନିଅର ବାଳିକା ବିଭାଗରେ ଜ୍ୟୋସ୍ନା ପ୍ରିୟଦର୍ଶିନୀ ଭାଟି ଗ୍ରୁପ୍ ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ବିଶ୍ରାମ୍ ଚେତନା ପରିଷଦର ସାଧାରଣ ସଂପାଦକ ତଥା ବିଦ୍ୟାମନ୍ଦିରର ଅଧ୍ୟକ୍ଷ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଜୀ, ବିଦ୍ୟା ମନ୍ଦିର ସମ୍ପାଦକ ନବୀନ କୁମାର ବେଦବାକ୍, ବିଦ୍ୟା ମନ୍ଦିର ପ୍ରାଚାର୍ଯ୍ୟ ଡଃ ସୁଶାନ୍ତ ପ୍ରଧାନ, ନିର୍ଦ୍ଦେଶିକା ମାଁ ଶ୍ରଦ୍ଧାମୂର୍ତ୍ତି, ପ୍ରଧାନ ଆଚାର୍ଯ୍ୟ ତରୁଣ ତ୍ରିପାଠୀ, ମୁଖ୍ୟଆଚାର୍ଯ୍ୟ କଳାକାହ୍ନୁ ସାହୁ, ବିଦ୍ୟା ମନ୍ଦିର ଜୟପାଟଣା, କଳାହାଣ୍ଡି ପ୍ରଧାନ ଆଚାର୍ଯ୍ୟ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସଂଯୋଜକ ସମ୍ବିତ୍ କୁମାର ସଂଯୋଜନା କରିଥିଲେ। ଅବସର୍ପ୍ରାପ୍ତ ବରିଷ୍ଠ ଖେଳ ଶିକ୍ଷକ ରାମ ନାରାୟଣ ଯୋଷୀ, ମନୋରଞ୍ଜନ ହୋତା, ବିଦ୍ୟାମନ୍ଦିରର ଖେଳ ଶିକ୍ଷକ ବିମଳ ସ୍ୱାଇଁ ଏବଂ ଅଭିଜିତ ମିଶ୍ର ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ।

## ଆୟୁଷ ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ

- ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘର ସମର୍ଥନ



ବଲାଙ୍ଗିର, ୧୨ ।୧୨ (ସମିସ): ବଲାଙ୍ଗିର ସରକାରୀ ଆୟୁର୍ବେଦ କଲେଜ ସମ୍ମୁଖରେ ନିଖିଳ ଓଡିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ୮ ଦଫା ଦାବି ନେଇ ଆମରଣ ଅନଶନ ଚଳାଇଛନ୍ତି। ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ସଭାପତି ରତନ କୁମାର ମହାରଣାଙ୍କ ନେତୃତ୍ୱରେ ଉପସଭାପତି ରାଜ କିଶୋର ଦାଶ, ସଂପାଦକ ଡ.ସୁକାନ୍ତ ପୁରୋହିତ, ସହସଂପାଦକ ପ୍ରଦୀପ କୁମାର ମିଶ୍ର, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାଏ, ପରିଚାଳନା କମିଟି ସଭ୍ୟ ମୋହନ ଗୋପାଳ ପଣ୍ଡା, ସଲିମ ଖାନ, ନରେନ୍ଦ୍ର ଆଚାର୍ଯ୍ୟ, ସତ୍ୟନାରାୟଣ ପଣ୍ଡା, ଡ.ସିଦ୍ଧେଶ୍ୱର ମିଶ୍ର,ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଅମରଦୀପ ପାଣିଗ୍ରାହୀ ଓ ଭଗବାନ ବଗର୍ତ୍ତି ସାକ୍ଷାତ କରି ଆୟୂଷ ଛାତ୍ର ସଂଗଠନର ଏହି ଦାବି ପ୍ରତି ଦୃଢ ସମର୍ଥନ ଜଣାଇଛନ୍ତି। ଓପିଏସ୍‌ସି ମାଧ୍ୟମରେ ନୂଆ ସ୍ଥାୟୀ ଆୟୁଷ ମେଡିକାଲ ଅଫିସର ପଦବୀ ସୃଷ୍ଟି କରିବା, ଉଚ୍ଚ ଶିକ୍ଷା ସୁବିଧା ପାଇଁ ପିଜି ଓ ପିଏଚ୍‌ଡି ସିଟ୍ ବଢାଇବା ଓ ହାଉସ ସର୍ଜନ ପାଇଁ ଷ୍ଟାଇପେଣ୍ଡ ବୃଦ୍ଧି ଦାବି ଯଥାର୍ଥ ବୋଲି ସଂଘ ଗୁରୁତ୍ୱାରୋପ କରିଛି। ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ୮ଦଫା ଦାବି ଯଥାଶିଘ୍ର ପୂରଣ କରିବାକୁ ଜିଲ୍ଲାପାଳଙ୍କ ଜରିଆରେ ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ମହିଳାଙ୍କ ମୃତଦେହ ଉଦ୍ଧାର

ସଇଁତଳା,୧୨ ।୧୨(ସମିସ): ସଇଁତଳା ଥାନା ବଡ଼ମାଳ ଫାଣ୍ଡି ପେଣ୍ଡାମାଲ ଗାଁର ଏକ ଘର ଭିତରେ ମହିଳାଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ସଇଁତଳା ଥାନା ବଡ଼ମାଳ ଫାଣ୍ଡି ପେଣ୍ଡରମାଲ ଗାଁର ଅଗସ୍ତି ବାଗଙ୍କ ସ୍ତ୍ରୀ ଲକ୍ଷ୍ମୀ ବଗର୍ତ୍ତି। ସ୍ୱାମୀ ଅଗସ୍ତି ବାହାର ରାଜ୍ୟକୁ କାମ କରିବା ପାଇଁ ଯାଇଥିବା ବେଳେ ଗାଁରେ ମହିଳା ଓ ତାଙ୍କ ସାନ ଝିଅ ସହ ରହୁଥିଲେ। ତେବେ ଆଜି ସକାଳୁ କିଛି ଲୋକେ ତାଙ୍କ ଘର ପାଖକୁ କୌଣସି କାମ ପାଇଁ ଯାଇଥିବା ବେଳେ ତାଙ୍କୁ ଡାକି ଥିଲେ ହେଲେ ସେ ଶୁଣି ନ ଥିଲେ। ଘରକୁ ପ୍ରବେଶ କରିବା ପରେ ତାଙ୍କ ମୃତ ଦେହ ଝୁଲୁ ଥିବା ଦେଖିବାକୁ ପାଇଥିଲେ। ପରେ ବଡ଼ମାଳ ଫାଣ୍ଡି ଓ ସଇଁତଳା ପୁଲିସକୁ ଖବର ଦେଇଥିଲେ।ଖବର ପାଇ ବଡ଼ମାଳ ପୁଲିସ ଓ ସଇଁତଳା ପୁଲିସ ଘଟଣାସ୍ଥଳକୁ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସତ୍ୟତା ଜଣା ପଡିବ ବୋଲି ପୁଲିସ କହିଛି।

## ଗଉଁନ୍ତିଆ କ୍ଷୀରୋଦ୍ର ଗଡ଼ତ୍ୟାଙ୍କ ପରଲୋକ



ଦେଓଗାଁ,୧୨ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସିଂହାଟିମାଲ ଗାଁର ଗଉନ୍ତିଆ କ୍ଷୀରୋଦ୍ର ଗଡତ୍ୟା(୯୧)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଏକାଧାରାରେ ଜଣେ ସଂକିର୍ତ୍ତନ ବାହାକ ମୃଦଙ୍ଗ ଓ ବଂଶୀ ବାଦକ ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ୮୦ ଦଶକରେ ସଂକିର୍ତ୍ତନରେ ବଲାଙ୍ଗିର , ସୋନପୁର ଓ କଳାହାଣ୍ଡି ଜିଲ୍ଲାରୁ ସମ୍ମାନିତ ହୋଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଦୌଲତ ଗଡତ୍ୟା ମୁଖାଗ୍ନୀ ଦେଇଥିଲେ।

## ଜ୍ୟୋତିର୍ବିଦ ପଣ୍ଡିତ ଉଦୟନାଥ ମିଶ୍ରଙ୍କ ପରଲୋକ



ସଇଁତଳା,୧୨ ।୧୨(ସମିସ): ସଇଁତଳା ବ୍ଲକ୍ ଅଞ୍ଚଳର ଜଣାଶୁଣା ଜ୍ୟୋତିଷ ବିଶାରଦ ତଥା ପଣ୍ଡିତ ଉଦୟ ନାଥ ମିଶ୍ରଙ୍କ ୯୬ବର୍ଷ ବୟସରେ କଂସରପଡାସ୍ଥିତ ନିଜ ବାସଭାବନରେ ବୁଧବାର ରାତ୍ରିରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ବୟସସାଧିକ୍ୟ ଯୋଗୁଁ ଅସୁସ୍ଥ ଥିବା ବେଳେ ଘରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗ ଖବର ପ୍ରଚାର ହେବା ପରେ ଅଞ୍ଚଳର ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଲାନ୍ଥନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର କୈଳାସ ମିଶ୍ର ମୁଖାଗ୍ନି ଦେଇଥିଲେ। ବ୍ଲକ୍ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଯୁବନେତା ତଥା ସମିତିସଭ୍ୟ ସିମ୍ରନ ସିଂ ଭୋଇ,ସରପଞ୍ଚ ସୁବ୍ରତ ନାଗ,ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁଙ୍କ ସମେତ ସଇଁତଳା ଓକିଲ ସଂଘ ଓ ବଣିକ ସଂଘର ସଦସ୍ୟମାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶବାଧାରରେ ସାମିଲ ହୋଇଥିଲେ।ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ୍ ଅଧକ୍ଷା ମୋନିକା ସିଂ ଭୋଇ ଶୋକ ପ୍ରକାଶ କରିଛନ୍ତି। ସଇଁନ୍ତଳା ବରିଷ୍ଠ ନାଗରିକ କମିଟି ତରଫରୁ ଶୋକ ସଭା କମିଟିର ସଭାପତି ବିଜୟ କୁମାର ରଥଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ତୁଷୁରା ତୋଷାଳୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ବଲାଙ୍ଗିର,୧୨ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ସ୍ଥିତ ତୋଷାଳୀ ବିଦ୍ୟା ମନ୍ଦିରର ସପ୍ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳୁ ବରିଷ୍ଠ ଛାତ୍ରଛାତ୍ରୀଙ୍କ ଦ୍ୱାରା ମହୀପୁରଛକସ୍ଥିତ ମା' ମେଟାକାନୀ ପୀଠରୁ ପୂଜାର୍ଚ୍ଚନା କରି ବିଦ୍ୟାଳୟ ଅଭିମୁଖେ ମଶାଲ ଶୋଭାଯାତ୍ରା ଆରମ୍ଭ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ ମଶାଲ ଶୋଭାଯାତ୍ରାକୁ ସ୍ୱାଗତ ଜଣାଇ ଖେଳ ପଡିଆ ନିକଟକୁ ନେଇ ସ୍ଥାପନ କରିଥିଲେ। ମା'ସମଲେଇଙ୍କ ପୂଜାର୍ଚ୍ଚନା ପରେ ପରିଚାଳକ ହେମନ୍ତ ସାହୁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର କ୍ରୀଡା ସମ୍ପର୍କିତ ଉଦ୍‌ବୋଧନ ଦେଇଥିଲେ। ପରିଚାଳକ ଶ୍ୟାମ ସୁନ୍ଦର ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ସାଲେପାଲିର କ୍ରୀଡା ଶିକ୍ଷକ ବିରାଟ ପ୍ରଧାନ ଓ ଘୁନା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଶ୍ୱରୂପ ନାଏକ ଉଭୟଙ୍କ ତତ୍ୱାବଧାନରେ ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ,ଶିକ୍ଷୟିତ୍ରୀଙ୍କୁ ନେଇ ଦୁଇ ଦିନ ଧରି ବିଭିନ୍ନ କ୍ରୀଡା ତୋଷାଳୀ ବିଦ୍ୟାମନ୍ଦିର ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ଯଥା କାମଦେବ ପଧାନ, ରୋହିତ ପଧାନ, ନିବେଦିତା ମହାପାତ୍ର,ପୀତାମ୍ବର ସା, ଅଞ୍ଜଳି ବିଶ୍ୱାଳ,ସରସ୍ୱତୀ ପଧାନ, ମମତାମୟୀ ସାହୁ, ଆର୍ଯ୍ୟବ୍ରତ ସରାଫ, ରାଜକୁମାର ମଣ୍ଡଳ, ବିକାଶ ପାତ୍ର,ନିକିତା ଭୋଇ, ହେମନ୍ତ ସାହୁ, ସତ୍ୟଜିତ ପରିଡା, ରିଙ୍କି ଗୁରୁ, ହିମାଂଶୁ ସାହୁ, ଝସକେତନ ସାହୁ ସହଯୋଗ କରିଥିଲେ କ୍ଷ ପରିଶେଷରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ।

## କୁଚବେହାର ଟ୍ରଫି କ୍ରିକେଟ ୪ର୍ଥ ଦିବସ

# କର୍ଣ୍ଣାଟକ ବିଜୟୀ, ଓଡିଶାର ଇଂନିସ ପରାଜୟ

ବଲାଙ୍ଗିର,୧୨ ।୧୨(ସମିସ): ଓଡିଶା କ୍ରିକେଟ ଆସୋସିଏସନ ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମ ଠାରେ ଓଡିଶା ବନାମ କର୍ଣ୍ଣାଟକ ୪ ଦିବସୀୟ କୁଚ ବେହାର ଟ୍ରଫି ଚତୁର୍ଥ ତଥା ଅନ୍ତିମ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଦିବସର ଖେଳ ରୁ ସଂଗୃହିତ ୭ ୱିକେଟରେ ୨୧୧ ରନ୍‌ରୁ ଆଜିର ଖେଳ ଆରମ୍ଭ କରି ଓଡିଶା ଆଜି ୨୪୬ ରନ୍‌ରେ ଅଲ ଆଉଟ ହୋଇଯାଇଥିଲେ। ଓଡିଶା ଦଳ ତରଫରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୫୦ ରନ୍ ଓ ସମ୍ବିଦ ବେଜ ୪୪ ରନ୍ ସଂଗ୍ରହ କରିଥିଲେ। କର୍ଣ୍ଣାଟକ ଦଳ ପକ୍ଷରୁ ସଫଳ ବୋଲର ଭାବରେ ରତନ ବିଆର. ସର୍ବାଧିକ ୬ଟି ୱିକେଟ ଏବଂ ଅକସଦ ପ୍ରଭାକର ୨ଟି ୱିକେଟ ଅକ୍ତିଆର କରିଥିଲେ। ଫଳତଃ ୪ ଦିନ ବ୍ୟାପି .ଲିଥିବା ଟ୍ରଫି କ୍ରିକେଟ ମ୍ୟାଚକୁ କର୍ଣ୍ଣାଟକ ଦଳ ଏକ ଇନିଂସ ଏବଂ ୫୩ ରନ୍‌ରେ ବିଜୟ ଲାଭ କରିଛି।

ନିର୍ବାଚନୀୟ ସଚେତନତା କ୍ଲବ୍ ଉଦ୍‌ଘାଟିତ ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ଶତପଥି, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆ.ର୍ଯ୍ୟ, ଶତୃଘନ ସିଂହ, କୋଷାଧକ୍ଷ ହେମନ୍ତ ବେହେରା, କ୍ରୀଡା ସଂପାଦକ ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, ସୁଧିର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌର ଚନ୍ଦ୍ର ପ୍ରଧାନ, ଓଡିଶା ଟିମ୍ ମ୍ୟାନେଜର ପୃଥ୍ୱୀରାଜ ମିଶ୍ର, ଅରୁଣ କୁମାର ନାୟକ, ସ୍ୱାଗତ ଶୁଭଙ୍କର ତ୍ରିପାଠି, ମୁନସି ସୋରେନ, ଅମିତ ମଛଖଣ୍ଡ, ହୃଦୟ ଶବର, ସୁମନ୍ତ ଦାସ, ଜିତୁ କୁମାର ଦଲାଇ, ନରସିଂ ସ୍ୱାମୀ ନାଇଡୁ, ସୁଦୟ ବାରିକ, ସୁଧାଂଶୁ ସେଠ, ଦଶରଥ କୁମ୍ଭାର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



## ଘୁଚିପାଲିରେ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ପ୍ରଥମ ସେମିଫାଇନାରେ ଜରାସିଂହା ଦଳ



ଦେଓଗାଁ,୧୨ ।୧୨(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଗାଇବାହାଲ ପଞ୍ଚାୟତ ଘୁଚିପାଲି ଖେଳପଡିଆରେ ସ୍ଥାନୀୟ ପଲ୍ଲି ଆଲୋକ ଯୁବକ ସଂଘ ଆନୁକୂଲ୍ୟରେ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମଣି ଦୀପଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ଏଫଇଏସର ବ୍ଲକ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ବିଏସଏଫ ଜବାନ ଦିଲେଶ୍ୱର ମଲ୍ଲିକ , ସାମାଜିକ କର୍ମୀ ଚିତ୍ତ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବାସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଣି ଧରୁଆ, ଗୌତମ ଧରୁଆ ଓ ଡୋଳାମଣୀ ବଗର୍ତ୍ତି ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ଉତ୍ତମ ଭୋଇ ସ୍କୋରର ଦାୟୀତ୍ୱ ନିର୍ବାହ କରିଥିଲେ। ୫ଦିନ ଧରି ଅନୁଷ୍ଠିତ ହେବାକୁଥିବା ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସରେ ଜରାସିଂହା ବିଏନଏଏ ଦଳ ଓ ହାତିସରା ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।ଏଥିରେ ଜରାସିଂହା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲେ। ସମରା ଓ କନ୍ଧେନବାହାଲି ଦଳ ମଧ୍ୟରେ ଦ୍ୱୀତିୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ କନ୍ଧେନବାହାଲି ଦଳ ମଧ୍ୟ ୧-୦ ଗୋଲରେ ବିଜୟୀ ହୋଇଥିଲା। ପରେ ବିଜୟୀ ଜରାସିଂହା ଓ କନ୍ଧେନବାହାଲି ଦଳ ମଧ୍ୟରେ ତୃତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ଜରିଆରେ ଜରାସିଂହା(ବିଏନଏଏ )ଦଳ ୩-୦ ଗୋଲରେ ବିଜୟୀ ହୋଇ ପ୍ରଥମଦଳଭାବେ ସେମିଫାଇନାଲକୁ ପ୍ରବେଶ କରିଥିଲା। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଛନ୍ତି। ଟୁର୍ଣ୍ଣାମେଣ୍ଟକୁ କଷ୍ଟ ଭୋଇ ତଥା ଘୁଚିପାଲି ପଲ୍ଲିଆଲୋକ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଜାମସର ପୋଖରୀକୁ ଟ୍ରକ୍ ପଶିଯିବା ଘଟଣା

# ସାମଗ୍ରୀ ବିକି ଡ୍ରାଇଭରର ଯୋଜନାବଦ୍ଧ ଷଡ଼ଯନ୍ତ୍ର




## ଡ୍ରାଇଭରକୁ ଅଟକ ରଖିଛି ପୁଇନ୍ତଲା ପୁଲିସ

ବଲାଙ୍ଗିର,୧୨ ।୧୨(ସମିସ): ବଲାଙ୍ଗିର-ବରଗଡ ୨୬ ନଂ ଜାତୀୟ ରାଜପଥ ଜାମସର ନିକଟରେ ଥିବା ପୋଖରୀ ଭିତରକୁ ଏକ ମାଲ ବୋଝେଇ ଟ୍ରକ୍ ପଶି ଦୁର୍ଘଟଣାଗ୍ରସ୍ତ ହେବା ଘଟଣା ଏକ ନୂଆ ମୋଡ ନେଇଛି। ଗତ ନଭେମ୍ବର ୧୭ ତାରିଖରେ ହୋଇଥିବା ଉକ୍ତ ଦୁର୍ଘଟଣା ମାମଲାରେ ପୁଇଁନ୍ତଲା ପୁଲିସ ଟ୍ରକ୍ ଡ୍ରାଇଭରକୁ ଅଟକ ରଖିଥିବା ବେଳେ ଡ୍ରାଇଭର ଜଣକ ଜାଣିଶୁଣି ଏହି ଦୁର୍ଘଟଣା ଘଟାଇଥିବା ଜଣାପଡିଛି। ଦୁର୍ଘଟଣା ପୂର୍ବରୁ ଡ୍ରାଇଭର ଜଣକ କୁଆଡେ ସାମଗ୍ରୀ ବିକ୍ରୀ କରିଦେଇଥିବା ବେଳେ ଏଥିରୁ ବର୍ତ୍ତିବା ପାଇଁ ଦୁର୍ଘଟଣା ଷଡଯନ୍ତ୍ର କରିଥିବା ଜଣାପଡିଛି।

ସୂଚନା ଅନୁସାରେ ଗତ ନଭେମ୍ବର ୧୭ ତାରିଖରେ ବଲାଙ୍ଗିର-ବରଗଡ ଜାମସର ଛକ ନିକଟରେ ଥିବା ପୋଖରୀରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଟ୍ରକରେ ଗ୍ରୋସୋରୀ ସାମଗ୍ରୀ ଭର୍ତ୍ତି ହୋଇ ରହିଥିବା ବେଳେ ଏହା ରାୟପୁରରୁ ବଲାଙ୍ଗିରକୁ ଆସିଥିଲା। ବଲାଙ୍ଗିରକୁ ଆସିବା ପରେ ଟ୍ରକ୍‌ରୁ ଦୋକାନୀମାନେ ନିଜ ନିଜ ସାମଗ୍ରୀ ନେଇଥାନ୍ତି। ନିୟମିତ ଭାବେ ଏହିଭଳି ସାମଗ୍ରୀ ବଲାଙ୍ଗିରକୁ ରାୟପୁରରୁ ଆସୁଥିବା ବେଳେ ଦୁର୍ଘଟଣା ପରେ ବ୍ୟବସାୟୀ ଜଣକ ଚାରି ପାଞ୍ଚ ଦିନ ଧରି ସାମଗ୍ରୀ ପାଣି ଭିତରୁ ବାହାର କରି ନେଇଥିଲେ। ପ୍ରାୟ ୨୪ ଲକ୍ଷ ଟଙ୍କାର ସାମଗ୍ରୀ ଉକ୍ତ ଦିନ ଟ୍ରକ୍‌ରେ ଆସିଥିବା ଜଣାପଡିଛି। ପରେ ଉକ୍ତ ଟ୍ରକ୍‌କୁ ଉଠାଇବା ପରେ ଯେତେ ପରିମାଣର ସାମଗ୍ରୀ ଆସୁଥିଲା ସେହି ଅନୁସାରେ ସାମଗ୍ରୀ ନଥିବା ଜଣାପଡିଥିଲା। ଫଳରେ ଏ ନେଇ ବ୍ୟବସାୟୀ ଅଭିଯୋଗ କରିବା ପରେ ପୁଇଁନ୍ତଲା ପୁଲିସ ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ସଂପୃକ୍ତ ଟ୍ରକ୍ ଡ୍ରାଇଭର ଜଣକ ରାସ୍ତାରେ ଏକାଧିକ ଦୋକାନରେ ଯୋଜନା କରି ସାମଗ୍ରୀ ବିକ୍ରୀ କରିଦେବା ପରେ ଏହି ଦୁର୍ଘଟଣା ଷଡଯନ୍ତ୍ର କରିଥିବା ଜଣାପଡିଥିଲା। ପୁଲିସ ଡ୍ରାଇଭରକୁ ଆଗଲପୁର ଥାନା ବରପଦର ଗାଁରୁ ଉଠାଇ ଆଣି ଅଟକ ରଖି ଖୋଲତାଳ ଚଳାଇଥିବା ବେଳେ କିଛି ସ୍ଥାନରୁ ବିକ୍ରୀ ହୋଇଥିବା ସାମଗ୍ରୀ ମଧ୍ୟ ଉଦ୍ଧାର ହୋଇଥିବା ଜଣାପଡିଛି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଦେବେନ୍ଦ୍ର କୁମାର ମହାପାତ୍ର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ- ୨୩/୦୫/୧୯୪୦
ତିରୋଧାନ- ୦୩/୧୨/୨୦୨୫
ବାପା ଆପଣଙ୍କ ପରାମର୍ଶ ଓ ନିର୍ଦ୍ଦେଶରେ ଆମେ ପଥ ଅନୁସରଣ କରୁଥିଲୁ କିନ୍ତୁ ଆପଣ ଆମକୁ ଛାଡି ଅନେକ ଦୂରକୁ ଚାଲି ଗଲେ ଆପଣ ଯେଉଁଠି ଥାଆନ୍ତୁ ଈଶ୍ୱର ଆପଣକୁ ଭଲରେ ରଖନ୍ତୁ ରଖନ୍ତୁ ।
ଆପଣଙ୍କ ର ହତଭାଗ୍ୟ (ପୁତ୍ର ଓ ପୁତ୍ରବଧୂ) : ଅଜୟ କୁମାର ମହାପାତ୍ର ଓ ବଧୂପମା ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର ଓ ରଶ୍ମି ରଞ୍ଜିତା ମଲିକ, (ଝିଅ ଓ ଜୋଇଁ) - ଯୋସ୍ନା ରାଣୀ ମହାପାତ୍ର ଓ ବାବୁଲା ରାଉତ, ସନ୍ଧ୍ୟାରାଣି ମହାପାତ୍ର ଓ ବିଶ୍ୱନାଥ ଜେନା, ମମତା ମହାପାତ୍ର ଓ ନରେନ୍ଦ୍ର ଭୂୟାଁ, ରଞ୍ଜିତା ମହାପାତ୍ର ଓ ସୁଶାନ୍ତ ବେହେରା, ସୁଶ୍ରୀ ସଂଗୀତା ମହାପାତ୍ର ଓ ଅଯସ କାନ୍ତ ବେହେରା, ନାତି ନାତୁଣୀ, ବଂଧୁ ବାନ୍ଧବ ।

ହାଡ଼ଭଙ୍ଗା ଜାଡ଼ରେ ଥରୁଛି ଲାଞ୍ଜିଗଡ଼

# ପାରଦ ୭ ଡିଗ୍ରୀ ତଳକୁ ଖସିଲା

**ଲାଞ୍ଜିଗଡ଼, ୧୨।୧୨(ସମିସ):** ଲାଞ୍ଜିଗଡ଼ ବ୍ଲକ ବିଭିନ୍ନ ଅଞ୍ଚଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଗତ ସପ୍ତାହରୁ ପାରଦ ୭ ଡିଗ୍ରି ତଳକୁ ଆସିବା ଫଳରେ ଅଞ୍ଚଳରେ ଦିନକୁ ଦିନ ହାଡ଼ଭଙ୍ଗା ଶୀତର ପ୍ରକୋପ ବଢୁଛି। ସାଧାରଣ ଜନଜୀବନ ଏବେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଏହାରି ଭିତରେ ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳରେ ସ୍ଥାନେ ସ୍ଥାନେ ତୁଷାରପାତ ଦେଖିବାକୁ ମିଳୁଛି। ପ୍ରବଳ ଥଣ୍ଡା ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି। ଖରା ଆସିଲେ ମଧ୍ୟ ଦିନ ତମାମ ଶୀତ ହେଉଥିବା ବେଳେ ସଞ୍ଜ ନଇଁଲେ ତାପମାତ୍ରା ହ୍ରାସ ପାଉଛି ଯାହାଫଳରେ ରାତି ତମାମ ଶୀତ ରାଜୁତି କରୁଛି। ଶୀତର ପ୍ରକୋପ ଯୋଗୁଁ ରାସ୍ତାଘାଟ ସବୁ ଶୂନଶାନ ହେଇ ଯାଉଛି। ଶୀତରୁ ରକ୍ଷା ପାଇବା ପାଇଁ ଗାଁ ଗାଁରେ ତଥା ରାସ୍ତା କଡ଼ମାନଙ୍କରେ



ଲୋକେ ସ୍ଥାନେ ସ୍ଥାନେ ନିଆଁ ପୋଇଁବାର ଦୃଶ୍ୟ ଦେଖିବାକୁ ମିଳୁଛି। ବସଷ୍ଟପ୍, ପଦାରେ ଆଶ୍ରୟ ନେଉଥିବା ଯାତ୍ରୀ, ଭିକାରୀମାନଙ୍କ ଜୀବନ ହାଡ଼ଭଙ୍ଗା ଶୀତ ଯୋଗୁଁ ବିପନ୍ନ ହୋଇପଡୁଛି। ଅସହାୟ ବୃଦ୍ଧବୃଦ୍ଧାମାନେ ଶୀତ ଯୋଗୁଁ ଚିନ୍ତାରେ ରହିଥିବା ବେଳେ ବ୍ୟବସାୟୀ ତଥା ଦୋକାନୀମାନେ ମଧ୍ୟ ସକାଳ ୯ ଟା ପରେ ଦୋକାନ ବଜାର ଖୋଲି ସନ୍ଧ୍ୟା ୮ଟା ପୂର୍ବରୁ ଦୋକାନ ବଜାର ବନ୍ଦ କରୁଥିବା ଦେଖିବାକୁ ମିଳୁଛି। ତେବେ ଗତ ବର୍ଷ ଏହି ସମୟରେ ରାଜ୍ୟ ସରକାର ବୃଦ୍ଧାମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ସମେତ କମ୍ବଳ ପାଇଁ ମଧ୍ୟ ଟଙ୍କା ପ୍ରଦାନ କରିଥିଲେ କିନ୍ତୁ ଚଳିତ ବର୍ଷ ସରକାର ବୃଦ୍ଧବୃଦ୍ଧା ମାନଙ୍କୁ ଭୁଲି ଯାଇଛନ୍ତି। ବୟସ୍କଙ୍କୁ ତୁରନ୍ତ କମ୍ବଳ ପ୍ରଦାନ କରିବାକୁ ଦାବି ହେଉଛି।

ଉଦ୍‌ଘାଟନ ପରେ ବି ମଣ୍ଡି ଖୋଲୁନି

# ମଣ୍ଡିରେ ଧାନ ପକାଇ ଜଗିଛନ୍ତି ଚାଷୀ

**ନୂଆପଡ଼ା, ୧୨।୧୨(ସମିସ)**

ଚାଷୀଙ୍କ ଧାନ ଅମଳ ପରେ ବହୁପ୍ରତିକ୍ଷୀତ ଧାନ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟ ଜିଲ୍ଲାପାଳ ପରେ ଯୋଗାଣ ମନ୍ତ୍ରୀ କରି ଗଲା ପରେ ବି ଆଜିକୁ ସାତ ଦିନ ପରେ ଧାନକିଣା ସ୍ୱାଭାବିକ ହୋଇପାରୁନାହି। ମଣ୍ଡି ଗୁଡିକରେ ହଜାର ହଜାର ବସ୍ତା ଧାନ ଆଣି ଚାଷୀମାନେ ଥଣ୍ଡା କାକରରେ ଜଗି ରହୁଛନ୍ତି। ତଥାପି ମିଲର୍ସମାନେ ବିଭିନ୍ନ ବାହାନା କରି ମଣ୍ଡିରେ ପାଦ ମାଡୁନଥିବାରୁ ଧାନକିଣା ହୋଇପାରୁନାହିଁ। ଫଳରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶୁକ୍ରବାର ଦିନ ଅସନ୍ତୋଷ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଘେରଉ କରିଥିବା ବେଳେ ଧାନକିଣା ନହେବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ଅଡି ବସିଛନ୍ତି। ପରେ ଜିଲ୍ଲାପାଳଙ୍କ ନିର୍ଭର ପ୍ରତିଶ୍ରୁତି ପରେ ଚାଷୀମାନେ



ଚାଷୀ ଘେରିଲେ ଜିଲ୍ଲାପାଳ ଅଫିସ

ଫେରିଯାଇଥିଲେ। ପ୍ରକାଶ ଯେ ଜିଲ୍ଲାରେ ଏଥର ୨୬ଟି ପ୍ୟାକ୍ସ ଅଧିନରୁ ୭୮ଟି ମଣ୍ଡିରେ ଧାନ କିଣାଯିବାର ବ୍ୟବସ୍ଥା କରାଯାଇଛି। ଏସବୁରୁ ୩୩ଟି ମିଲର୍ସ ଧାନକିଣିବାକୁ ଚୁକ୍ତି କରୁଛନ୍ତି। ହେଲେ ଏଯାବତ କୁଆଡେ ମାତ୍ର ୨୧ଜଣ ମିଲର୍ସ ଚୁକ୍ତି କରିସାରିଛନ୍ତି। ହେଲେ ଏମାନେ ବିଭିନ୍ନ ବାହାନା କରି ମଣ୍ଡି ଖୁଡିକୁ ପାଦ ମାଡୁନଥିବା ଅଭିଯୋଗ ହେଉଛି। ସେହି ହେତୁ ମଣ୍ଡି ଗୁଡିକରେ ଧାନ ପଡ଼ି ରହୁଛି ସିନା ଧାନ ଉଠିବାର ନାଁ ନେଉନାହିଁ। ମିଳିଥିବା ତଥ୍ୟ ମୁତାବକ ବର୍ତମାନ ସୁଦ୍ଧା ୬ଗୋଟି ମଣ୍ଡିରୁ ମାତ୍ର ୨୨୧୪ କ୍ୱିଣ୍ଟାଲ ଧାନ ଉଠିସାରିଛି। ବାକି ୭ହଜାର କୁଇଣ୍ଟାଲ ଧାନ ବିଭିନ୍ନ ମଣ୍ଡିରେ ପଡ଼ି ରହିଛି। ତେବେ ଅସନ୍ତୋଷ ଚାଷୀମାନେ ଠୁଳ ହୋଇ ଶୁକ୍ରବାର ମଧ୍ୟାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରଉ କରିଥିଲେ। କିଛି ଚାଷୀ କାର୍ଯ୍ୟାଳୟକୁ ଧସେଇ ପଶି ଯାଇଥିଲେ। ପରେ ଜିଲ୍ଲାପାଳ ମଧୁସୂଦନ ଦାଶ ନିଜେ ଆସି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ମିଲର୍ସମାନଙ୍କ ସହ ଚୁକ୍ତି ପତ୍ର ଚାଲିଛି। ଖୁବ ଶିଘ୍ର ସ୍ୱାଭାବିକ ସ୍ଥିତି ଆସିଯିବ। ଏଥିରେ ଯେଉଁ ମିଲର୍ସମାନେ ସହଯୋଗ ନକରିବେ ତାରି ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ସୂଚାଇଦେଇଛନ୍ତି। ନିର୍ଭର ପ୍ରତିଶ୍ରୁତି ପରେ ଚାଷୀମାନେ ଫେରିଯାଇଥିଲେ। ଧାନକିଣା ପାଇଁ କୌଣସି ପ୍ରକାର ଅସୁବିଧା ହେବାକୁ ଦିଆଯିବନାହିଁ। ଗତ ବର୍ଷ ଭଳି ସବୁ ପ୍ରକାର ସତର୍କତା ନିଆଯାଉଛି ବୋଲି ତିଆରସିଏସ ଶିବ ପ୍ରସାଦ ସ୍ୱାଇଁ କହିଛନ୍ତି।

# କେବେ ବଢ଼ିବ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କ ଦରମା ଓ ଭତ୍ତା

**କେସିଙ୍ଗା, ୧୨।୧୨(ସମିସ):** ନୂତନ ସରକାର କ୍ଷମତା ରେ ଆସିବା ପରେ ଓଡ଼ିଶାବାସୀ ଭାବୁଥିଲେ ଏବେ ଆଉ କୌଣସି ଅସୁବିଧା ରହିବ ନାହିଁ ଯାହାବି ସହରରେ ହେଉ କିମ୍ବା ଗ୍ରାମାଞ୍ଚଳରେ ସମସ୍ୟା ରହିଛି ଡବଲ ଇଞ୍ଜିନ ସମସ୍ତ ସମସ୍ୟାକୁ ସମାଧାନ କରିବ। ହେଲେ ନୂତନ ସରକାର କ୍ଷମତାରେ ଆସିବାର ପ୍ରାୟ ୨୦ ମାସ ବିତି ଗଲାଣି ହେଲେ ରଙ୍ଗ ବଦଳା କାମ ସରିନି ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ବର୍ତ୍ତମାନ ବିଧାନସଭାର ଶୀତ ଅଧିବେଶନ ବିଧାନସଭାରେ ବସି ନିଜ ଅଞ୍ଚଳର ସମସ୍ୟା କଥା ନଉଠାଇ ନିଜର ଦରମା ତିନି ଗୁଣା ବଢ଼ାଇଲେ। ହେଲେ ତଳ ସ୍ତରର ନିର୍ବାଚିତ ପ୍ରତିନିଧିଙ୍କ ଦରମା କେବେ ବଢ଼ିବ ବୋଲି ନିର୍ବାଚିତ ପ୍ରତିନିଧିମାନେ ପ୍ରଶ୍ନ କରିଛନ୍ତି। ଯାହାବି ହେଉ ବିଜେଡି ସରକାର ଅମଳରେ ତଳିଆ ନିର୍ବାଚିତ ପ୍ରତିନିଧିଙ୍କ ଦରମା ବୃଦ୍ଧି ହୋଇଥିଲା। ଆଗରୁ ସରପଞ୍ଚମାନେ ମାସକୁ ୨୩୫୦ ଟଙ୍କା ପାଉ ଥିଲେ ପରେ ତାଙ୍କୁ ୧୦ ହଜାର ଟଙ୍କା କରାଗଲା, ନାଏବ ସରପଞ୍ଚଙ୍କ ଦରମା ୯୪୦ ଟଙ୍କାରୁ ୪ ହଜାର କରାଗଲା, ସେମିତି ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଦରମା ୩୫୩୦ ଟଙ୍କାରୁ ୧୫ ହଜାର ହେଲା ସମିତି ସଭ୍ୟଙ୍କ ଦରମା ୨୩୫୦ ଟଙ୍କାରୁ ୭୫୦୦ ଟଙ୍କା କରାଗଲା। ୱାର୍ଡ ମେମ୍ବରଙ୍କୁ ଗୋଟିଏ ବୈଠକ ପାଇଁ ୪୮୦ ଟଙ୍କାର ବର୍ଦ୍ଧିତ ବ୍ୟବସ୍ଥା ବିଜେଡି ସରକାର ଅମଳରେ ହୋଇଥିଲା। ମନ୍ତ୍ରୀ, ବିଧାୟକମାନେ ନିଜର ଦରମା ବଢ଼ାଇଲେ ହେଲେ ତଳସ୍ତରର ନିର୍ବାଚିତ ପ୍ରତିନିଧିଙ୍କୁ କେମିତି ଭୁଲିଗଲେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ଆଶ୍ରମ ସ୍କୁଲ୍ ବେଡ଼ ସିଟ୍ ଓ ଗଦିକିଣା ଅନିୟମିତତା

# ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଭବାନୀପାଟଣା, ୧୨।୧୨ (ସମିସ):** ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ସ୍କୁଲ ଓ ହଷ୍ଟେଲ ପାଇଁ ହୋଇଥିବା ବେଡ୍ ସିଟ୍, ଗଦା ଓ ଶଯ୍ୟା କିଣାରେ ଦୁର୍ନୀତି ଓ ଅନିୟମିତା ଅଭିଯୋଗ ହୋଇଛି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ସିଧାସଳଖ ନିରିକ୍ଷଣରେ ନିମ୍ନମାନର ସାମଗ୍ରୀ ଯୋଗାଣ ହୋଇଥିବା ଓ ଚଢା ଦରରେ ବିଲ୍ ଉଠାଣ ହୋଇଥିବା ଦର୍ଶାଇ ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର ଜିଲ୍ଲାପାଳ ସଚିନ ପାୱାରଙ୍କୁ ସାକ୍ଷାତ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସକାଶେ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ବର୍ଷ ୨୦୨୪-୨୫ ପାଇଁ ୧୭୭୩ ଖଣ୍ଡ ଗଦା ଏବଂ ୧୫ ହଜାର ବେଡସିଟ୍ ଓଡ଼ିଶା ଗ୍ରାହକ ସମବାୟ ଫେଡେରେସନ୍ ଲିମିଟେଡ୍ ଜରିଆରେ ପ୍ରାୟ ୧କୋଟି ପାଣ୍ଠି ୱାର୍କ ଅଡର ଦିଆଯାଇ ସପ୍ଲାଏ କରାଯାଇଥିଲା। ପ୍ରତ୍ୟେକ ଗଦି ପିଛା ୨୯୫୫ ଟଙ୍କା ଓ ବେଡ଼ ସିଟ୍ ପିଛା ୩୦୦ଟଙ୍କା ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଅଭିଯୋଗ ଅନୁଯାୟୀ ପ୍ରତ୍ୟେକ ବିଦ୍ୟାଳୟର ହଷ୍ଟେଲକୁ ନିମ୍ନମାନର ଗଦା ଓ ବେଡ୍ ସିଟ ଯୋଗାଣ କରାଯାଇଛି। ବଜାରରେ ଏହାର ଦର ଖୁବ୍ କମ୍ ରହିଛି। ଏପରିକି ମାନକ ଅପରେଟିଂ ପ୍ରଣାଳୀ ଏବଂ ରପ୍ତାନି ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶାଳୟ (ଇପିଏମ୍) ଓଡ଼ିଶାର ଅନୁମୋଦନ ଅନୁଯାୟୀ ଉତ୍ପାଦର ଗୁଣବତ୍ତା, ଡିଜାଇନ୍ ଏବଂ ପରିମାଣକୁ ମଧ୍ୟ ଉଲ୍ଲଂଘନ କରାଯାଇଛି ବୋଲି ଶ୍ରୀ ଠାକୁର ଦାବିପତ୍ର ଲେଖିଛନ୍ତି। ସେହିପରି ମୁଖ୍ୟ ଶାସନ



ସଚିବଙ୍କ ଚିଠି ନଂ ୭୩୪୧, ୩୦ ଅଗଷ୍ଟ ୨୦୨୫ ଅନୁଯାୟୀ ସ୍ଥାନୀୟ ଏମଏସଇ ଓ ଇପିଏମ କୁ ପ୍ରାଧାନ୍ୟ ଦିଆଯିବା ପାଇଁ କୁହାଯାଇଛି। ଏହା ସତ୍ତ୍ୱେ ମଧ୍ୟ ଜିଲ୍ଲା ବାହାରର ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେକି ଦିଆଯାଇଛି। ପୁଣି ଆଶ୍ଚର୍ଯ୍ୟର କଥା ହେଲା ଯେ, ତରବରିଆ ଭାବରେ ଆହୁରି ୬କୋଟି ୫୧ଲକ୍ଷ ୪୪ହଜାର ୫୦୭ ଟଙ୍କା ମଞ୍ଜୁର କରିବାକୁ ଓଡ଼ିଶା ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ଡେପୁଟି ଡାଇରେକ୍ଟରଙ୍କୁ ଗତ ନଭେମ୍ବର ୨୭ ତାରିଖ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସ୍ୱାକ୍ଷରରେ ଚିଠି କରାଯାଇଛି। ଚଳିତ ବର୍ଷ ୧କୋଟି ୧୬ଲକ୍ଷ ୫୫ହଜାର ୧୩୨ଟଙ୍କା ପାଣ୍ଠି ସପ୍ଲାଏ ପାଇଁ ଦିଆଯାଇଛି। ଏହି ୱାର୍କ ଅଡରକୁ ସାର୍ବଜନୀନ କରାଗଲେ ଆହୁରି ଅନେକ ତଥ୍ୟ ପଦାକୁ ଆସିପାରିବ। ଏଣୁ ଏହା ପଛରେ ଡିଲ ସହ ଲାଞ୍ଚ କାରବାର ହୋଇଛି ବୋଲି ସନ୍ଦେହ ସୃଷ୍ଟି କରୁଛି। ଏଣୁ ଏକ ଉଚ୍ଚସ୍ତରୀୟ ନିରିକ୍ଷଣ କମିଟି ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଗଠନ କରାଯାଇ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ସତ ଉନ୍ମୋଚନ ହୋଇପାରିବ ବୋଲି ଶ୍ରୀ ଠାକୁର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥି ସହିତ ତଦନ୍ତ ନହେବା ପର୍ଯ୍ୟନ୍ତ ଚଳିତ ବର୍ଷର ଟେଣ୍ଡରକୁ ବାତିଲ କରି ନୂତନ ଏସଓପି କରି ଏମଏସଏମଇ ଜରିଆରେ ମୁକ୍ତ ଟେଣ୍ଡର ଆହ୍ୱାନ କରିବାକୁ ଦାବି ଜଣାଇଛନ୍ତି। ଯଦି ଜିଲ୍ଲା ପ୍ରଶାସନ ଏହି ଘଟଣାର ତଦନ୍ତ ନକରନ୍ତି କିମ୍ବା କୌଣସି ପଦକ୍ଷେପ ଗ୍ରହଣ ନକଲେ ଖୁବ୍ ଶୀଘ୍ର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ଠାକୁର ଚେତାବନୀ ଦେଇଛନ୍ତି।

ରାସ୍ତାକୁ ମାଡିଗଲାଣି ଲତାବୁଦା

# ସଂକୀର୍ଣ୍ଣ ହେଉଛ କଦଳୀ ମୁଣ୍ଡା-ମାନଝରି ରାସ୍ତା



**ଗୋଲାମୁଣ୍ଡା, ୧୨।୧୨(ସମିସ):** କଦଳୀ ମୁଣ୍ଡା-ମାନଝରି ଆରଡ଼ି ରାସ୍ତା ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଅନାବନା ଲତାବୁଦା ଉଠିବା ସହ ରାସ୍ତା ପଟକୁ ଢଳିବା ହେତୁ ରାସ୍ତା ସଂକୀର୍ଣ୍ଣ ଦେଖାଯାଉଛି। ଏହି ରାସ୍ତା ବିଜୁ ଏକ୍ସପ୍ରେସ ଫୋର୍ ୱେ କଦଳୀମୁଣ୍ଡା ଛକରୁ ବାହାରି ଗ୍ରିଣ୍ଡୋଲ୍, କାନ୍ଦୁଲଡଙ୍ଗରି ଦେଇ ମାନଝରି ପର୍ଯ୍ୟନ୍ତ ସଂଯୋଗ ରହିଛି।ଅଧିକାଂଶ ଲୋକ ଗ୍ରିଣ୍ଡୋଲ ଦେଇ ଧର୍ମଗଡ଼କୁ ଯିବା ଆସିବା ପାଇଁ ନିର୍ଭର କରିଥାନ୍ତି। ମାନଝରିରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ଫଳରେ ଗ୍ରିଣ୍ଡୋଲ୍, କନ୍ଦୁଲଡ଼ଙ୍ଗରି, ଢୁଡୁକେଲ ଗ୍ରାମର ଜନସାଧାରଣ ଦୈନିକ ନିଜ କାର୍ଯ୍ୟକଳାପ ପାଇଁ ଯାତାୟାତ କରିଥାନ୍ତି। ସେହିପରି ଉଚ୍ଚ ବିଦ୍ୟାଳୟ ଥିବା ହେତୁ ଛାତ୍ରଛାତ୍ରୀ ଦୈନନ୍ଦିନ ପାଠ ପଢ଼ିବା ପାଇଁ ଯିବାଆସିବା କରନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଦିନ ସାପ୍ତାହିକ ବଜାର ବସୁଥିବାରୁ ଶହ ଶହ ଲୋକ ସଉଦା କିଣିବା ପାଇଁ ଯାଇଥାନ୍ତି। ଏହି ରାସ୍ତାରେ ଅନେକ ଜାଗାରେ ବୁଲାଣି ରହିଥିବା ବେଳେ ଅନାବନା ବୁଦା ରାସ୍ତାକୁ ମାଡିଯିବା ଯୋଗୁଁ ଗୋଟିଏ ପଟରୁ ଯାଉଥିବା ଗାଡ଼ିମଟର ଚାଳକମାନେ ବିପରୀତ ଦିଗରୁ ଆସୁଥିବା ଗାଡ଼ିକୁ ଦେଖା ନଯାଉଥିବା ପ୍ରକାଶ ହୋଇଛି। ଫଳରେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ଉଭୟ ପାର୍ଶ୍ୱରୁ ଅନାବନା ଲତାବୁଦାକୁ ସଫା କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।

ଶିକ୍ଷକ ଦାବି ଜୋର ଧରିଲା

# ସ୍କୁଲଗେଟ୍‌ରେ ତାଲା ପକାଇ ବସିଲେ ଅଭିଭାବକ

**କେସିଙ୍ଗା, ୧୨।୧୨(ସମିସ):** ଶିକ୍ଷକ ଦେବାକୁ ପ୍ରତିଶ୍ରୁତି ଦେଇ ଠକି ଦେଲା ଶିକ୍ଷା ବିଭାଗ। ପୁଣିଥରେ ଶିକ୍ଷକ ନିଯୁକ୍ତି ପାଇଁ ସ୍କୁଲ ଗେଟ୍‌ରେ ତାଲା ପକାଇ ସ୍କୁଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ବସିଲେ ଛାତ୍ର ଛାତ୍ରୀଙ୍କ ଅଭିଭାବକ। କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ



ହାତିଖୋଜ ପଞ୍ଚାୟତର ସାଙ୍ଗାରି ବାହାଲଗ୍ରାମରେ ଥିବା ସରକାରୀ ବିଦ୍ୟାଳୟ। ଯେଉଁଥିରେ ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ୫୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। କିନ୍ତୁ ୫୯ ଜଣ ଛାତ୍ର ଛାତ୍ରୀଙ୍କ ପାଠ ପଢ଼ାଇବା ପାଇଁ ଠିକ୍ ଭାବରେ ଶିକ୍ଷକ ନଥିବା ଯୋଗୁଁ ଛାତ୍ରଛାତ୍ରୀ ଠିକ୍ ଭାବରେ ପାଠ ପଢ଼ି ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଜଣେ ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ଦୁଇଜଣ ଶିକ୍ଷକଶିକ୍ଷୟିତ୍ରୀ ଅଛନ୍ତି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ ତିନି ଜଣ ଶିକ୍ଷକ ଠିକ୍ ଭାବରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉ ନାହାନ୍ତି। ତେଣୁ ତୁରନ୍ତ ଦୁଇ ଶିକ୍ଷକଙ୍କ ବଦଳି କରି ନୂତନ ଦୁଇ ଶିକ୍ଷକ ସମେତ ଅନ୍ୟ ଦୁଇ ଜଣ ନୂତନ ଶିକ୍ଷକଙ୍କୁ (ଗଣିତ ଓ ଇଂରାଜୀ) ସ୍କୁଲକୁ ପ୍ରଦାନ କରାଯାଉ ବୋଲି ସିଙ୍ଗାରିବାହାଲ, ପିଟାପଡ଼ା, କେନ୍ଦୁମୁଣ୍ଡି ଓ କର୍ଲା ଗ୍ରାମବାସୀ ଦାବି କରି ସ୍କୁଲ ସ୍କୁଲ ଗେଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇ ବସିଛନ୍ତି। ଗତ ସେପଟେମ୍ବର ୨୫ ତାରିଖରେ ମଧ୍ୟ ଅଭିଭାବକମାନେ ସ୍କୁଲ ସମ୍ମୁଖରେ ଧାରଣାରେ ବସିବା ପରେ ଶିକ୍ଷା ବିଭାଗ ଶୀଘ୍ର ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇ ଠକି ଦେଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ନୂତନ ଶିକ୍ଷକ ପ୍ରଦାନ ନ କରାଯାଇଛି ସେତେଦିନ ପର୍ଯ୍ୟନ୍ତ ସ୍କୁଲ ସମ୍ମୁଖରେ ଧାରଣାରେ ବସିବୁ ବୋଲି ଗ୍ରାମବାସୀ ଶିକ୍ଷା ବିଭାଗକୁ ଚେତାବନୀ ଦେଇଛନ୍ତି। ଉକ୍ତ ବିଷୟ ଉପରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କୁ ପଚାରିବାରୁ ଅନ୍ୟ ସରକାରୀ କାମରେ ବ୍ୟସ୍ତ ରହୁଥିବାରୁ ଟିକେ ବିଳମ୍ବ ହୋଇ ଯାଇଛି ଆଜିର ଘଟଣା ସମ୍ପର୍କରେ ଅବଗତ ଅଛନ୍ତି ଘଟଣାସ୍ଥଳକୁ ଯାଇ ନ ଥିଲେ ମଧ୍ୟ ସକାଳୁ ଫୋନ୍ ମାଧ୍ୟମରେ ଅଭିଭାବକ ସିଆରସିସି ସମସ୍ତଙ୍କ ସହିତ ଯୋଗାଯୋଗରେ ଅଛି ଏବଂ ଗ୍ରାମବାସୀଙ୍କ ଦାବି ମୁତାବକ ଆଜି ହିଁ ମାସାଣିବନ୍ଧରୁ ଜଣେ ଅଭିଜ୍ଞ ନୂତନ ଶିକ୍ଷକ ଶୁଭଙ୍କର ମିସ୍ତ୍ରୀଙ୍କୁ ସିଙ୍ଗାରିବାହାଲ ସ୍କୁଲକୁ ପଠା ଯାଇଛି। ସେହି ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ମାସାଣିବନ୍ଧ ଅଣାଯାଇଛି ବୋଲି ପ୍ରକାଶ କରିବା ସହିତ ଯଥା ଶୀଘ୍ର ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହିତ ଆଲୋଚନା କରି ଗ୍ରାମବାସୀଙ୍କ ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଧର୍ମଗଡ଼ରେ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ




**ଧର୍ମଗଡ଼, ୧୨।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉତ୍ସବ ପଡ଼ିଆରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇ ଏକ ସମୃଦ୍ଧ ଓ ବିକଶିତ ଭାରତ ଗଠନ ପାଇଁ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର କୁନି କୁନି ବୈଜ୍ଞାନିକ ଆସନ୍ତା କାଲି ଦେଶର ଭବିଷ୍ୟତ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୁନାଗଡ଼ ହାଇସ୍କୁଲ ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଶିକ୍ଷକ ନିରଞ୍ଜନ ମୁଦୁଲି ପରିଚାଳନା କରିଥିବା ବେଳେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବ ରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଙ୍କ ସଭାପତିତ୍ୱ ରେ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ମୁଖ୍ୟବକ୍ତା ଭାବରେ ବୈଜ୍ଞାନିକ ଶେଷ କିଷାନ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଜଏଣ୍ଟ ଡାଇରେକ୍ଟର ପବିତ୍ର ମୋହନ ସାହୁ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଦୁଷ୍ମନ୍ତ କୁମାର ପାଢ଼ୀ, ସମେତ କର୍ଲାମୁଣ୍ଡା ବିଇଓ ବାଞ୍ଛାନିଧି ପଣ୍ଡା, ଭବାନୀପାଟଣା ବିଇଓ ଆଚାରି ଶବର, ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀ, ପ୍ରମୁଖ ମଞ୍ଚାସିନ ହୋଇ ବିଜ୍ଞାନ ର ଉପାଦେୟତା ବିଷୟରେ ବୁଝାଇବା ସହ ଛାତ୍ରଛତ୍ରୀଙ୍କ ମଧ୍ୟରେ ବିଜ୍ଞାନୀ ଚିନ୍ତା, ବୈଷୟିକ ଜ୍ଞାନ, କାରିଗରୀ କୌଶଳ ବୃଦ୍ଧି ହୋଇ ପାରିବ ବୋଲି ଅତିଥି ମାନେ

## ୨୧୦ ପ୍ରକଳ୍ପ ପ୍ରଦର୍ଶିତ

କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସରୋଜ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ବିଜ୍ଞାନ ସାଧନ କେନ୍ଦ୍ର ଧର୍ମଗଡ଼ ବ୍ଲକ ସଭାପତି ଜୟନ୍ତ କୁମାର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅତିଥି ପ୍ରକଳ୍ପକୁ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ୧୩ ଟି ବ୍ଲକ ର ବିଭିନ୍ନ ବିଦ୍ୟାଳୟରୁ ଉଭୟ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟରୁ ୨୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୧୦ ଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲା। ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ପ୍ରକଳ୍ପଧାରିଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ସଙ୍ଗମର ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

# ଶିଶୁ ଦେଶ ଓ ସମାଜର ଶକ୍ତି ଏବଂ ପ୍ରଗତି

**ଭବାନୀପାଟଣା, ୧୨।୧୨(ସମିସ)**

କଳା କ୍ଷେତ୍ରରେ ଶିଶୁ ପ୍ରତିଭା ଆସନ୍ତାକାଲିର ଅମୂଲ୍ୟ ସମ୍ପଦ। କଳା ମାଧ୍ୟମରେ ଶିଶୁ ସମାଜକୁ ଯେଉଁ ବାର୍ତ୍ତା ଦିଏ ତାହା ହୃଦସ୍ପର୍ଶୀ ହୁଏ। ଶିଶୁ କଳାକାର ସଂସ୍କୃତି ଓ ସଂସ୍କାରର ଉଦଘୋଷକ। ତେଣୁ କୁହାଯାଇଛି ଶିଶୁ ଦେଶ ତଥା ସମାଜର ଶକ୍ତି ଓ ପ୍ରଗତି।କଳାତ୍ମକ ଧାରାକୁ ଗତିଶୀଳ କରାଇବାକୁ ଆବଶ୍ୟକତା ଦୃଷ୍ଟିରୁ ସଙ୍ଗମ, ଭବାନୀପାଟଣା ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଚତୁର୍ଦ୍ଦିବସୀୟ ରାଜ୍ୟ ସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ପ୍ରତିଯୋଗିତା ଭବାନୀପାଟଣାସ୍ଥ ଟାଉନ ହଲଠାରେ ଉଦଘାଟିତ ହୋଇଯାଇଛି। ସଙ୍ଗମ ଅଧ୍ୟକ୍ଷ ନାଟ୍ୟକାର ରାଜୀନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଡ. ଉମେଶ ଚନ୍ଦ୍ର ଶତପଥୀ, ଡ. କୈଳାଶ ଚନ୍ଦ୍ର ଦାଶ ଓ ବରିଷ୍ଠ କଳାକାର ଶାନ୍ତନୁ କୁମାର ମୁଣ୍ଡ ଅତିଥି ଭାବେ ଯୋଗ ଦେଇ




କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ନନ୍ଦ ଧନ୍ୟବାଦ ଦେଇଥିବା ବେଳେ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଥୁଆପାଦରର ନାଟକ 'ଅଗ୍ନିପୁତ୍ରୀ'ମଞ୍ଚସ୍ଥ ହୋଇଥିଲା। ଦୀପ୍ତିମୟୀ ସିଂହଙ୍କ ନିର୍ଦ୍ଦେଶନାରେ ଭାରତର ମିସାଇଲ କ୍ଷେତ୍ରରେ ପ୍ରତିଭାବତୀ ଟେସୀ ଥମାସଙ୍କ ଉତ୍ସର୍ଗୀକୃତ ଜୀବନୀକୁ କୁନି କୁନି କଳାକାରମାନେ ପରିବେଷଣ କରିଥିଲେ। ବିଶ୍ୱକୁ ଭାରତୀୟ ବିଜ୍ଞାନ ଓ ଶାସ୍ତ୍ରଜ୍ଞାନର ଅବଦାନକୁ ନେଇ ଦ୍ୱିତୀୟ ନାଟକ 'ଜେନେରେସନ ଗେପ'କୁ ବୃନ୍ଦାବନ ସ୍ମାର୍ଟ ସ୍କୁଲର କଳାକାରମାନେ ପରିବେଷଣ କରିଥିଲେ। ଅରୁଣ ପାଣିଗ୍ରାହୀ ନାଟ୍ୟ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ତୃତୀୟ ନାଟକ 'ବସୁନ୍ଧରାର ଆହ୍ୱାନ'କୁ ସରସ୍ୱତୀ ବିଦ୍ୟାମନ୍ଦିର, ବ୍ରଜବିହାରର କଳାକାରମାନେ ପରିବେଷଣ କରିଥିଲେ। କୌସ୍ତୁଭମଣି ବାଗଙ୍କ ରଚନା ଓ ଗୋଦାବରୀ ମିଶ୍ରଙ୍କ ନିର୍ଦ୍ଦେଶନାରେ ଦୂଷିତ ମାଟି ଓ ଜୀବନ ଉପରେ ତା ପ୍ରଭାବ ସମ୍ପର୍କରେ ଏଥିରେ ବାର୍ତ୍ତା ଦିଆଯାଇଥିଲା। ଚତୁର୍ଥ ନାଟକ 'ମା'ର ପଣତକାନୀ'କୁ ହାଇଟେକ ପବ୍ଲିକ, ଭବାନୀପାଟଣାର କଳାକାରମାନେ ପରିବେଷଣ କରିଥିଲେ। ମୈତ୍ରୀ ପଣ୍ଡାଙ୍କ ରଚିତ ଓ ସୌରଭ ପଣ୍ଡାଙ୍କ ନିର୍ଦ୍ଦେଶିତ ଏଇ ନାଟକରେ ମା'ଙ୍କ ତ୍ୟାଗ ଉପରେ ବାର୍ତ୍ତା ଦିଆଯାଇଥିଲା। ପରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଚକ୍ରଧର, ଯୋଗେନ୍ଦ୍ର ତଥା ସଙ୍ଗମର ସଦସ୍ୟସଦସ୍ୟା ସହଯୋଗ କରିଥିଲେ ଆସନ୍ତାକାଲି ଚାରୋଟି ନାଟକ ମଞ୍ଚସ୍ଥ ହେବ ବୋଲି ଅନୁଷ୍ଠାନ ତରଫରୁ ଜଣାଯାଇଛି।

# ଡୁମେରପାଣି ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ 'ସୁରଭି'




**ନୂଆପଡ଼ା, ୧୨।୧୨(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ଡୁମେରପାଣି ଠାରେ ନୂଆପଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ ହୋଇଯାଇଛି।ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତାରାଣୀ ଯୋଶୀଙ୍କ ସଭାପତିତ୍ୱରେ ଚଳିତ ବର୍ଷର ମୋ 'ସ୍ୱପ୍ନର ଓଡ଼ିଶା' ବିଷୟବସ୍ତୁ ଉପରେ ଆଧାରିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରେଶମ ଲାଲ ନାଏକ, ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର, ସରପଞ୍ଚ ଧରମବନ୍ଧା ଭୁବନେଶ୍ୱରୀ ଦଣ୍ଡସେନା, ସରପଞ୍ଚ ଡୁମେରପାଣି ଟେକରାମ ସାହୁ, ଏସଏମସି. ଚେୟାରମ୍ୟାନ ଟିକେଶ୍ୱର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତ ଗୁଡ଼ିକ ବୁଲି ଦେଖିଥିଲେ। ଛାତ୍ରଛାତ୍ରୀଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା। କାର୍ଯ୍ୟକ୍ରମ ସଫଳ ଆୟୋଜନରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ସହିତ ଆସିଥିବା ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମର ଭଦ୍ରବ୍ୟକ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଏନସିସି, ସ୍କାଉଟ ଏଣ୍ଡ ଗାଇଡ, କପ୍ ଏଣ୍ଡ ବୁଲବୁଲ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ସକ୍ରିୟ ସହଯୋଗ କରିଥିଲେ। ଶିକ୍ଷକ ଶଙ୍କର୍ଷଣ ପୁରୋହିତ, ସୁଶାନ୍ତ ମୁଣ୍ଡ, ଜୟକୃଷ୍ଣ ସୁନାନୀ ଓ ଦେବରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ।ଶେଷରେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସଫଳତା ଏମିତି ହଠାତ୍ ଆସେ ନାହିଁ। ଏଥିପାଇଁ ଲୋଡ଼ା ଶିକ୍ଷା, କଠିନ ପରିଶ୍ରମ, ସମର୍ପଣ ଓ କର୍ମ ପ୍ରତି ଭଲ ପାଇବାର ସଂକଳ୍ପ।
-ପେଲେ

## ରହସ୍ୟମୟ ଫେରାର୍

ଗୋଆ ନାଇଟକ୍ଲବ୍ ବିର୍ଚରେ ଘଟିଥିବା ଲୋମହର୍ଷକ ହୃଦୟବିଦାରକ ଅଗ୍ନିକାଣ୍ଡ ଏଥିମଧ୍ୟରେ ଏକ ସପ୍ତାହ ଅତିକ୍ରମ କରିଗଲାଣି। ଏଥିରେ ମୃତକଙ୍କ ସଂଖ୍ୟା ୨୫ ହୋଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହେବା ଘଟଣା ସମଗ୍ର ଦେଶବାସୀଙ୍କ ମନରେ ବିଷାଦର ଛାୟା ଖେଳାଇ ଦେଇଛି। ଏହି ଦୁର୍ଘଟଣାର କାରଣ ଓ ନିରାକଣ ସଂପର୍କରେ ଚାଲିଥିବା ତର୍ଜମାରୁ ସ୍ପଷ୍ଟ ହୋଇଛି ଯେ ସେଠାରେ ଅଗ୍ନି ନିରୋଧକ ବ୍ୟବସ୍ଥା ନଥିଲା। କେବଳ ସେତିକି ନୁହେଁ ପ୍ରସ୍ଥାନ ପଥ ଏତେ ସଂକୀର୍ଣ୍ଣ ଥିଲା ଯେ ଅଘଟଣରୁ ମୁକ୍ତି ପାଇଁ ଅନ୍ତେବାସୀଙ୍କ ମୁକ୍ତ ଉଦ୍ୟମ ବ୍ୟର୍ଥ ହୋଇଥିଲା। ଏହି ଅଗ୍ନିକାଣ୍ଡର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଦିଲ୍ଲୀରେ ଅବସ୍ଥାନ କରୁଥିବା ନାଇଟ୍‌କ୍ଲବ୍‌ର ଦୁଇମାଲିକ ସୌରଭ ଓ ଗୌରବ ଲୁଥ୍ରା ଘଟଣା ଘଟିବାର ୫ ଘଣ୍ଟା ମଧ୍ୟରେ ପୁଲିସର ଗିରଫଦାରୀକୁ ଏଡ଼ାଇ ଦେଶ ଛାଡ଼ି ଚାଲିଯିବାକୁ ସମର୍ଥ ହୋଇଛନ୍ତି। ଏହା ପ୍ରଶାସନର ଦୋଷ ଦୁର୍ବଳତା ନା ଉଦ୍ଦେଶ୍ୟ ପ୍ରଣୋଦିତ ସୁଯୋଗ ସୃଷ୍ଟି ସେନେଇ ଏବେଠାରୁ କିଛି ମତାମତ ଦେବା ଠିକ୍ ହେବ ନାହିଁ। ତେବେ ଲୁଥ୍ରାଭ୍ରାତାଙ୍କ ରହସ୍ୟମୟ ଉଭାନ ଯେ ଅକ୍ଷମଣୀୟ ଏକଥା ସତ।

ଏହି ଅଗ୍ନିକାଣ୍ଡର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମନେ ହୁଏ, ବୁଝାମଣାରେ ନାଇଟ୍‌କ୍ଲବ୍ ବେପାର ଚାଲିଥିଲା। ଯେଉଁ ଜମି ଉପରେ ଏହାର ଇମାରତ ଗଢ଼ି ଉଠିଥିଲା ତାହା ସରକାରୀ ନକ୍ସାରେ ଶିକ୍ଷାନୁଷ୍ଠାନ ସକାଶେ ଉଦ୍ଦିଷ୍ଟ ଥିଲା ଓ ଲୁଥ୍ରାଭ୍ରାତାଙ୍କ ଚାପରେ ଏହା ପରିବର୍ତ୍ତନ କରାଯାଇଥିଲା। ଏପରିକି ବିର୍ଚ ନାଇଟକ୍ଲବ୍‌ର ଲାଇସେନ୍ସକୁ ନେଇ ମଧ୍ୟ ମତଭେଦ ରହିଛି। ଏଥିରୁ ସ୍ପଷ୍ଟ ଯେ ପ୍ରଭାବଶାଳୀ ଲୋକଙ୍କ ସାହାଯ୍ୟ ଓ ସମର୍ଥନରେ ଦୁଇଭାଇ ନିରଙ୍କୁଶ ବେପାର ଚଳାଇଥିଲେ। ଏପରିକି ସେମାନଙ୍କୁ ଦେଶଛାଡ଼ି ଚାଲିଯିବା ସକାଶେ ସୁଯୋଗ ଦିଆଯାଇଛି। ବଡ଼ବଡ଼ିଆଙ୍କ ମହଲରେ ଆତଯାତ ଥିବା ସୌରଭ ଓ ଗୌରବଙ୍କ ପତ୍ତା ଓ ଠିକଣା ଗୋଆ ପୁଲିସ ନିକଟରେ ଯେ ନଥିଲା ଏକଥା ନୁହେଁ। ଡିସେମ୍ବର ୭ ତାରିଖ ରାତି ୧୨ଟାରେ ଏହି ଦୁର୍ଘଟଣା ସଂପର୍କରେ ପୁଲିସ ଅବଗତ ଥିଲା। ଗୋଆ ଡିଜିପି ଚାହିଁଥିଲେ ତୁରନ୍ତ ଦିଲ୍ଲୀ ପ୍ରତିପକ୍ଷଙ୍କୁ ଅବଗତ କରାଇ ଲୁଥ୍ରାଭାତାଙ୍କୁ ଗିରଫ କରିବାରେ କିଛି ଅସୁବିଧା ହୋଇନଥାନ୍ତା। ଦେଶରେ ଇଣ୍ଡିଗୋ ବିମାନ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦିଲ୍ଲୀ ବିମାନ ବନ୍ଦରରୁ ଦୁଇ ଭାଇ ସୀମିତ ସମୟ ମଧ୍ୟରେ ଥାଇଲାଣ୍ଡ ଟିକଟ, ଇମିଗ୍ରେସନ କ୍ଲିୟରାନ୍ସ, ସୁରକ୍ଷାଗତ ସମସ୍ତ ସୁବିଧା ହାସଲ କରି କିଭଳି ଥାଇଲାଣ୍ଡ ଯାତ୍ରା କରିପାରିଲେ ତାହା ଯେ କୌଣସି ଲୋକକୁ ଚକିତ କରିବ। ସବୁର ଊର୍ଦ୍ଧ୍ୱରେ ସେମାନେ ଭିଆଇପି ନୁହନ୍ତି ଅପରାଧୀ। ଲୁଥ୍ରାଭ୍ରାତାଙ୍କ ଅନ୍ୟତମ ସହଯୋଗୀ ଅଜୟ ଗୁପ୍ତାଙ୍କ ସମେତ ୬ ଜଣଙ୍କୁ ଏଥିମଧ୍ୟରେ ଗିରଫ କରାଯାଇଛି। ଥାଇଲାଣ୍ଡ ପଳାୟନ କରିଥିବା ଦୁଇ ଭାଇଙ୍କ ବିରୋଧରେ ଇଣ୍ଟରପୋଲ ବ୍ଲୁକର୍ଣ୍ଣର ନୋଟିସ୍ ଜାରି କରାଯାଇଛି। ଏହା ଛଡ଼ା ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ସେମାନଙ୍କ ବିରୋଧରେ ଅଛି। ଆମର ଏଠାରେ କହିବାର କଥା ହେଲା, ଅପରାଧର ଗୁରୁତ୍ୱ ନିର୍ବିଶେଷରେ ପ୍ରଭାବଶାଳୀ ଅପରାଧୀ ଦେଶର ଆଇନକାନୁନ୍‌କୁ ଏଡ଼ାଇଯାଇ ଦେଶଛାଡ଼ି ଚାଲିଯିବାକୁ ସମର୍ଥ ହେଉଛନ୍ତି। ଯାହାକି ଚିନ୍ତାର ବିଷୟ ପାଲଟଇଛି।

## କହିଦେଉଥାଏ ପରକୁ...

ଚଳିତ ଶୀତକାଳୀନ ବିଧାନସଭା ଅଧିବେଶନ ବିଭିନ୍ନ କାରଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ଦେଶର ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଥିଲେ। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଉଲ୍ଲେଖ କରି ଜନପ୍ରତିନିଧିଙ୍କୁ ଆଚରଣଗତ ଶୃଙ୍ଖଳା ରକ୍ଷା କରିବା ସହ ଉତ୍ତରଦାୟିତ୍ୱ ସଂପର୍କରେ ସଚେତନ କରାଇଥିଲେ। ଏସବୁ ସତ୍ତ୍ୱେ ବିଜେପି ବିଧାୟକ ସନ୍ତୋଷ ଖୁଣ୍ଟିଆ ଆଦୌ ପ୍ରାସଙ୍ଗିକତା ନଥିଲେ ମଧ୍ୟ ମହାତ୍ମାଗାନ୍ଧିଙ୍କୁ ଆଲୋଚନା ପରିସରକୁ ଟାଣିଆଣି ତାଙ୍କ ସଂପର୍କରେ ଯେଉଁ ନାକରାତ୍ମକ ମନ୍ତବ୍ୟ ଦେଲେ ତାହା ବିଧାନସଭା ମର୍ଯ୍ୟାଦା ଉଲ୍ଲଂଘନ କେବଳ ନୁହେଁ ଏକ କଳା ଅଧ୍ୟାୟ ସୃଷ୍ଟି କରିଛି କହିଲେ ଭୁଲ ହେବନି। ତାଙ୍କର ଏହି ଆଚରଣ ପାଇଁ ସରକାର ଅପଦସ୍ଥ ହେଲେ ଓ ଗୃହର ବିବରଣୀରୁ ସେହି ମନ୍ତବ୍ୟ ବାଦ ଦିଆଗଲା। ଏପରିକି ବିଧାୟକଙ୍କ ମନ୍ତବ୍ୟକୁ ସରକାର ନିନ୍ଦା କରିବା ପର୍ଯ୍ୟନ୍ତ କଥା ଯାଇଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଦିଆଯାଇଥିବା ସୁଚିନ୍ତିତ ପରାମର୍ଶର କୌଣସି ପ୍ରଭାବ ଅନୁଭୂତ ହୋଇନଥିଲା ବିଧାୟକଙ୍କ ଆଚରଣରେ।

ଚଳିତ ବିଧାନସଭା ନିର୍ଦ୍ଧାରିତ ୧୮ ଟି କାର୍ଯ୍ୟଦିବସ ପୂର୍ବରୁ ଶେଷ ହୋଇଗଲା। କାରଣ ସ୍ୱରୂପ କୁହାଯାଇଛି ଯେ କୌଣସି ସରକାରୀ କାର୍ଯ୍ୟନଥିବାରୁ ଗୃହକୁ ମୁଲତବୀ ରଖାଗଲା। ପୂର୍ବବର୍ଷ ମଧ୍ୟ ୧୬ ଦିନ ପୂର୍ବରୁ ଅଧିବେଶନ ବନ୍ଦ କରି ଦିଆଯାଇଥିଲା। ଆମକୁ ଏଠାରେ କହିବାକୁ ପଡୁଛି ଯେ ଚଳିତ ଅଧିବେଶନରେ ବିରୋଧୀଦଳର ଅଭୂତପୂର୍ବ ସହଯୋଗ ସହ ଗୋଟିଏ ଦିନ ପାଇଁ ଗୃହକୁ ଅଚଳ କରିନାହାନ୍ତି। ବିଧାନସଭାରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଓ ଖର୍ଚ୍ଚଦାବି ଆଲୋନା ସବୁ ସୁରୁଖୁରୁରେ ଚାଲିଥିଲା। ବରିଷ୍ଠ କନିଷ୍ଠ ନିର୍ବିଶେଷରେ ବିଧାୟକଙ୍କୁ ଅଂଶ ଗ୍ରହଣ ଓ ଆଲୋଚନାରେ ଭାଗନେବାକୁ ସୁଯୋଗ ମିଳିଥିଲା। ଏତେ ଅନୁକୂଳ ପରିସ୍ଥିତି ଓ ପରିବେଶ ସତ୍ତ୍ୱେ ସରକାରଙ୍କୁ ୧୮ ଟି କାର୍ଯ୍ୟ ଦିନର ପୂର୍ବରୁ ଅଧିବେଶନ ଶେଷ କରିବାକୁ ପଡିଲା କାହିଁକି? ବିଧାନସଭା କାର୍ଯ୍ୟବିଧି ଆଇନରେ ୧୭୭ ଧାରା ସଂଶୋଧନ ଶେଷ କରାଯାଇ ବର୍ଷକୁ ୬୦ ଦିନ ଗୃହକାର୍ଯ୍ୟ ଚାଲିବା ସକାଶେ ନିୟମ ପ୍ରସ୍ତୁତ ହୋଇଥିଲା। ଏଭଳି ଅନୁକୂଳ ପରିବେଶରେ ଯଦି ଗୃହକାର୍ଯ୍ୟ ୬୦ ଦିନ ଚାଲିନପାରୁଛି ତେବେ ପୁଣି ଏକ ସଂଶୋଧନ ମାଧ୍ୟମରେ ଏହି କାର୍ଯ୍ୟଦିବସକୁ ଆହୁରି ସଂକୁଚିତ କରାଯାଇପାରେ। ଆମେ ଏଠାରେ କେବେଳ କ୍ଷମତାସୀନ ଏବର ସରକାରଙ୍କ କଥା କହୁନୁ ପୂର୍ବ ସରକାର ମଧ୍ୟ ନିର୍ଦ୍ଧାରିତ ଦିନ ନିର୍ଘଣ୍ଟକୁ ପୂରଣ କରୁନଥିଲେ। ହେଲେ ସେତେବେଳର ବିରୋଧୀ ବିଜେପି କଟୁ ସମାଲୋଚନା କରିବା ସହ ସରକାର ପଳାୟନପନ୍ଥୀ ହୋଇ ଗୃହକୁ ଆଗୁଆ ମୁଲତବୀ ରଖୁଥିବାର ଅଭିଯୋଗ କରିଥିଲେ। ତେଣୁ ଏଠାରେ ଆମେ କହିବା 'କହି ଦେଉଥାଏ ପରକୁ ବୃଦ୍ଧି ନ ଦିଶଇ ଘରକୁ' ଚଳିତ ଅଧିବେଶନର ଅନ୍ୟ ଏକ ଦିଗ ହେଲା ମନ୍ତ୍ରୀ ଓ ବିଧାୟକଙ୍କ ବେତନ, ଭତ୍ତା ବୃଦ୍ଧି ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଛି। ଏହା ପୁଣି ୧୮ ମାସ ପିଛିଲା କାର୍ଯ୍ୟକାରୀ ହେବ ଏହି ବର୍ଦ୍ଧିତ ବେତନ ଭତ୍ତା ପ୍ରଚଳିତ ହାର ଠାରୁ ୩ ଗୁଣ ଅଧିକ। ବିଧାୟକଙ୍କ ମାସିକ ବେତନ ଭତ୍ତା ୩ ଲକ୍ଷ ୪୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ପେନସନ୍ ମଧ୍ୟ ୩୫ ହଜାରରୁ ୮୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଏହା କୁଆଡେ ଦେଶର ସବୁ ବିଧାନସଭାରେ ପ୍ରଚଳିତ ବ୍ୟବସ୍ଥାକୁ ଟପିଛି। ଗୃହ ପରିଚାଳନାଠାରୁ ବେତନ – ଭତ୍ତା ନିର୍ଦ୍ଧାରଣ ପର୍ଯ୍ୟନ୍ତ ସବୁ ବୁଝାମଣା ଭିତ୍ତିରେ ଚାଲିଛି ଓ ଆଗକୁ ତାହା ଚାଲିବାକୁ ଦିଆଯାଉ। ହେଲେ ଗୃହ ଦିବସକୁ ସଂକୁଚିତ ନ କରି ରାଜ୍ୟବାସୀଙ୍କ ଅଭାବ –ଅସୁବିଧା ଓ ସମସ୍ୟା ସମାଧାନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉ।

# ପୁଟିନଙ୍କ ଭାରତ ଗସ୍ତର କୂଟନୀତିକ ଦିଗ

**ଡ. ସୁଶାନ୍ତ କୁମାର ପରିଡା**

ଭାରତ–ରୁଷ ସମ୍ପର୍କ ନେଇ ଆଜି ଯେତେ ଆଲୋଚନା ହେଉଛି, ସେହି ଚର୍ଚ୍ଚାର ମଝିରେ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଭ୍ରମଣ ଏକ ନୂଆ ଅର୍ଥ ନେଇ ଆସିଛି। ଆଜିର ବିଶ୍ୱ ବ୍ୟବସ୍ଥାଟି ପୁରା ଅଲଗା, ଏକଧ୍ରୁବୀୟ ଆମେରିକୀୟ ନେତୃତ୍ୱ ହ୍ରାସକ୍ଷୀଣ, ଚୀନର ଉତ୍‌ଥାନ, ୟୁରୋପର ସୁରକ୍ଷା ଚିନ୍ତା ଓ ରୁଷ-ୟୁକ୍ରେନ ଯୁଦ୍ଧରେ ନୂଆ ଅସ୍ଥିରତା-ଏସବୁରେ ଭାରତ ନିଜ ତୃତୀୟ ଆଖିରେ ଦେଖୁଛି ଜଗତକୁ। ଏହି ପରିପ୍ରେକ୍ଷୀରେ ପୁଟିନଙ୍କ ଭାରତ ଭ୍ରମଣ କେବଳ ଦୁଇ ଦେଶର କୂଟନୀତିକ ଆଦାନ-ପ୍ରଦାନ ନୁହେଁ; ଏହା ଏକ ଗଭୀର ସନ୍ଦେଶ-ଭାରତ ଓ ରୁଷ ଆଜି ମଧ୍ୟ ଏକାପରିକା ଓ ଏକାପରି।

ଭାରତ ଓ ରୁଷ ସମ୍ପର୍କକୁ "ସମୟ ପରୀକ୍ଷିତ" ବୋଲି କୁହାଯାଏ। ଶୀତଳ ଯୁଦ୍ଧରୁ ଆରମ୍ଭ କରି କୌଶଳିକ ସହଯୋଗ ପର୍ଯ୍ୟନ୍ତ ରୁଷ ସବୁବେଳେ ଭାରତର ସହଯୋଗୀ ରହିଛି। ୧୯୭୧ର ଇଣ୍ଡୋ–ସୋଭିଏତ ଶାନ୍ତି, ମିତ୍ରତା ଓ ସହଯୋଗ ଚୁକ୍ତିରୁ ଆରମ୍ଭ କରି, ନାଭାଲ ପ୍ଲାଟଫର୍ମ, ସାମରିକ ଉପକରଣ, ଅନ୍ତରୀକ୍ଷ ସହଯୋଗ, ଶକ୍ତି ବ୍ୟବସ୍ଥା-ସବୁଥିରେ ରୁଷ ଭାରତକୁ ଦୃଢ଼ ଭିତ୍ତି ଦେଇଛି। କିନ୍ତୁ ଏବେ ପରିବେଶ ଅଲଗା। ଚୀନ ଆଜି ଦୁଇ ଦେଶଙ୍କ ପାଇଁ ଅଲଗା–ଅଲଗା ଭାବେ ଅନୁଭବୀୟ ଅକଳି ସୃଷ୍ଟି କରୁଛି। ଭାରତ ପାଇଁ ସୀମା ସମସ୍ୟା, ରୁଷ ପାଇଁ ଅଧିକ ନିର୍ଭରତା। ପଶ୍ଚିମ ଦେଶଗୁଡିକ ଭାରତକୁ ଇଣ୍ଡୋ–ପାସିଫିକ୍‌ର ଗୁରୁତ୍ୱପୂର୍ଣ୍ଣ ନେତା ଭାବେ ଦେଖୁଛନ୍ତି, ରୁଷକୁ ତାଙ୍କର ନିଜ ଅନୁଶାସନୀୟ ପରିକଳ୍ପନାର ଅଂଶ ମାନୁଛନ୍ତି। ଏମିତି ସମୟରେ ପୁଟିନଙ୍କ ଭାରତ ଯାତ୍ରା ଦୁଇ ଦେଶକୁ ପୁଣିଥରେ ନୂଆ ମଞ୍ଚରେ ଡାକୁଛି-କେମିତି ପ୍ରାଚୀନ ସମ୍ପର୍କକୁ ଆଧୁନିକ ଯୁଗର ଚ୍ୟାଲେଞ୍ଜ ସହିତ ମେଳ କରିବା?

ପୁଟିନଙ୍କ ଯାତ୍ରାକୁ ବୁଝିବା ପାଇଁ ୟୁକ୍ରେନ ଯୁଦ୍ଧର ପ୍ରେକ୍ଷାପଟ ଅତ୍ୟନ୍ତ ଆବଶ୍ୟକ। ରୁଷ ପଶ୍ଚିମ ରାଷ୍ଟ୍ର ପକ୍ଷରୁ ଅପରିମିତ ନିଷେଧ ଦେଖୁଛି ଓ ବିଶ୍ୱ ଆର୍ଥିକ ବ୍ୟବସ୍ଥାରୁ ପ୍ରାୟ ଅଲଗା କରାଯାଇଛି। ଏହି ସମୟରେ ଭାରତ ରୁଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାରଥୀ-ତେଲ କ୍ରୟ, ସାମରିକ ହାର୍ଡୱେର କ୍ରୟ, ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ସନ୍ତୁଳିତ ଭୂମିକା ଭାରତ ପଶ୍ଚିମ ପକ୍ଷରୁ ଚାପ ଥିଲେ ମଧ୍ୟ ନିଜ ହିତକୁ ଭିତ୍ତି କରି ରୁଷ ସହ ସମ୍ପର୍କ ଜାରି ରଖିଛି।

ପୁଟିନଙ୍କ ଯାତ୍ରା ଏହାକୁ ସୂଚାଇ ଦେଲା-ରୁଷ ଭାରତକୁ ଦୀର୍ଘମିଆଦୀ ମିତ୍ର ବୋଲି ମାନେ ଓ ଭାରତ ନିଜ ସ୍ୱାଧୀନ କୂଟନୀତି ପଥକୁ ପୁନର୍ବଳ ପ୍ରଦାନ କରେ।

ଭାରତ ପାଇଁ ରୁଷର ଅପରିହାର୍ଯ୍ୟ ଗୁରୁତ୍ୱ। ଆମେ ବହୁ ସମୟରେ କହୁଛୁ ଯେ ଭାରତ ଆଜି ବହୁଧ୍ରୁବୀୟ ଶକ୍ତିକେନ୍ଦ୍ରର ନେତୃତ୍ୱ ନେଉଛି, କିନ୍ତୁ ସତ୍ୟ ହେଲା-କୌଣସି ମହାଶକ୍ତିକୁ ପୂରା ଛାଡ଼ି ଭାରତ ଆଗକୁ ବଢ଼ିପାରିବ ନାହିଁ। ରୁଷ ଏଠାରେ ଅପରିହାର୍ଯ୍ୟ: ସାମରିକ ସହଯୋଗ କ୍ଷେତ୍ରରେ ଭାରତର ରକ୍ଷା ପ୍ରଣାଳୀର ୫୦ ଭାଗ ରୁଷ ଆଧାରିତ। ସୁଖୋଇ- ୩୦ ଏମ୍‌କେଆଇ, ଟି-୯୦, ଏସ୍-୪୦୦, କିଲୋ-କ୍ଲାସ୍ ସବ୍‌ମେରିନ୍-ସବୁ ରୁଷୀୟ ମୂଳଭୂତ୍ତି। ନୂଆ ପ୍ରଣାଳୀ ଯଥା ବ୍ରହ୍ମୋସ୍ ମିସାଇଲ ସଂଯୁକ୍ତ ଉତ୍ପାଦନର ଉଦାହରଣ।

ଉର୍ଜା ସୁରକ୍ଷା କ୍ଷେତ୍ରରେ ସାଂଗଠିକ ଭାବେ ଭାରତ ଆଜି ଅପେକ୍ଷାକୃତ ଶସ୍ତା ରୁଷ ତେଲ ଉପରେ ନିର୍ଭର କରୁଛି। ଏହା ଭାରତର ବଜାର ଭାରକୁ ଅନେକ କମାଇଛି। ଅନ୍ତରୀକ୍ଷ ଓ ପରମାଣୁ ସହଯୋଗ କ୍ଷେତ୍ରରେ କୁଡ଼ନ୍କୁଲମ୍ ପରମାଣୁ ପ୍ଲାଣ୍ଟ ରୁଷ–ଭାରତ ସମ୍ପର୍କର ଏକ ପ୍ରତୀକ। ଇସ୍ରୋ-ରସ୍‌କସ୍‌ମସ୍ ସହଯୋଗ ଭାରତର ମାନବ ଅନ୍ତରୀକ୍ଷ ମିଶନକୁ ନୂଆ ଦିଗ ଦେଇଛି। ଏହାର ଅର୍ଥ-ରୁଷକୁ ଛାଡ଼ି ଭାରତ ତା'ର ସୁରକ୍ଷା ଓ ଉର୍ଜା ଉନ୍ନତିକୁ ସଂପୂର୍ଣ୍ଣ କରିପାରିବା କଷ୍ଟ।



ପୁଟିନଙ୍କ ଯାତ୍ରା ପଶ୍ଚିମ ଦେଶଗୁଡ଼ିକୁ ଏକ ନିର୍ମଳ, କିନ୍ତୁ ସ୍ପଷ୍ଟ ସନ୍ଦେଶ ପଠାଇଛି-ଭାରତ କେବଳ ପାର୍ଶ୍ୱଭାଗୀ ନୁହେଁ; ସ୍ୱାଧୀନ ନୀତି ଅଙ୍ଗୀକାର କରୁଥିବା ଏକ ଅପରିହାର୍ଯ୍ୟ ଶକ୍ତି। କ୍ୱାଡ୍, ଆଇ୨ୟୁ୨, ଇଣ୍ଡୋ-ପାସିଫିକ୍ ଷ୍ଟ୍ରାଟେଜି- ଯେଉଁଭଳି ଭାରତ ଅଛି, ସେଠି ତାଙ୍କର ନୀତି ଆମେରିକୀୟ ପାଠକୁ ମାନିବା ମାତ୍ର ନୁହେଁ। Bharat acts in its own interest. ଏହି ଯାତ୍ରା ଏକ କୂଟନୀତିକ ସ୍ୱାଧୀନତାର ପ୍ରତୀକ।

ପୁଟିନ–ମୋଦୀ ଆଲୋଚନାର ପୃଷ୍ଠଭୂମିରେ ଚୀନର ଛାୟା ଅନିବାର୍ଯ୍ୟ। ଚୀନ–ରୁଷ ସମୀକରଣ ବଢୁଛି, ଚୀନ–ଭାରତ ସୀମା ସଂକଟ ଜାରି ରହିଛି। ଏହାର ଭାରତୀୟ ଅର୍ଥ-ରୁଷକୁ ଭାରତ ସହ ସମ୍ପର୍କ ସଂରକ୍ଷଣ ଆବଶ୍ୟକ, ଯାହା ତାଙ୍କୁ ଚୀନ ପ୍ରତି ଅତ୍ୟଧିକ ନିର୍ଭରତାରୁ ବଞ୍ଚାଇପାରିବ। ଭାରତ ପାଇଁ ମଧ୍ୟ ଏହି ସମୀକରଣ ଗୁରୁତ୍ୱପୂର୍ଣ୍ଣ। ଏକ ରୁଷ–ଚୀନ ବ୍ଲକ୍ ଭାରତର ରଣନୀତିକ ସ୍ଥାନକୁ କମାଇଦେଇପାରେ। ତେଣୁ ଦୁଇ ଦେଶ ନିଜ ମଧ୍ୟରେ ସନ୍ତୁଳନ ରଖିବାକୁ ଚାହୁଁଛନ୍ତି।

ପୁଟିନଙ୍କ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଆର୍ଥିକ ସମ୍ପର୍କକୁ ପୁନର୍ଗଠନ କରିବା। ସାମରିକ କ୍ଷେତ୍ର ବ୍ୟତୀତ ଭାରତ–ରୁଷ ବ୍ୟାପାର ତତ୍ତ୍ୱରେ ସୀମିତ ରହିଛି। ନୂଆ ସୂଚୀରେ-ଫାର୍ମା, ଆଇ.ଟି, କୃଷି ଓ ଖାଦ୍ୟପ୍ରକ୍ରିୟା, ନିର୍ମାଣ, ରେଲ୍‌ୱେ ଓ ଅଫଶୋର ତେଲ ପ୍ରକଳ୍ପ ସବୁକୁ ନୂଆ ଗତି ଦେବା ଉଦ୍ଦେଶ୍ୟ। ବିଶେଷକରି ଉତ୍ତର–ଦକ୍ଷିଣ ଟ୍ରାନ୍ସପୋର୍ଟ କରିଡର (INSTC) ଭାରତକୁ ଇଉରେସିଆ ମଝିରେ ବ୍ୟାପକ ସଂଯୋଗ ଦେଇପାରେ।

ଯେତେବେଳେ ଅନ୍ୟ ଦେଶର ରାଷ୍ଟ୍ରପତିମାନେ ମଞ୍ଚରେ ଆସନ୍ତି, ସେଥିରେ ନାଗରିକମାନଙ୍କ ପାଇଁ କ'ଣ ଆସେ? ଭାରତ–ରୁଷ ସମ୍ପର୍କର ଆଉ ଏକ ଗଭୀର ଦିଗ ରହିଛି-ସଭ୍ୟତା ଓ ସଂସ୍କୃତିର ସଂଳାପ। ଦୋସ୍ତୋଏଭସ୍କି, ଟଲସ୍ଟୟ, ଟାଗୋର-ସବୁ ଭାରତ–ରୁଷ ସମ୍ପର୍କର ସାହିତ୍ୟିକ ସୂତ୍ର। ବିଜ୍ଞାନ, ସଙ୍ଗୀତ, ଶିକ୍ଷା-ବିବିଧ ମଞ୍ଚରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସବୁବେଳେ ଗଭୀର ସମ୍ପର୍କ ରହିଛି। ପୁଟିନଙ୍କ ଯାତ୍ରା ଏହି ସମ୍ପର୍କକୁ ନୂଆ ଦିଶା ଦେଲା।

ଆଜି ଦୁନିଆ ଏକ ନୂଆ ଦିଗକୁ ଯାଉଛି। ଆମେରିକୀୟ ପ୍ରଭୁତ୍ୱର ଯୁଗ ଆସ୍ତେ–ଆସ୍ତେ ଶିଥିଳ ହେଉଛି, ଚୀନ ଉଡଁଛି, ୟୁରୋପ ଅସ୍ଥିର। ମଧ୍ୟପ୍ରାଚ୍ୟ ପୁନଃ ତଫାତ୍‌ରେ। ଏହି ସମୟରେ ଭାରତ ଓ ରୁଷ ପାଇଁ ପରସ୍ପର ସମ୍ପର୍କ ଏକ ରଣନୀତିକ ଆବଶ୍ୟକତା। ବହୁଧ୍ରୁବୀୟ ଜଗତ ଏହାକୁ ଆଉ ଗଭୀର କରେ-India and Russia are partners in shaping a balanced global order. ପୁଟିନଙ୍କ ଭାରତ ଯାତ୍ରା କହିଦେଲା-ଭାରତ ପରାନୁସରଣକାରୀ ନୁହେଁ। ଭାରତ ନିଜ ସ୍ୱାଧୀନ କୂଟନୀତିକ ହିତକୁ ପ୍ରଥମେ ରଖେ।

କ୍ୱାଡ୍ ସହିତ ସମ୍ପର୍କ ରହିଛି, ବ୍ରିକ୍ସ ସହିତ ସମ୍ମିଳନ ରହିଛି, ଏସ୍‌ସିଓ ସୁରକ୍ଷା ମଞ୍ଚରେ ଭାଗ ନେଉଛି, ପଶ୍ଚିମ ସହ ଆର୍ଥିକ ସମ୍ପର୍କ,ରୁଷ ସହ ପରମାଣୁ–ରକ୍ଷା–ଉର୍ଜା ସହଯୋଗ ,ଏହି ସବୁକିଛି ଏକ ସଂକେତ: ଭାରତ ଏବେ ବିଶ୍ୱ ରାଜନୀତିର ନିର୍ମାତା; କେବଳ ଅନୁସାରୀ ନୁହେଁ।

ପୁଟିନଙ୍କ ଏହି ସଂକ୍ଷିପ୍ତ ଭାରତ ଗସ୍ତ ଭିତରେ ରହିଛି ଦୀର୍ଘମିୟାଦୀ ପରିଣାମ। ଆମେ ଯେପରି ଦେଖୁଛୁ-ବିଶ୍ୱ ରାଜନୀତିର ପୁନର୍ଗଠନ, ଭାରତର ବୃଦ୍ଧିଶୀଳ ଶକ୍ତି ସ୍ଥାନ, ରୁଷର ପଶ୍ଚିମବିମୁଖ ରଣନୀତି , ଚୀନର ଉତ୍‌ଥାନ ଏହି ଦୁଇ ଦେଶକୁ ପୁଣି ଏକାଠି କରି ଆଣିଛି। ପୁଟିନଙ୍କ ଭାରତ ଯାତ୍ରାର ମୂଳ ସନ୍ଦେଶ ଏକ-"In a changing world, India and Russia still need each other."ଭାରତ ନୂତନ ବିଶ୍ୱ ବ୍ୟବସ୍ଥାର ନିର୍ମାଣକାରୀ। ରୁଷ ତାହାର ପ୍ରାକ୍ତନ ମିତ୍ର ଓ ଭବିଷ୍ୟତ ସହପାଠୀ। ଏବଂ ଏହି ଯାତ୍ରା ଦୁଇ ଦେଶକୁ ସଂପର୍କର ନୂଆ ପର୍ବକୁ ଆଣିଛି-ଏକ ସହଯୋଗିତା ଯାହା ଇତିହାସର ଉପରେ ଭିତ୍ତି କରିଛି ଓ ଭବିଷ୍ୟତର ଦୃଷ୍ଟିକୋଣରେ ଦୃଢ଼ ହେଉଛି।

ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା, କେନ୍ଦ୍ରାପଡ଼ା
ମୋ- ୯୪୩୭୨୧୦୪୫୮

# ବ୍ୟବସ୍ଥାପକଙ୍କ ବେତନ ବୃଦ୍ଧି: ଏକ ଅନୁଶୀଳନ

**ଶ୍ରୀ ଅବନୀ ଚନ୍ଦ୍ର ଦାସ**

ସମୟର ଚକ୍ର ଘୂର୍ଣ୍ଣାୟମାନ। କେବେ କାହା ଭାଗ୍ୟରେ ଧନ ସମ୍ପଦ ଅବା ଐଶ୍ୱର୍ଯ୍ୟର ବର୍ଷା ହୁଏ ତ, କେବେ କାହାକୁ ଚୁଲି ଜାଳିବା ପାଇଁ ମଧ୍ୟ ସଂଘର୍ଷ କରିବାକୁ ପଡ଼େ। ଓଡ଼ିଶା ବିଧାନସଭାରେ ଆଗତ ହୋଇ ସଦ୍ୟ ପାରିତ ହୋଇଥିବା "ବେତନ ଓ ଭତ୍ତା ବୃଦ୍ଧି ବିଲ୍" ଏହି ସତ୍ୟକୁ ହିଁ ସ୍ପଷ୍ଟ କରିଛି। ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଓ ପୂର୍ବତନ ବିଧାୟକ ଆଦି ବିଧି ବ୍ୟବସ୍ଥାପକଙ୍କ ପେନ୍‌ସନ୍/ବେତନ ବୃଦ୍ଧିର ଘୋଷଣା ସରିଛି। ସଂସଦୀୟ ପରମ୍ପରାର ଅଂଶ ଭାବେ ଏହିପରି ବିଲ୍ ପାସ୍ ହେବା ଏକ ରାଜନୈତିକ ପ୍ରକ୍ରିୟା ନିଶ୍ଚିତ, କିନ୍ତୁ ଏହାଦ୍ୱାରା ସାଧାରଣ ଜନତାଙ୍କ ମନରେ ଗୁଞ୍ଜରୀ ଉଠୁଥିବା ପ୍ରଶ୍ନଗୁଡ଼ିକୁ କଦାପି ଅବଦମିତ କରିବା ସମ୍ଭବ ନୁହେଁ।

ଏକ ମୁଖ୍ୟ ସାମ୍ବିଧାନିକ ପ୍ରଶ୍ନ ଆଜି ସମାଜରେ ଚିନ୍ତାର କାରଣ ସାଜି ସଭିଙ୍କ ମନରେ ନିଆଁ ପରି ହୁତୁହୁତୁ ହୋଇ ଜଳୁଛି। ସମାଜ ପାଇଁ, ସରକାରଙ୍କ ପାଇଁ ଅହରହ କର୍ତ୍ତବ୍ୟ ସମ୍ପାଦନ କରୁଥିବା ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ଯୋଜନା କର୍ମୀ, ସର୍ବନିମ୍ନସ୍ତରୀୟ କର୍ମଚାରୀ, ସଫେଇ କର୍ମଚାରୀ, ଶ୍ରମିକ/ଠିକା କର୍ମଚାରୀ, ଏପରିକି ଠିକା ସଂସ୍ଥା ଜରିଆରେ ଅନେକ ସରକାରୀ କାର୍ଯ୍ୟ କରୁଥିବା ଡାକ୍ତର, ଇଞ୍ଜିନିୟର ତଥା ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନଙ୍କ ବେତନ ବୃଦ୍ଧିର ଆବଶ୍ୟକତା ନାହିଁ କି ? ସେମାନେ କୌଣସି ଶ୍ରେଣୀଭୁକ୍ତ କର୍ମଚାରୀ / ଅଧିକାରୀ ନୁହନ୍ତି କି ?

ବିଧାୟକମାନଙ୍କ ଦରମା ବୃଦ୍ଧି ହେବାରେ କେତେକ ନିର୍ଦ୍ଦିଷ୍ଟ ଯୁକ୍ତି ରହିଥିବା କୁହାଯାଉଛି, ଯଥା: ସେମାନଙ୍କ ଉପରେ ରହୁଥିବା ଦାୟିତ୍ୱଭାର, ନିର୍ବାଚନୀ ଖର୍ଚ୍ଚ, ନିଜ ଅଞ୍ଚଳ / ଜିଲ୍ଲା ଭ୍ରମଣ, ଅନ୍ୟାନ୍ୟ ଜନସେବାର ଦାୟିତ୍ୱ, ଇତ୍ୟାଦି। ଏସବୁ ପ୍ରସଙ୍ଗମାନ ସଠିକ୍ ବୋଲି ଗ୍ରହଣ କରାଯାଉଥିଲେ ମଧ୍ୟ ଆମ ସମାଜର ଅନ୍ୟ କ୍ଷେତ୍ରରେ ପ୍ରତ୍ୟହ ୮ ରୁ ୧୦ ଘଣ୍ଟା ଶ୍ରମଦାନ କରୁଥିବା ୪ର୍ଥ ଶ୍ରେଣୀ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, କ୍ଷେତ୍ର - କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀମାନଙ୍କ ଜୀବନର ସ୍ଥିତି ଉପରେ ଅନୁଧ୍ୟାନ କରିବାପାଇଁ କେବେ ସମୟ ମିଳେ ? ଯଥାଯୋଗ୍ୟ ବେତନ ପାଇଁ ସେମାନେ ଭାଜ୍ୟ ନୁହନ୍ତି କି ?

ସାଧାରଣ କର୍ମଚାରୀଙ୍କ ଘରକୁ ବହୁଥିବା ଝାଞ୍ଜିପିଟା ଗରମ ପବନରେ ମିଶ୍ରିତ ବଜାର ଦର, ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ପରିବାର ସଦସ୍ୟଙ୍କ ଚିକିତ୍ସା ଖର୍ଚ୍ଚ ଆଦି କେମିତି ଅବା ବଡ଼ବଡ଼ିଆଙ୍କ ଚଳଣି ସହ ତୁଳନୀୟ ହୋଇପାରିବ? ଏହି ପ୍ରଶ୍ନ ଆଜି ଅନେକଙ୍କ ମନକୁ ଆନ୍ଦୋଳିତ କରୁଛି।

ଆମ ରାଜ୍ୟରେ ଜଣେ ଶିକ୍ଷକ ହୁଅନ୍ତୁ କି, ଜଣେ ଶ୍ରମିକ ୨୫-୩୦ ବର୍ଷ ପର୍ଯ୍ୟନ୍ତ 'ସମାନ କାମ କୁ ସମାନ ଦରମା' ନ୍ୟାୟରେ ତତ୍ ଜନିତ ଅସଙ୍ଗତି ଦୂର କରିବାକୁ କିମ୍ବା ବେତନ ବୃଦ୍ଧି ପାଇଁ ଯେପରି ବିକଳ ଚିତ୍କାର କରି ଚାଲିଛନ୍ତି, ତାହା ପ୍ରାୟ କାହାରିକୁ ଅବିଦିତ ନୁହେଁ। ଏହି ନିମ୍ନବର୍ଗ କର୍ମଚାରୀ ବା ସେବା ପ୍ରଦାନକାରଙ୍କ ଦରମା ବୃଦ୍ଧି, ସୁରକ୍ଷା, ସାମାଜିକ ସମ୍ମାନ ଆଦି ସବୁ ଯେମିତି ଆଜି ମଧ୍ୟ 'ପରବର୍ତ୍ତୀ ସଭା'ର ଅପେକ୍ଷାରେ ଥିବା ନଥିପତ୍ରର ନାଲି ଫିତା ତଳେ ବନ୍ଧା ପଡ଼ିଛି।

ବିଧି ବ୍ୟବସ୍ଥାପକ ତଥା ନିର୍ବାଚିତ ଜନସେବକମାନଙ୍କ ଦରମା ବଢ଼ିବା ପାଇଁ ଯେପରି ଯୁକ୍ତି ଉପସ୍ଥାପିତ ହୋଇଥାଏ, ସେହି ଯୁକ୍ତିକୁ ନିମ୍ନ ବର୍ଗର ସରକାରୀ କର୍ମଚାରୀ, ଦିନ ମଜୁରିଆ, ଚାକିରି ପ୍ରାର୍ଥୀ ଯୁବକ, ଅଧିକୃତ ଦଖଲକାରୀ, ଗ୍ରାମାଞ୍ଚଳରେ ଜୀବିକାଧାରୀ ମାନଙ୍କ ପାଇଁ କାହିଁକି ସମାନ ପ୍ରକାର ମାପଦଣ୍ଡରେ ପ୍ରୟୋଗ କରାଯାଏ ନାହିଁ?

ସମାଜର ଅସମତା ସେତେବେଳେ ଅଧିକ ପ୍ରଗାଢ଼ ହୋଇଯାଏ, ଯେବେ କୌଣସି ବର୍ଗ ବୃତ୍ତିଧାରୀଙ୍କ ଦୀର୍ଘ ପଥ ଯାତ୍ରା ସୌଖିନ ଯାନରେ ସମାହିତ ହେଲାବେଳେ, ତଥାପି ତାହାକୁ 'ସମୟର ଆବଶ୍ୟକତା' ବୋଲି ବର୍ଣ୍ଣନା କରାଯାଏ। ଆଉ ଠିକ୍ ସେହି ବେଳେ ଅନ୍ୟ କୌଣସି ନିମ୍ନ ବର୍ଗ ସରକାରୀ କର୍ମଚାରୀଙ୍କ ପରିଶ୍ରମକୁ ବଜେଟ୍ ସଙ୍କଟର ଦ୍ୱାହି ଦେଇ ଉପେକ୍ଷା କରାଯାଏ। ଜନସେବକ/ପ୍ରତିନିଧିମାନେ ଯଦି ସମାଜର ମୂଳ ଆଧାର, ତେବେ ସମସ୍ତ ଜନସେବକଙ୍କ ପାଇଁ ସମ ନୀତି ପ୍ରଣୟନ ହେବା ଆବଶ୍ୟକ ନୁହେଁ କି ? ଏଥିରେ ବ୍ୟତିକ୍ରମ ହେଲେ ଜନତାର ବିଶ୍ୱାସ, ଯାହା ଗଣତନ୍ତ୍ରର ପ୍ରଥମ ବିଧି ବ୍ୟବସ୍ଥା ସେହିଥିରୁ ବିଚ୍ୟୁତ ହୋଇଯିବା ସ୍ୱାଭାବିକ।

ବେତନ ବୃଦ୍ଧି କୌଣସି ଅପରାଧ ନୁହେଁ କି, ଅଯୌକ୍ତିକ/ ଅବାନ୍ତର ନୁହେଁ। କିନ୍ତୁ ଏଥିରେ ସମାନତାର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ। ବିଧାୟକଙ୍କ ବେତନ ବୃଦ୍ଧିକୁ ଯେତିକି ଗୁରୁତ୍ୱ ଦିଆଯାଉଛି; କଲ୍ୟାଣକର ଯୋଜନା ବୋଲି ବିବେଚନା କରାଯାଉଛି; ଅନୁରୂପେ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଶିକ୍ଷକ, ସ୍ୱାସ୍ଥ୍ୟ କର୍ମୀ, କ୍ଷେତ୍ର କର୍ମଚାରୀ, ଠିକା କର୍ମଚାରୀ, ନିମ୍ନ ବର୍ଗ ପଦବୀଧାରୀ କର୍ମଜୀବୀ, ଅଥବା ଶ୍ରମିକ ତଥା ଦିନ ମଜୁରିଆଙ୍କ ବେତନ ବୃଦ୍ଧି କରି ସେମାନଙ୍କୁ ମଧ୍ୟ ସ୍ୱ ସ୍ୱ ଜୀବନରେ ଆଶାର ନୂଆ ଖାତା ଖୋଲିବାର ସହଜ ଅନୁଭବ କରିବାର ସୁଯୋଗ ଦିଆଯିବା ଆବଶ୍ୟକ।

ସରକାରୀ ଦପ୍ତର ଟେବୁଲ୍ ଯଦି ସମାନ ନ୍ୟାୟର ପାଦପୀଠ ହୋଇଯାଆନ୍ତା, ତେବେ ଆମ ରାଜ୍ୟର ଦୃଶ୍ୟ ଭିନ୍ନ ହୋଇଯାନ୍ତା ଏବଂ ଅମୃତ ଅନୁଭବ ଦେବାରେ ସହାୟକ ହୋଇପାରନ୍ତା। ବିଧାନସଭାର ପବିତ୍ର ଅଟ୍ଟାଳିକା ଉପରେ ଯେପରି ସୂର୍ଯ୍ୟ ଆଲୋକ ବିଚ୍ଛୁରିତ ହୁଏ, ସେପରି ରଶ୍ମି ମଧ୍ୟ ସାଧାରଣ କର୍ମଚାରୀଙ୍କ ଘର ଅଗଣାରେ ପ୍ରତିଭାତ ହୁଏ। ତେବେ ସୂର୍ଯ୍ୟରଶ୍ମି ବିକିରଣରେ ସମାନତା ଥିବା ନ୍ୟାୟରେ ବିଧି ବ୍ୟବସ୍ଥାପକ ମାନଙ୍କ ଭଳି ସାଧାରଣ କର୍ମଚାରୀଙ୍କ ବେତନ ବୃଦ୍ଧି ବ୍ୟାପାରକୁ ସମାନ ଆଧାରରେ ବିଚାର କରାଯିବା ଜରୁରୀ। ଏହାହିଁ ହେଉଛି ସତ୍ୟ ସୁଶାସନର ମୂଳ ମନ୍ତ୍ର।

ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ଦୂରଭାଷ ନଂ: ୯୯୩୭୫୩୭୯୭୪

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

**ଦ୍ୱିତୀୟ-ବୁଦ୍ଧ କଥା**

*ପୂର୍ବପ୍ରକାଶିତ ଉତ୍ତାରୁ...*

ଗୁରୁ ପଦ୍ମ ସମ୍ଭବ ତାନ୍ତ୍ରିକ ବୌଦ୍ଧ ଧର୍ମ-ବଜ୍ରଯାନକୁ ତିବ୍ବତ ଏବଂ ଭୂଟାନ, ସିକ୍କିମ୍, ନେପାଳ, ଲଦାଖ, ଅରୁଣାଚଳ ପ୍ରଦେଶ ଆଦି ହିମାଳୟ ଅଞ୍ଚଳରେ ଅଷ୍ଟମ ଶତାବ୍ଦୀରେ ହିଁ ପ୍ରତିଷ୍ଠା ଓ ପ୍ରଚାର ପ୍ରସାର କରିଥିଲେ। ଗୁରୁ ପଦ୍ମସମ୍ଭବ ସେହି ଅଞ୍ଚଳରେ ଧର୍ମ ପ୍ରଚାର କାର୍ଯ୍ୟରେ ଭ୍ରମଣ କରୁଥିବା ସମୟରେ ଏହି ହଜୋ ଅଞ୍ଚଳ ସହ ମଧ୍ୟ ସମ୍ବନ୍ଧିତ ତଥା ସଂଯୁକ୍ତ ରହିଥିଲେ। ଯଦିଚ ତାହା ବୁଦ୍ଧଙ୍କର ମହାପରିନିର୍ବାଣ ସ୍ଥଳ ନୁହଁ, ତେବେ ହଜୋ ନିଶ୍ଚିତ ଭାବେ ଅନ୍ୟ କୌଣସି ବୌଦ୍ଧଧର୍ମର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆଚାର୍ଯ୍ୟଙ୍କ ସହ ସଂପର୍କିତ ରହିଥିଲା। ସେହି ଆଚାର୍ଯ୍ୟ ନିଶ୍ଚିତ ରୂପେ ବୁଦ୍ଧଙ୍କ ଭଳି ସମ୍ମାନ କିମ୍ବା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧଗୁରୁ ହୋଇଥିବେ ଏବଂ ସେହିଭଳି ସମ୍ମାନ ବୌଦ୍ଧଜଗତରେ ପାଉଥିବେ। ଗୁରୁ ପଦ୍ମସମ୍ଭବ ସମଗ୍ର ବୌଦ୍ଧଜଗତରେ ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଥିବା ସହ ତିବ୍ବତୀୟ ବୌଦ୍ଧ ଧର୍ମାବଲମ୍ବୀମାନେ ତାଙ୍କୁ ଭଗବାନ ବୁଦ୍ଧଙ୍କଠାରୁ ଅଧିକ ସମ୍ମାନ ତଥା ଭକ୍ତି ଅର୍ପଣ କରୁଥିଲେ। ଏଣୁ ନିଶ୍ଚିତ ଭାବେ ଏହି ହଜୋ ପୁଣ୍ୟକ୍ଷେତ୍ରଟି ଗୁରୁ ପଦ୍ମସମ୍ଭବଙ୍କର ମହାପରିନିର୍ବାଣ ସ୍ଥଳ। ସେ ଏହି ଅଞ୍ଚଳ ସହ ଅଧିକ ଜଡ଼ିତ ଏବଂ ତିବ୍ବତରୁ ଫେରିବା ପରେ ଜୀବନର ଶେଷକାଳରେ ଏ ଅଞ୍ଚଳକୁ ସେ ଅଧିକ ଯିବାଆସିବା କରୁଥିଲେ। ତାଙ୍କର ଅନ୍ତିମ ରହଣି ସ୍ଥଳ ଓଡ଼ିଶାର ଉଦୟଗିରି ମହାବିହାର ଥିଲା।

ଉଦୟଗିରି - ଇନ୍ଦ୍ରଭୂତିଙ୍କ ପୁତ୍ର ପଦ୍ମସମ୍ଭବଙ୍କର ଯାଜପୁରରେ ବିରଜାଙ୍କ ସହ ଐତିହାସିକ ସମ୍ବନ୍ଧ। ନେପାଳର ତାନ୍ତ୍ରିକ ପରମ୍ପରାରେ ବୁଦ୍ଧଙ୍କର ଭବିଷ୍ୟବାଣୀ ରହିଛି। ଏଥିରେ ଭଗବାନ ବୁଦ୍ଧ ସାରୀପୁତ୍ତଙ୍କୁ ଆଶ୍ୱାସନାବାଣୀ ଶୁଣାଉଛନ୍ତି କି ଭବିଷ୍ୟତରେ ସେ ପଦ୍ମସମ୍ଭବ ନାମ ଧାରଣ କରି ଜଣେ ବୁଦ୍ଧ ଭାବରେ ଜନ୍ମଗ୍ରହଣ କରିବେ ଏବଂ ସେତେବେଳେ ତାଙ୍କର ବିରଜାଙ୍କ ନିକଟରେ ବୋଧିପ୍ରାପ୍ତି ହେବ। ପଦ୍ମସମ୍ଭବ, ତାରା ଓ ଅନ୍ୟ ଦେବଦେବୀଙ୍କୁ ଆବାହନପୂର୍ବକ ଦଣ୍ଡାୟମାନ ଅବସ୍ଥାରେ ରହିଥିବା ବୋଧିସତ୍ତ୍ୱ ମୂର୍ତ୍ତିର ପଛପାଖରେ ପଚିଶ ଧାଡ଼ିବିଶିଷ୍ଟ ଏକ ଲମ୍ବା ଅଭିଲେଖ ଖୋଦିତ ହୋଇଛି ଏବଂ ଏହି ମୂର୍ତ୍ତି ବିରଜାଙ୍କ ନିକଟରେ ଉଦୟଗିରି ମହାବିହାରର ଧ୍ୱଂସାବଶେଷରେ ରହିଛି। ଏଥିରେ ଲେଖାଯାଇଛି- 'ତଥାଗତାଧିଷ୍ଠିତ ଧାତୁଗର୍ଭ ସ୍ତୂପ(ତଥାଗତ ବୁଦ୍ଧଙ୍କ ଦେହାବଶେଷ ଏଠାରେ ସ୍ତୂପ ମଧ୍ୟରେ ରହିଛି)। ସେହି ସ୍ତୂପ ସେହି ସ୍ଥାନରେ ରହିଥିବା ସେହି ଅଭିଲେଖ ଦର୍ଶାଉଛି। ଏହି ସ୍ତୂପରେ ନିଶ୍ଚିତଭାବେ ପଦ୍ମ ସମ୍ଭବଙ୍କର ଦେହାବଶେଷ ରହିଛି ଏବଂ ଏହି ସ୍ତୂପର ଧ୍ୱଂସାବଶେଷ ନିଶ୍ଚିତଭାବେ ସେହି ମୂର୍ତ୍ତି ରହିଥିବା ସ୍ଥାନଟିର ଆଖପାଖରେ ରହିଛି ବୋଲି ଗବେଷକମାନଙ୍କର ବିଶ୍ୱାସ।

ଏସବୁରୁ ଏହା ସୂଚିତ ହେଉଛି ଯେ ଗୁରୁ ପଦ୍ମସମ୍ଭବଙ୍କ ପିତା ଇନ୍ଦ୍ରଭୂତି ଯେକି ଉଡ୍ଡୀୟାନ ଅଞ୍ଚଳର ଜଣେ ରାଜା ଥିଲେ। ଏହି ଉଡ୍ଡୀୟାନ ହେଉଛି ବର୍ତ୍ତମାନର ଓଡ଼ିଶା, ଯାହା ହେଉଛି ଓଡ୍ରପୀଠ। ଏହି ପୀଠର ପୀଠ ଦେବାଦେବୀ ହେଉଛନ୍ତି ଜଗନ୍ନାଥ ଓ ବିରଜା। ଉଦୟଗିରି ମହାବିହାରରେ କୌଣସି ମତେ ଭଗବାନ ବୁଦ୍ଧଙ୍କର ଦେହାବଶେଷ ଥିବାର କୌଣସି ସୂଚନା କୌଣସିଠାରେ ହିଁ ନାହିଁ। ତେଣୁ ଭବିଷ୍ୟବାଣୀ ମୁତାବକ ଏହି ଦେହାବଶେଷ ହେଉଛି ପଦ୍ମସମ୍ଭବଙ୍କର।

ଉପରେ ପଦ୍ମସମ୍ଭବଙ୍କ ଦେହାବଶେଷ ତଥା ମହାପରିନିର୍ବାଣ ସଂପର୍କରେ ବିସ୍ତୃତଭାବେ ଆଲୋଚନା କରାଗଲା। ଆଲୋଚନା ମତେ ପଦ୍ମସମ୍ଭବଙ୍କର ଦେହାବଶେଷ ଉଭୟ ଆସାମର କୁଶନଗର ଅଥବା ହଜୋ ଏବଂ ଓଡ଼ିଶାର ଉଦୟଗିରିଠାରେ ରହିଥିବା ଜଣାଯାଉଛି। ଗବେଷକମାନେ ଏହି ଉଭୟସ୍ଥଳକୁ ମଧ୍ୟ ତାଙ୍କର ମହାପରିନିର୍ବାଣ ସ୍ଥଳଭାବେ ଚିହ୍ନଟ କରୁଛନ୍ତି। ପରମ୍ପରା ହଜୋର ଗୁରୁତ୍ୱ ଦର୍ଶାଉଥିବା ବେଳେ ପୁରାଣତ୍ତ୍ୱିକ ପ୍ରାମାଣିକ ତଥ୍ୟ ଦୃଢ଼ଭାବରେ ଉଦୟଗିରି ବିଷୟ ଦର୍ଶାଉଛି। ଗୁରୁ ପଦ୍ମସମ୍ଭବ ତିବ୍ବତରୁ ଫେରିବା ପରେ ଏହି ଉଦୟଗିରିଠାରେ ହିଁ ଅବସ୍ଥାନ କରୁଥିଲେ। ଜୀବନର ଶେଷ ଭାଗରେ ତାଙ୍କର ଜନ୍ମଭୂମି ଉଡ୍ଡୀୟମାନ (ଓଡ଼ିଶା)ରୁ ଆସାମ, ଭୂଟାନ ଅଞ୍ଚଳକୁ ଅନେକବାର ଯିବା ଆସିବା କରୁଥିଲେ। ଏଣୁ ଉଭୟ ସ୍ଥଳ ତାଙ୍କର ମହାପରିନିର୍ବାଣ ସ୍ଥଳ ହୋଇପାରେ। ମାତ୍ର ପୁରାଣତାତ୍ତ୍ୱିକ ଦୃଷ୍ଟିକୋଣରୁ ଉଦୟଗିରିକୁ ଗୁରୁ ପଦ୍ମସମ୍ଭବଙ୍କର ମହାପରିନିର୍ବାଣସ୍ଥଳ ବୋଲି ଦୃଢ଼ ଭାବେ ଗ୍ରହଣ କରାଯାଇପାରିବ। (ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ବର୍ଷିଲେ ପ୍ରଫୁଲ୍ଲ ସାମନ୍ତରା

# 'ପ୍ରଶ୍ନ କରି ବ୍ୟବସ୍ଥା ପରିବର୍ତ୍ତନ କରନ୍ତୁ ଯୁବପିଢ଼ି'

**ଭୁବନେଶ୍ୱର, ୧୨।୧୨(ସମିସ):** ଥରେ ବିଧାୟକ ହେଲେ ସାଢ଼େ ୩ ଲକ୍ଷ ଟଙ୍କା ଦରମା ମିଳିବ। ଦିନେ ପାଇଁ ବିଧାୟକ ହେଲେ ବି ଦରମା ସାଙ୍ଗକୁ ପେନସନ ପାଇଁ ହକଦାର ହେବେ। ଜଣେ ବିଧାୟକ ଯଦି ସାଂସଦ ହେବେ ବା ହୋଇଥିବେ, ତାହେଲେ ଦୁଇଟି ପେନସନ୍ ପାଇବେ। ଲୋକଙ୍କ ସେବା ପାଇଁ ଆସୁଥିବା ଲୋକ ପ୍ରତିନିଧିମାନେ ମଧ୍ୟ ନୈତିକତା ହରାଇ ଏକାଧିକ ପେନସନ୍ ନେଉଛନ୍ତି। ଓଡ଼ିଶା ପରି ଏକ ଗରିବ ରାଜ୍ୟରେ ବିଧାୟକଙ୍କ ଦରମାକୁ ରାଜ୍ୟ ସରକାର ୩ ଗୁଣା ବୃଦ୍ଧି କରିବା ପରେ ସରକାର ଓ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା।



ଲୋକ ପ୍ରତିନିଧି ନେଉଛନ୍ତି ଏକାଧିକ ପେନସନ୍

ଆର୍ଥିକ ସ୍ୱଚ୍ଛଳ ସତ୍ତ୍ୱେ କାହିଁକି ମିଳୁଛି ସହାୟତା

ଶ୍ରୀ ସାମନ୍ତରା କହିଛନ୍ତି ଯେ ଜଣେ ବ୍ୟକ୍ତି ଏକାଧିକ ସରକାରୀ ଚାକିରି କରିଥିଲେ ମଧ୍ୟ କେବଳ ଗୋଟିଏ ପେନସନ୍ ପାଉଛନ୍ତି। ହେଲେ ଲୋକଙ୍କ ସେବା କରିବାକୁ କହି ନିର୍ବାଚିତ ହେଉଥିବା ଲୋକ ପ୍ରତିନିଧିମାନେ ଏକାଧିକ ପେନସନ୍ ଉଠାଉଛନ୍ତି। ଏହା ପେନସନ୍ ପ୍ରଦାନରେ ଅସମାନତା ସୃଷ୍ଟି କରୁଥିବାରୁ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ରାଜ୍ୟ ଓ ଦେଶର ନିର୍ବାଚିତ ପ୍ରତିନିଧିଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଅନୁରୂପ ଭାବେ ନିକଟରେ ବିଧାୟକଙ୍କ ଦରମା ବୃଦ୍ଧି ନିଷ୍ପତ୍ତିକୁ ସେ ନିନ୍ଦା କରିଛନ୍ତି। ଦେଶରେ ବେକାରୀ ହାର ବଢୁଥିବାବେଳେ ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରାଯାଉ ନାହିଁ। କୌଣସି ଭତ୍ତା ପ୍ରଦାନ କରାଯାଉ ନାହିଁ। ଦିନ ମଜୁରିଆଙ୍କ ଦୈନିକ ମଜୁରୀ ବଢ଼ାଇବାକୁ ସରକାର ପ୍ରସ୍ତୁତ ନାହାନ୍ତି। ଅନେକ ଦିନକୁ ମାତ୍ର ଶହେ ଟଙ୍କାରେ ଖଟୁଛନ୍ତି। ଅସହାୟ ବୃଦ୍ଧ ବୃଦ୍ଧାଙ୍କ ପେନସନ୍‌କୁ ସେମାନଙ୍କ ଚଳିବା ଭଳିଆ ପ୍ରଦାନ କରାଯାଉ ନାହିଁ। ହେଲେ ନୀତି ନିର୍ଦ୍ଧାରଣ କରୁଥିବା ବିଧାୟକ ନିଜର ଦରମା ନିଜେ ବଢ଼ାଇ ଦେଉଛନ୍ତି। ଏହା ଅନୈତିକ ଓ ଜନତାଙ୍କ ପ୍ରତି ସ୍ପଷ୍ଟ ପ୍ରତାରଣା ବୋଲି ଶ୍ରୀ ସାମନ୍ତରା କହିଛନ୍ତି। ସେହିପରି ବିଧାୟକ ଓ ସାଂସଦ ମାନଙ୍କୁ ଆଜୀବନ ପେନସନ୍ ପ୍ରଦାନକୁ ସେ ବିରୋଧ କରିଛନ୍ତି। ସାଧାରଣ ଲୋକେ ରାସନ୍‌କାର୍ଡ ଖଣ୍ଡେ କରିବା ପାଇଁ ଯେପରି ବିଭିନ୍ନ ମାନଦଣ୍ଡ ରହିଛି, ବିଧାୟକଙ୍କ କ୍ଷେତ୍ରରେ ମଧ୍ୟ ମାନଦଣ୍ଡ ରହିବା ଆବଶ୍ୟକ। ଅନେକ ବିଧାୟକ ଆର୍ଥିକ ସ୍ୱଚ୍ଛଳ ଥିବାରୁ ସେମାନଙ୍କୁ ପେନସନ୍ ପ୍ରଦାନ କରିବା ଯଥାର୍ଥ ନୁହେଁ। ରାଜ୍ୟ ଓ ଦେଶର ଯୁବପିଢି ଏହାକୁ ନେଇ ପ୍ରଶ୍ନ କରିବା ସହ ବ୍ୟବସ୍ଥା ପରିବର୍ତ୍ତନ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

# ବିଧାୟକଙ୍କ ଦରମା ବୃଦ୍ଧିକୁ ସିପିଆଇ(ଏମ୍)ର ତୀବ୍ର ବିରୋଧ


**ଭୁବନେଶ୍ୱର, ୧୨।୧୨(ସମିସ):** ଓଡ଼ିଶା ବିଧାନସଭା ସଦସ୍ୟଙ୍କ ବେତନ, ଭତ୍ତା ଓ ପେନ୍‌ସନ୍ (ସଂଶୋଧନ) ବିଲ୍-୨୦୨୫କୁ ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି(ସିପିଆଇଏମ୍)ର ଓଡ଼ିଶା ରାଜ୍ୟ କମିଟି ତୀବ୍ର ବିରୋଧ କରିଛି। ଦଳ ପକ୍ଷରୁ ଏକ ପ୍ରେସ୍‌ବାର୍ତ୍ତାରେ କୁହାଯାଇଛି, ବିଧାୟକ ଓ ପୂର୍ବତନ ବିଧାୟକଙ୍କ ବେତନ, ଭତ୍ତା ଓ ପେନସନ୍ ବଡ଼ ପରିମାଣରେ ବଢ଼ାଇବା ପାଇଁ ଏହି ବିଲ୍ ପାରିତ ହୋଇଛି। ଏହି ବିଲ୍ କୌଣସି ଗୁରୁତ୍ୱପୂର୍ଣ୍ଣ, ଗଭୀର ଏବଂ ବ୍ୟାପକ ଆଲୋଚନା ବିନା ପାରିତ ହୋଇଛି। ତେଣୁ ରାଜ୍ୟପାଳ ଏହି ଜନବିରୋଧୀ ବିଲ୍‌କୁ ଫେରାଇ ଦିଅନ୍ତୁ ବୋଲି ଦଳ ଅନୁରୋଧ କରିଛି।

ଦଳ ପକ୍ଷରୁ କୁହାଯାଇଛି, ଏହି ବିଲ୍ ଓଡ଼ିଶାର ଲୋକଙ୍କ ଯନ୍ତ୍ରଣା ପ୍ରତି ସମ୍ପୂର୍ଣ୍ଣ ଅସମ୍ବେଦନଶୀଳତା ପ୍ରତିଫଳିତ କରୁଛି। ଏବେ ରାଜ୍ୟରେ ଭୟଙ୍କର ବେକାରୀ, କୃଷି ସଙ୍କଟ, ଅସ୍ଥାୟୀ, ଆଉଟ୍‌ସୋର୍ସିଂ, ଠିକା କର୍ମଚାରୀଙ୍କ ପାଇଁ ଅତି କମ୍ ମଜୁରୀ/ ବେତନ ସାଙ୍ଗକୁ

**ବିଲ୍ ଫେରାଇଦେବାକୁ ରାଜ୍ୟପାଳଙ୍କୁ ଅନୁରୋଧ**

ଅତ୍ୟାବଶ୍ୟକ ଜିନିଷର ଆକାଶଛୁଆଁ ଦର ରହିଛି ଏବଂ ହଜାର ହଜାର ସ୍କିମ୍ କର୍ମୀ, ଶ୍ରମିକ, ଶିକ୍ଷକ, ଚୁକ୍ତିଭିତ୍ତିକ କର୍ମଚାରୀ, ଚାଷୀ ଓ ଗ୍ରାମୀଣ ଶ୍ରମିକମାନେ ବଞ୍ଚିବା ପାଇଁ ସଂଘର୍ଷ କରି ଗାନ୍ଧୀ ମାର୍ଗରେ ହାଡ଼ଭଙ୍ଗା ଶୀତରେ ଡେରା ପକାଇଛନ୍ତି। ମାତ୍ର ଜୀବନ ଏବଂ ଜୀବିକାର ଏପରି ଏକ ସଂକଟ ସମୟରେ ନିଜ ଲାଭ ଏବଂ ଲୋଭ ପାଇଁ ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଅନ୍ୟାୟ, ଅଗଣତାନ୍ତ୍ରିକ ଏବଂ ଲୋକବିରୋଧୀ ବୋଲି ସିପିଆଇ(ଏମ୍) କହିଛି। ଲୋକପ୍ରତିନିଧିମାନେ ଲୋକଙ୍କ ସମସ୍ୟା ଏବଂ ଯନ୍ତ୍ରଣାକୁ ପ୍ରତିଫଳିତ କରିବା ଉଚିତ୍। ନିଜ ପଦବୀକୁ ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି ସିପିଆଇ(ଏମ୍) କହିଛି। ରାଜ୍ୟବାସୀଙ୍କ ହିତରେ ପୁଣିଥରେ ବ୍ୟାପକ ଆଲୋଚନା, ପରୀକ୍ଷଣ ଓ ପୁନର୍ବିଚାର କରିବାକୁ ରାଜ୍ୟପାଳ ଏହି ବିଲ୍ ବିଧାନସଭାକୁ ଫେରାଇଦେବାକୁ ଦଳ ଦାବି କରିବା ସହ ରାଷ୍ଟ୍ରପତି ମଧ୍ୟ ଏହି ବିଲ୍ ଉପରେ ହସ୍ତକ୍ଷେପ କରନ୍ତୁ ବୋଲି ଦଳ ନିବେଦନ କରିଛି। ଏହିପରି ଲୋକବିରୋଧୀ ବିଲ୍‌କୁ ସ୍ୱଚ୍ଛ ଆଲୋଚନା ଓ ଲୋକ ପରାମର୍ଶ ବିନା କାର୍ଯ୍ୟକାରୀ ହେବାକୁ ଅନୁମତି ନ ଦେବାକୁ ଦଳ କହିଛି।

# ମାଲକାନଗିରି ହିଂସା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ



**ଭୁବନେଶ୍ୱର, ୧୨।୧୨(ସମିସ):** ମାଲକାନଗିରି ଏମଭି-୨୬ ହିଂସା ଘଟଣାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ରିପୋର୍ଟ ପ୍ରଦା କରିଛନ୍ତି। ଗୁରୁବାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ମନ୍ତ୍ରୀ ଶ୍ରୀ ମଲ୍ଲିକ ମାଲକାନଗିରି ଯାଇ ସେଠାକାର ସ୍ଥିତି ସମୀକ୍ଷା କରିବା ସହ ବରିଷ୍ଠ ଅଧିକାରୀଙ୍କ ସମେତ ଦୁଇ ଗୋଷ୍ଠୀ ସହ ଆଲୋଚନା କରିଥିଲେ।

ସୂଚନା ଥାଉ କି ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣାକୁ ନେଇ ମାଲକାନଗିରିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ଗୋଷ୍ଠୀ ସଂଘର୍ଷ ଉଗ୍ର ରୂପ ନେବା ସହ ଉତ୍ତ୍ୟକ୍ତ ଲୋକେ ପ୍ରାୟ ୫୦ଟି ଘର ପୋଡ଼ି ଦେଇଥିଲା। ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାନସଭାରେ ସରକାରଙ୍କୁ ଘେରିବା ସହ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନ କରିଥିଲେ। ଏହାପରେ ପୁଲିସ ଡିଜି ଘଟଣାସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ।

# ମାଲକାନଗିରିରେ ଇଣ୍ଟରନେଟ୍ ସେବା ଆଉ ୨୪ ଘଣ୍ଟା ବନ୍ଦ

**ଏମ୍‌ଭି ୨୬ରେ ସ୍ଥିତି ସମୀକ୍ଷା କଲେ ଦକ୍ଷିଣାଞ୍ଚଳ ଆର୍‌ଡିସି**

**ମାଲକାନଗିରି, ୧୨।୧୨(ସମିସ):** ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାରକୁ ନେଇ ଅଶାନ୍ତ ମାଲକାନଗିରିରେ ଶାନ୍ତି ଫେରୁଛି। ପରିସ୍ଥିତି ଉପରେ ପ୍ରଶାସନ ତୀକ୍ଷ୍ଣ ନଜର ରଖିଛି। ଏମ୍‌ଭି ୨୬ ଗ୍ରାମରେ ବିଏସଏଫ, ସିଆରପିଏଫ୍, ଆରଏଏଫ୍ ଓ ପୁଲିସ୍ ବାହିନୀକୁ ମୁତୟନ କରାଯାଇଛି। କିନ୍ତୁ, ସ୍ଥିତି ପୂରା ସ୍ୱାଭାବିକ ହୋଇ ନଥିବାରୁ ଜିଲ୍ଲାରେ ଇଣ୍ଟରନେଟ୍ କଟକଣାକୁ ଆଉ ୨୪ଘଣ୍ଟା ବୃଦ୍ଧି କରାଯାଇଛି। ଅପରପକ୍ଷେ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଆଜି ଏମଭି ୨୬ ଗ୍ରାମରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଶାନ୍ତି ଫେରାଇ ଆଣିବା ପାଇଁ ନିଆଯାଇଥିବା ସମସ୍ତ ପଦକ୍ଷେପ ସଂପର୍କରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଆରଡିସିଙ୍କୁ ଅବଗତ କରାଇଛନ୍ତି। ଗତରାତିରେ ଆର୍‌ଡିସି ଏବଂ ଜିଲ୍ଲାପାଳ ଏମ୍‌ଭି ୨୬ର ପୀଡ଼ିତ ମାନଙ୍କ ସହ ଆଲୋଚନା କରିଛନ୍ତି। ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ହୋଇଯିବ ବୋଲି ଗ୍ରାମବାସୀଙ୍କୁ ଆଶ୍ୱସନା ଦେଇଛନ୍ତି ଆରଡିସି।

ଆଜି ୨୦୬ ଜଣଙ୍କୁ ଟାରପଲିନ୍ ଓ କମ୍ବଳ ବଣ୍ଟନ କରାଯାଇଛି। ତା' ସହ ପୀଡ଼ିତ ଗ୍ରାମବାସୀଙ୍କୁ ଦୁଇ ଗୋଟି ଖଟ ସାଙ୍ଗକୁ ଦୁଇ ଗୋଟି ବିଛଣା ଯୋଗାଇ ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯାଇଛି। ବିଦ୍ୟୁତ୍ ସଂଯୋଗୀକରଣ ନିମନ୍ତେ ବିଦ୍ୟୁତ୍ ବିଭାଗ ତତ୍ପରତାର ସହ ଅହରହ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ଘରକୁ ସୁରକ୍ଷିତ ଭାବେ ବିଦ୍ୟୁତ୍ ସଂଯୋଗୀକରଣ କରାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



# ଦନ୍ତାହାତୀର ସନ୍ଦେହଜନକ ମୃତ୍ୟୁ

**ତୁମୁଡିବନ୍ଧ, ୧୨।୧୨ (ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର କରଜଣ୍ଡି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରୁ ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଅଞ୍ଚଳବାସୀ ସିଧାସଳଖ ଭାବେ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ଶୁକ୍ରବାର ଭୋର ୪ଟାରେ ହାତୀଟି ମୃତ୍ୟୁବରଣ କରିଥିବା ନେଇ କରଜଣ୍ଡି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଗତ ୬ ମାସ ପୂର୍ବରୁ ଉକ୍ତ ହାତୀ ଝିରିପାଣି ଅଞ୍ଚଳରେ ବୁଲୁଥିଲା ଏବଂ ଅନେକ ଫସଲ ନଷ୍ଟ କରୁଥିଲା। ଏନେଇ ଝିରିପାଣି ଅଞ୍ଚଳର ଚାଷୀ ବନସୁରକ୍ଷା ଦାୟିତ୍ୱରେ ଥିବା ବୁଲୁ ନାୟକ ଏବଂ ବନପାଳ ଶିବାଜୀ ବେହେରାଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଦୁଇ ଅଧିକାରୀ ଚାଷୀଙ୍କୁ କେବଳ ଭଣ୍ଡାଉଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ମୃତ ହାତୀ ଅତି ଦୁର୍ବଳ ଥିଲା ଏବଂ ଠିକ ଭାବେ ଶୁଣିପାରୁନଥିଲା।

## ଅବଶିଷ୍ଟାଂଶ

### ସରିଲା ବିଧାନସଭା...

କରିଛନ୍ତି। ବିରୋଧୀ ଦଳରେ ଥିବାବେଳେ ଏବେକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି କହିବା ସହ ଧାରଣାସ୍ଥଳକୁ ଯାଇ ସମର୍ଥନ କରିଥିଲେ। ହେଲେ ଶାସନକୁ ଆସିବା ପରେ ଟାଳଟୁଳ ନୀତି ଆପଣାଉଛନ୍ତି। ସେମାନଙ୍କୁ ପ୍ରତାରିତ କରିଛନ୍ତି। ଅପରପକ୍ଷରେ କାଳକ୍ଷେପଣ ନୀତି ସଦୃଶ କମଟି ଗଠନ କରିଛନ୍ତି। ପୂର୍ବରୁ ଏକାଧିକବାର କମିଟି ଗଠନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଣୁ କମିଟି ଗଠନ ଆଳରେ ବିଳମ୍ବ ନ କରି ସେମାନଙ୍କ ଦାବିକୁ ତ୍ୱରିତ ପୂରଣ କରିବାକୁ ସଂଘର ସଭାପତି ଡ. ଦେବ ବିଜୟ ମିଶ୍ର ପ୍ରକାଶ କରିଛନ୍ତି। ଅପରପକ୍ଷରେ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିଛନ୍ତି। ସମସ୍ତ ଦାବିକୁ ଶୁଣିବା ପରେ ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ସହ ସଂଘ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏହି ବିକ୍ଷୋଭରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଯୋଗ ଦେଇଥିଲେ।

ଅନୁରୂପ ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡ଼ା ଶିକ୍ଷକମାନେ ମଧ୍ୟ ଶୁକ୍ରବାର ଗାନ୍ଧୀମାର୍ଗରେ ଆନ୍ଦୋଳନ କରିଛନ୍ତି। ଦୀର୍ଘ ବର୍ଷରୁ ନିରବଚ୍ଛିନ୍ନ ଭାବେ ଛାତ୍ରଛାତ୍ରୀଙ୍କୁ ସେବା ଯୋଗାଇ ଆସୁଥିଲେ ମଧ୍ୟ ସେମାନଙ୍କୁ ନିୟମିତ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ମାନସିକ ଓ ଶାରିରୀକ ଭାବେ ସୁସ୍ଥ ରଖିବା ସହ କ୍ରୀଡ଼ା ଓ କଳା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପଛରେ ରହିଥିବା ଶିକ୍ଷକଙ୍କ ଦାବିକୁ ପୂରଣ କରିବାକୁ ଦାବି କରିଛନ୍ତି। ଏଣୁ ସେମାନଙ୍କ ପାଇଁ କ୍ୟାରିଅର୍ ଆଡଭାନ୍ସମେଣ୍ଟ ପଲିସି ଲାଗୁ କରିବା ସହ ନିୟମିତ କରିବାକୁ ସଂଘର ଆବାହକ ଜଗଦାନନ୍ଦ ଗିରି ଓ ରଶ୍ମିରଞ୍ଜନ ସାହାଣୀଙ୍କ ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି।

### ସର୍ଭିସ ବନ୍ଧୁକରୁ...

ନୂଆପଡା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଆଣିଛନ୍ତି। କୋମନା ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶନିବାର ମୃତଦେହର ବ୍ୟବଚ୍ଛେଦ ପରେ ମର ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବବୋଲି ଜଣାପଡିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ରାତିରେ ଶୀତର...

କରାଯାଇଛି। ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୬ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହୁଥିବା ବେଳେ ଶୀତର ପ୍ରଭାବ ଅଧିକ ରହୁଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆସନ୍ତା ୨୪ ଘଣ୍ଟାରେ ୯ ଜିଲ୍ଲା ଅର୍ଥାତ ସୁନ୍ଦରଗଡ, ଅନୁଗୁଳ, ଝାରସୁଗୁଡା, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ଶୀତ ଅନୁଭୂତ ହେବାର ସମ୍ଭାବନା ରହିଛି। ତେଣୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେପଟେ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହେଉଥିବା ବେଳେ ଆହୁରି ୪୮ ଘଣ୍ଟା ଘନ କୁହୁଡିର ପ୍ରଭାବ ରହିବ ବୋଲି ଜଣାପଡ଼ିଛି। ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼ ଓ କୋରାପୁଟରେ ଘନ କୁହୁଡ଼ିର ଦୃଶ୍ୟମାନ ହୋଇପାରେ, ତେଣୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେ ଆହୁରି କହିଛନ୍ତି, ରାଜ୍ୟରେ ଆହୁରି ଦୁଇ ଦିନ ଯାଏଁ ପ୍ରବଳରୁ ଅତିପ୍ରବଳ ଶୀତ ଅନୁଭୂତ ହେବ। ଏହାପରେ ଗୋଟିଏ କିମ୍ବା ଦୁଇ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ। ଆସନ୍ତା ୭ ଦିନ ମଧ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

### ବୀମା କ୍ଷେତ୍ରରେ...

ଯାହା ଫଳରେ ସେବାର ଗୁଣବତ୍ତା ଉନ୍ନତ ହେବ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୀମା ଶିଳ୍ପରେ ବିଦେଶୀ ନିବେଶ ସୀମାକୁ ୭୪%ରୁ ୧୦୦% କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ।

### ରାସ୍ତାରେ ଗର୍ଜିଲେ ଚାଷୀ...

ରେଜିଷ୍ଟ୍ରେସନ କରାଯାଇ ଧାନ ଉଠିଥିଲା। ତେବେ ଆଜି ପର୍ଯ୍ୟନ୍ତ ସମସ୍ତ ଚାଷୀଙ୍କ ଟୋକନ ଆସିନାହିଁ। ସମ୍ବଲପୁର ଜିଲ୍ଲାର ପ୍ରାୟ ୧୧ ହଜାର ଚାଷୀ ଟୋକନକୁ ଅପେକ୍ଷା କରିଛନ୍ତି। ପ୍ରାୟ ୫୩ ହଜାର ଚାଷୀଙ୍କ ପ୍ରଥମ ୭୫ କ୍ୱିଣ୍ଟାଲ ପାଇଁ ଟୋକନ ଆସିଥିବାବେଳେ ୪୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ବିକ୍ରୟ ପରେ ବଳକା ଧାନ ପାଇଁ ଟୋକନକୁ ଅପେକ୍ଷା କରି ରହିଛନ୍ତି। ପୂର୍ବବର୍ଷ ମାନଙ୍କରେ ଚାଷୀଙ୍କ ଦୁଇରୁ ତିନୋଟି ଭିନ୍ନ ଭିନ୍ନ ତାରିଖର ଟୋକନ ଏକକାଳୀନ ଆସୁଥିଲା କିମ୍ବା ଅନ୍‌ଲାଇନ୍‌ରେ ଦେଖାଯାଉଥିଲା। ଏବେ ଫୁଡ୍ ଓଡ଼ିଶା ପୋର୍ଟାଲ ମଧ୍ୟ କାର୍ଯ୍ୟ କରୁନାହିଁ। ସମସ୍ତ ଚାଷୀଙ୍କୁ ତୁରନ୍ତ ଟୋକନ ଦେବାକୁ ଦାବିକରି ଆଜି ପୂର୍ବାହ୍ଣ ୧୦ଟାରୁ ଚାଷୀମାନେ ସମ୍ବଲପୁରର ତିନୋଟି ସ୍ଥାନରେ ରାସ୍ତାରୋକ କରିଥିଲେ। ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଏବଂ ଧମା ବାଲପୁର-ହୁମା ଛକରେ ରାସ୍ତା ଅବରୋଧ କରି କେବଳ ଅର୍ଥନୈତିକ ଅବରୋଧ କରି ରାସ୍ତା ଉପରେ ଧାରଣାରେ ବସି ରହିଥିଲେ। ପୁଲିସ ପକ୍ଷରୁ କେତେକ ସ୍ଥାନରେ ଡାଇଭର୍‌ସନ୍ କରାଯାଇ ଥିବାରୁ ସହରଠାରୁ ଦୂର ବିଭିନ୍ନ ସ୍ଥାନରେ ଶହ ଶହ ଟ୍ରକ୍ ଅଟକି ରହିଥିଲା। ଚାଷୀମାନେ ମଧ୍ୟ ଟ୍ରକ୍ ଓ ଭାରୀଯାନ ଅଟକାଇଥିବାବେଳେ ଜରୁରୀକାଳୀନ ଗାଡ଼ି, ଆମ୍ବୁଲାନ୍ସ, ସ୍କୁଲ ବସ ଆଦିକୁ ଛାଡ଼ି ଦେଉଥିଲେ। ଚାଷୀମାନେ ସରକାର ବିରୋଧି ସ୍ଲୋଗାନ ଦେବାସହ ଡବଲ୍ ଇଞ୍ଜିନ ସରକାର କେବଳ ନାମକୁ ମାତ୍ର ଏବଂ ଟୋକନ ଇସ୍ୟୁ ନକରିବା ମନୁଷ୍ୟକୃତ ସମସ୍ୟା ବୋଲି କହିଥିଲେ। ଏହାସହ ଟୋକନ ନମିଳିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବାକୁ କହିଥିଲେ। ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଆସି ଚାଷୀମାନଙ୍କୁ ସମର୍ଥନ ଦେଇ ଧାରଣାରେ ବସିଥିଲେ।

ଅପରାହ୍ଣରେ ପ୍ରଶାସନ ପକ୍ଷରୁ ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ରେମେଡ ଛକ ଆନ୍ଦୋଳନସ୍ଥଳକୁ ଆସି ସମ୍ବଲପୁର ବିଧାୟକ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ସହ ଚାଷୀ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ସପ୍ତାହକ ମଧ୍ୟରେ ନିଷ୍ପତ୍ତି ନିଆଯିବ ବୋଲି କହିଥିବା ଚାଷୀମାନଙ୍କୁ ଜଣାଇଥିଲେ। ତେବେ, ଚାଷୀମାନେ ତିନୋଟି ଜାଗାରେ ଆନ୍ଦୋଳନରତ ସାଥୀମାନଙ୍କ ସହ କଥାବାର୍ତ୍ତା କରି ଏଭଳି ଫମ୍ପା ପ୍ରତିଶ୍ରୁତି ଶୁଣିବେ ନାହିଁ ବୋଲି କହିଥିଲେ। ଏହାସହ ଏବେ ତୁରନ୍ତ କିଛିସଂଖ୍ୟକ ଦ୍ୱିତୀୟ ଟୋକନ ପଠାଯାଇଥିବା ଦେଖାଇବାକୁ କହିଥିଲେ। ପ୍ରଶାସନ ପକ୍ଷରୁ ଅସହାୟତା ପ୍ରକାଶ କରାଯାଇଥିଲା। ଅନ୍ୟପକ୍ଷରେ ପୁଲିସ ପକ୍ଷରୁ ଗାଡ଼ି ଆଣି ଚାଷୀମାନଙ୍କୁ ଉଠାଇବାକୁ ପ୍ରସ୍ତୁତି ଚାଲିଥିବା ଦେଖାଯାଇଥିଲା। ପ୍ରାୟ ସାଢ଼େ ୫ଟା ସମୟରେ ପୁଲିସ ଆସି ୮ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହୋଇଛି ଏହା ବେଆଇନ ହୋଇଥିବାରୁ ୫ ମିନିଟ ମଧ୍ୟରେ ଉଠିଯିବାକୁ କହିଥିଲା। ତେବେ, ଚାଷୀମାନେ ଏହାକୁ ମାନି ନଥିଲେ। ଏହାପରେ ଆନ୍ଦୋଳନସ୍ଥଳ ରେମେଡ ଛକ ଓ ସିନ୍ଦୂରପଙ୍କ ତୁମ୍ବେସିଂହାରୁ ଚାଷୀମାନଙ୍କୁ ଉଠାଇନେଇ ପୁଲିସ ରିଜର୍ଭ ଗ୍ରାଉଣ୍ଡରେ ଅଟକ ରଖିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ବରିଷ୍ଠ ନେତା ମୁରାରୀ ପୁରୋହିତ, ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପଧାନ, ତରଣୀସେନ ଭୋଇ, ଭୈରବ ପ୍ରଧାନ, ବୃନ୍ଦାବନ ମହନ୍ତ, କିଶୋର ପଟେଲ, ସୀତାକାନ୍ତ ପଣ୍ଡା, କାଶୀ ବିଶ୍ୱନାଥ, ଯୋଗେଶ ଭୋଇ, ଦିଲ୍ଲୀପ ସାହୁ, ଝସକେତନ କର, ପୁଷ୍ପରଞ୍ଜନ ମହନ୍ତ, ଭାସ୍କର ରାଓ, ମାର୍କଣ୍ଡ ମିରିଗ, ଲଖପତି ପ୍ରଧାନ, ବାବୁଲୁ ମିର୍ଦ୍ଧା, ସୁବାସ ପଟେଲ, ସଞ୍ଜୟ ପରିଡ଼ା, ଶିବପ୍ରସାଦ ବେହେରା, ଜଗନ୍ନାଥ ସାହୁ, ସୌମ୍ୟରଞ୍ଜନ ସାହାଣୀ ପ୍ରମୁଖ ବହୁ ଚାଷୀଙ୍କୁ ଅଟକ ରଖାଯାଇଛି।

ଜିଲ୍ଲାର ଚାଷୀମାନେ ବର୍ଷତମାମ କଷ୍ଟକରି ଧାନ ଉତ୍ପାଦନ କରିଥିବାବେଳେ ତାହାକୁ ବିକ୍ରୟ କରିବା ସମୟରେ ସରକାର ଜାଣିଶୁଣି ମିଲର୍ ରେଜିଷ୍ଟ୍ରେସନଠାରୁ ଆରମ୍ଭ କରି ଟୋକନ ଓ କଟ୍‌ନିଛଟ୍‌ନି ଭଳି ସମସ୍ୟା ସୃଷ୍ଟି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

**PUBLIC NOTICE**

This is to inform that my client, Mrs. Kamini Kar, has lost the original registered sale deed No. 552, dated 14/02/1992 relating to Khata No. 519/74, Plot No. 23/1066, Mouza-Puri Sahar Unit No. 17, Dolamandap Sahi, Puri. An FIR (Complaint No. 24502039072500150) has been lodged at Puri Town Police Station on 11th Dec 2025. Any person having a claim or objection over the said property is required to submit it with proof within 15 days from the date of this notice. If the original deed is not found within this period, the certified copy from the registry office will be treated as the original document.

Jayashree Jena (Advocate) Puri Court Ph: 8144775325

यूनियन बैंक ऑफ इंडिया | Union Bank of India

ଏଡଲାପାଡୁ ଶାଖା, ଡୋର ନଂ. 4-53/1, ଆନ୍ଧ୍ରା ବ୍ୟାଙ୍କ କମ୍ପ୍ଲେକ୍ସ, ମେନ୍ ରୋଡ୍, ଏଡଲାପାଡୁ – 522 232, ଇ-ମେଲ୍: ubin0819221@unionbankofindia.bank

**ସ୍ୱର୍ଣ୍ଣ ଅଳଙ୍କାର ନିଲାମ ସୂଚନା**

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନୋଲିଖିତ ଗ୍ରାହକମାନେ ଯେଉଁମାନେ ଆମ ଶାଖା ଦ୍ୱାରା ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖି ଋଣ ନେଇଥିଲେ, ସେମାନେ ଅନେକଥର ସୂଚନା ଦେବା ସତ୍ତ୍ୱେ ମଧ୍ୟ ଋଣ ପରିଶୋଧ କରିନାହାନ୍ତି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରିପେମେଣ୍ଟ ନ ହେବାରୁ, ସେମାନଙ୍କ ସ୍ୱର୍ଣ୍ଣ ଅଳଙ୍କାର ତା.୨୯.୧୨.୨୦୨୫ରିଖ (ସୋମବାର), ସନ୍ଧ୍ୟା ୪.୦୦ ଶାଖା ପରିସରରେ ସାର୍ବଜନିକ ନିଲାମରେ ବିକ୍ରୟ କରାଯିବ। ବିକ୍ରୟ ରାଶି ସମ୍ବନ୍ଧିତ ଖାତାକୁ ଜମା ହେବ। ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ତା.୨୯.୧୨.୨୦୨୫ରିଖ ଅପରାହ୍ନ ୨.୦୦ ଘଟିକା ପୂର୍ବରୁ ତାଙ୍କ ଅସ୍ତିତ୍ୱ ପରିଚୟ ପତ୍ର ଦେଖାଇବା ସହ ଏବଂ ୫,୦୦୦/-ଟଙ୍କା ଅମାନତ ରାଶି ଜମା କରିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ନିଲାମ ବାତିଲ କିମ୍ବା ସ୍ଥଗିତ କରିବାର ଅଧିକାର ସୁରକ୍ଷିତ ରଖିଅଛି। ନିଲାମ ପରେ ମଧ୍ୟ ସୁନା ବିକ୍ରୟ ରାଶି ପରେ ଯଦି କୌଣସି ଅବଶେଷ ଦାବୀ କିମ୍ବା ଖର୍ଚ୍ଚ ରହିଯାଏ, ତେବେ ଗ୍ରାହକଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଯଦି ଗ୍ରାହକ ଦେହାନ୍ତରଣ ହୋଇଛନ୍ତି, ଏହି ସୂଚନା ତାଙ୍କ ବିଧିସମ୍ମତ ଉତ୍ତରାଧିକାରୀଙ୍କୁ ପ୍ରଯୁଜ୍ୟ ହେବ।

| ଋଣ ଆକାଉଣ୍ଟ ନଂ. | ଆକାଉଣ୍ଟଧାରୀଙ୍କ ନାମ ଏବଂ ଠିକଣା | ଓଜନ (ଗ୍ରାମରେ) |
|---|---|---|
| 192216540005034 | ମେଦିମି ଜନାର୍ଦ୍ଦନ ରାଓ, ପିତା: ଏମ୍. ରାଜା ରାଓ, ଗଣେଶ ନଗର ୪ର୍ଥ ଲେନ୍, ବ୍ରହ୍ମପୁର ଗାଁ, ବ୍ରହ୍ମପୁର ସଦର, ଗଞ୍ଜାମ, ଓଡ଼ିଶା-୭୬୦୦୦୨ | ୧୩.୮୦ |

ତା.୧୧.୧୨.୨୦୨୫, ସ୍ଥାନ: ଏଡଲାପାଡୁ କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଡଲାପାଡୁ ଶାଖା, ପାଲନାଡୁ ଜିଲ୍ଲା

MM-366

**GOVERNMENT OF ODISHA**

**OFFICE OF THE DIVISIONAL FOREST OFFICER, REDHAKHOL FOREST DIVISION**

E-mail id – dfo.redhakhol@odisha.gov.in

OFFICE ORDER NO.339/1F (Accounts), Dt. 11.12.2025

The following E-Tenders under Tender Bid Notification No. F&E /RKL/01,1(02),1(03),1(04) (Online)/2025-26 dt.18.11.2025 are hereby cancelled due to following reasons.

| SL No. | Name of the Work | Tender Amount in Rs. | No of Bidder applied | Remarks |
|---|---|---|---|---|
| 1 | Construction of Forest Guard Quarter at Jharapada of Rairakhol Forest Range under Redhakhol Forest Division | Rs.13,35,593/- | 0 | Cancelled due to non receipt of minimum bid |
| 2 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 1 | Cancelled due to participation of Single Bidder. |
| 3 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 1 | Cancelled due to participation of Single Bidder. |
| 4 | Construction of ACF Quarter at Forest Colony under Redhakhol Forest Division | Rs.16,77,966/- | 1 | Cancelled due to participation of Single Bidder. |

OIPR-08146/11/0035/2526

Divisional Forest Officer
Redhakhol Forest Division

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**Tender Notice**

IGSSS invites quotations from reputed and experienced service providers for Pond Desilting and Toilet Construction work. Interested firms are requested to submit their Expression of Interest (EOI) to receive the detailed BOQ /RFQ by emailing procurement@igsss.net within 5 days. For more information, please contact 9711387171 / 8984983103

**AFFIDAVIT**

By Virtue of an affidavit Before the Executive Magistrate: Sadar, Cuttack, Odisha. I Smt. HARSHITA KANKARIA, aged about 25 years, D/O: Rajendra Kankaria, Village: Gulab Badi, PO: Arya Samaj Road, P.S.: Kota, Kota City, Dist: Rajasthan-324006. declare by this Affidavit No.: 10680, dtd: 13.10.2023, I have Changed my name from Harshita Kankaria to **HARSHITA CHORARIA.** Harshita Kankaria & Harshita Choraria is one and the same person. Henceforth I shall be known as **HARSHITA CHORARIA** for all purposes.

**AFFIDAVIT**

By virtue of an affidavit no.2927, before Executive Magistrate, Phulbani dated 24.11.2025 I, Krishnamayee Majhi, residing at Bandhagada, P.O. Bandhagada, P.S.: Phiringia, Dist.: Kandhamal, - 762011 have changed my name from Krishnamayee Majhi to Krishna Majhi. Henceforth I shall be known as Krishna Majhi for all purposes.

Sd/- Krishna Majhi

**AFFIDAVIT**

By virtue of an affidavit sworn before the Executive Magistrate, Oupada, Balasore, Odisha vide Sl. No. 617 on dated 09/12/2025 I, Hemanta Kumar Malik, S/o. Krushna Chandra Malik, At. Similipal, Po. Badapokhari, Ps. Oupada, Dist. Balasore, Odisha, Pin code- 756047, declare that I have changed the name of my daughter from Meghana Malik to Meghnarani Malik. Henceforth, she will be known as **Meghnarani Malik** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, No 113, dated. 10.12.2025 I, PADMAN JANI, S/o- Late. Somnath Jani, At Village- Nua Hirli, PO - Agnipur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from PADMA JANI to PADMAN JANI. Henceforth, I shall be known as PADMAN JANI for all purposes.

Sd/- PADMAN JANI

**AFFIDAVIT**

By virtue of an affidavit no.2955, before Notary Public, Sukinda, dtd.19.11.2025 I, Rekha Pradhan, residing at Village Madhapur (Rangitangar), Po/Ps.: Sukinda, Dist: Jajpur,-755018 hereby declare that my correct name is Rekha Pradhan but in my Aadhaar Card wrongly recorded as Rekh Pradhan. That both names "Rekha Pradhan" and "Rekh Pradhan" refer to the same and one person, i.e., myself.

**CENTRE FOR REHABILITATION SERVICES & RESEARCH (CRSR)**

**APPOINTMENT**

Applications are invited from the eligible candidates with requisite qualifications to fill up the following vacancies of CRSR, Bhadrak on contractual basis. The candidates are required to file their applications with complete Bio-data through Registered Post / Speed Post / E-mail by 01.01.2026 positively to the General Secretary, Centre for Rehabilitation Services & Research (CRSR), At- Prasanti Bhawan, Dahanigadia, Po- Charampa, Bhadrak-756101 (E-mail-crsrorissa@gmail.com). Suitable candidates will be call for interview after due scrutiny.

| Post | Nos. | Qualification |
|---|---|---|
| Physiotherapist | 03 | BPT with 03 years' experience / MPT from any recognized university. |
| Clinical Psychologist | 01 | M.A in Clinical Psychology with 03 years exp, in Disability management. Preference will given to exp. In Counseling & guidance of IDD. |
| Occupational Therapist | 01 | BOT with 03 years' experience / MPT from any recognized university. |
| Social Worker | 01 | MSW from reputed Institution with 05 years' experience in Disability rehabilitation and management. |
| Multipurpose Rehabilitation Assistant | 01 | PG Diploma in Community Based Rehabilitation/Diploma in Community Based Rehabilitation with 02 Yrs. Exp. |
| Speech Language Pathologist | 01 | BASLP from recognized university with 02 years' experience. |

## ନୂଆରୂପ ନେବ ବାରପାହାଡ ଦେବୀପୀଠ

# ପ୍ରଥମ ପର୍ଯ୍ୟାୟରେ ୨୪ ଲକ୍ଷର ପୋଖରୀ ଖନନ

ତରଭା, ୧୨।୧୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲାର ସର୍ବବୃହତ୍ତ ରିଜର୍ଭଜଙ୍ଗଲରେ ଥିବା ଦେବୀ ବାରପାହାଡ ପୀଠ ନୂଆ ରୂପ ନେବ। ସୋନପୁର ବନବିଭାଗ ଏନେଇ ଉନ୍ନୟନକାମ ଆରମ୍ଭ କରିବାକୁ ଯାଉଛନ୍ତି। କାମ୍ପା ଅନୁଦାନରୁ ବାରପାହାଡ ରିଜର୍ଭ ଜଙ୍ଗଲରେ ରାଜପାଲି ଓ ବ୍ରାହ୍ମଣୀପାଲି ଗ୍ରାମର ସଂଲଗ୍ନ ମୌଜା ଅଞ୍ଚଳରେ ଥିବା ବାରପାହାଡଖୋଲରେ ଏକ ପୁଷ୍କରଣୀ ଖନନ ପାଇଁ ୨୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହିକାମ ଆରମ୍ଭ କରିବାକୁ ସ୍ଥାନୀୟ ଲୋକଙ୍କ ସହିତ ବନବିଭାଗର ରେଞ୍ଜର ଓ ଫରେଷ୍ଟର ଆସି ଆଲୋଚନା କରିଛନ୍ତି। ସୋନପୁର ରେଞ୍ଜର ସୁଭାଷଚନ୍ଦ୍ର ମହାପାତ୍ର, ଫରେଷ୍ଟର ଭକ୍ତବନ୍ଧୁ ମିଶ୍ର ଆସି ଉନ୍ନୟନ କାର୍ଯ୍ୟ ହେବାକୁ ଥିବା ସ୍ଥାନ ଚିହ୍ନଟ କରିଛନ୍ତି। ଏବେ ପ୍ରଥମ ପର୍ଯ୍ୟାୟରେ ୨୪ ଲକ୍ଷ ଟଙ୍କାରେ ୮୦/୬୦ ମିଟରର ଏକ ପୁଷ୍କରଣୀ ଖନନ କରାଯିବ। ଆଗକୁ ବାରପାହାଡ ଖୋଲର ଝରଣାରେ ଏକ ଚେକଡ୍ୟାମ ନିର୍ମାଣ ହେବା ସହିତ ଦେବୀପୀଠକୁ ରାସ୍ତା, ପଥରପାହାଚ, ପିକନିକ ପିଣ୍ଡି, ଚେକଡ୍ୟାମ, ସୋଲାର ଲାଇଟ, ବାମକଡେ ଫଳବୃକ୍ଷ ରୋପଣ ସହିତ ବୁର୍ଡା-ଅର୍ଜୁନପୁର ପୂର୍ତ୍ତବିଭାଗ ରାସ୍ତା ପର୍ଯ୍ୟନ୍ତ ରାସ୍ତା ସଂଯୋଗ ଇତ୍ୟାଦି କରାଯିବାର ଯୋଜନା ରହିଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଏନେଇ ୧ କୋଟି ୬୬ ଲକ୍ଷ ଟଙ୍କାର ଏକ ଡିପିଆର(ଡିଟେଲ୍ ପ୍ରୋଜେକ୍ଟରିପୋର୍ଟ) ମଧ୍ୟ ରାଜ୍ୟସରକାରଙ୍କୁ ପଠାଇଥିବା ଜଣାପଡ଼ିଛି। ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓଙ୍କ ଉଦ୍ୟମକ୍ରମେ ପ୍ରାୟ ୧୭ ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣୀପାଲିଠାରୁ ବୁର୍ଡାରୋଡ ପର୍ଯ୍ୟନ୍ତ ତାର ଟଣାଯିବା ସହ ଏକ ଟ୍ରାନ୍ସଫର୍ମର ବସାଯାଇ ବିଦ୍ୟୁତକରଣ ବ୍ୟବସ୍ଥା କରାଯାଇସାରିଛି। ଏବେ ପୁଷ୍କରିଣୀ ଖନନ କାମ ଆରମ୍ଭ ହେବ। ଏହି ପୁଷ୍କରଣୀ ଉପରକୁ ଝରଣାରେ ଏକ ଚ୍ୟାକଡ୍ୟାମ ନିର୍ମାଣ କାମ ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସୋନପୁର ଡିଏଫଓ ମଦନଲାଲ ଶର୍ମା ସୂଚନା ଦେଇଛନ୍ତି।



ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଡିଏଫଓ ମଦନଲାଲ ଶର୍ମା, ରେଞ୍ଜଅଫିସର ସୁଭାଷଚନ୍ଦ୍ର ମହାପାତ୍ର, ଫରେଷ୍ଟର ଭକ୍ତବନ୍ଧୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୀଠର ବିକାଶ କାମ ଆରମ୍ଭ ହେବାକୁ ଯାଉଛି। ଏହି ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଆଜି ଦିନ ୧୧ଟା ବେଳେ ରାଜପାଲି ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶତ୍ରୁଘ୍ନ ପଣ୍ଡା, କିଶୋର ପଣ୍ଡା, ବାରପାହାଡପୀଠର ମୁଖ୍ୟପୂଜକ, କୁଜାବୁଢା ଧରୁଆଙ୍କ ସହ ଆଞ୍ଚଳିକ ବରପାହାଡ଼ ସେନା ଦଳ ଏବଂ ବନବିଭାଗର ଅଧିକାରୀମାନେ ଏନେଇ ଆଲୋଚନା କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବଲାଙ୍ଗୀର ଜିଲ୍ଲାର ଶେଷସୀମାନ୍ତ ଭାଲୁପାଲିଠାରୁ ବାରପାହାଡ ରିଜର୍ଭଜଙ୍ଗଲ ଆରମ୍ଭ ହୋଇ ଦୀର୍ଘ ୨୫ କିମିରୁ ଅଧିକ ଲମ୍ବରେ ୧୦କିମି ଚଉଡାରେ ରେଙ୍ଗାଲି ପର୍ଯ୍ୟନ୍ତ ଲମ୍ବିରହିଛି। ପ୍ରାୟ ୧୦୨କିମି ବର୍ଗ କିମି ବ୍ୟାପି ଏହି ବାରପାହାଡ ରିଜର୍ଭ ଜଙ୍ଗଲ ରହିଛି। ଛୋଟବଡ ଅନେକ ପାହାଡର ସମାହାରରେ ଏକ ବିସ୍ତିର୍ଣ୍ଣ ଅଞ୍ଚଳରେ ବ୍ୟାପିରହିଥିବା ଏହି ଜଙ୍ଗଲର ତରଭାଥାନା ପାଇକବାହାଲ ପଞ୍ଚାୟତର ରାଜପାଲି ମୌଜାରେ ପାହାଡଉପରେ ସେହି ଅଞ୍ଚଳରେ ଆରାଧ୍ୟ ବାରପାହାଡ ଦେବତାଙ୍କ ପୀଠ ରହିଛି। ଏକ ଗୁମ୍ଫାରେ ବାରପାହାଡ ଦେବତା ପୂଜା ପାଉଛନ୍ତି। ବ୍ରାହ୍ମଣୀପାଲି, ମଖନାମୁଣ୍ଡା, ତିଲେଇମାଲ, କନ୍ଧପାଲି, ମେଣ୍ଡା ତଥା ଆଖପାଖର ଗାଁରେ ବସବାସ କରୁଥିବା ଗଣ୍ଡସମ୍ପ୍ରଦାୟର ସେ ହେଉଛନ୍ତି ଆରାଧ୍ୟ ଦେବତା। କେଉଁ ଆବାହମାନ କାଳରୁ ଗଣ୍ଡସମ୍ପ୍ରଦାୟର ଲୋକମାନେ ପାହାଡଗୁମ୍ଫାରେ ତାଙ୍କର ଲିଙ୍ଗଦେବତାଙ୍କୁ ସ୍ଥାପନାକରି ପୂଜାର୍ଚ୍ଚନା କରିଆସୁଛନ୍ତି। ରାଜାରାଜୁଡା ଅମଳରୁ ମଖନାମୁଣ୍ଡା ଗ୍ରାମର ଗଣ୍ଡଆଦିବାସୀ(ଝାଙ୍କର) ମାନେ ବାରପାହାଡଙ୍କୁ ପୂଜା କରିଆସୁଛନ୍ତି। ସେଥିପାଇଁ ରାଜୁଡା ଅମଳରୁ ତାଙ୍କ ପାଇଁ ଜମିର ମଧ୍ୟ ବ୍ୟବସ୍ଥା କରାଯାଇଛି। ମେଣ୍ଡା ଗଡ଼ତି ଅଞ୍ଚଳର ଏକ ବିଶାଳ ଅଞ୍ଚଳର ଗ୍ରାମବାସୀମାନେ ବାରପାହାଡ ଦେବତାଙ୍କୁ ପୂଜାକରି ଆସୁଛନ୍ତି। ବହୁବର୍ଷ ହେଲା ଦେବୀପୀଠର ଉନ୍ନତିକରଣ କରି ଏହାକୁ ଏକ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବାକୁ ସ୍ଥାନୀୟଲୋକେ ଦାବି କରିଆସୁଛନ୍ତି। ଗତ ୨୦୨୩ ମସିହାରେ ରାଜ୍ୟସରକାର ପର୍ଯ୍ୟଟନ ବିଭାଗକୁ ଏହି ପୀଠର ଉନ୍ନତିକରଣ ପାଇଁ ୨୮ ଲକ୍ଷ ୮ ୯ ହଜାର ଟଙ୍କା ମଞ୍ଜୁର କରିଥିଲେ। ପର୍ଯ୍ୟଟନବିଭାଗର ଏକ ସ୍ୱତନ୍ତ୍ରଟିମ ଏହି ସ୍ଥାନକୁ ପରିଦର୍ଶନ କରି ରାଜ୍ୟସରକାରଙ୍କୁ ଆବଶ୍ୟକ ରିପୋର୍ଟ ମଧ୍ୟ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ସେଥିରୁ ୮ଲକ୍ଷ ଟଙ୍କାର ଅନୁଦାନ ରାଶି ଆସିଥିଲା। କିନ୍ତୁ ନିର୍ବାଚନବର୍ଷ ଯୋଗୁଁ ଏହା ଅଟକି ରହିଥିଲା। ଏବେ ଜିଲ୍ଲାପାଳ ରାଜ୍ୟସରକାରଙ୍କୁ ଆହୁରି ଆବଶ୍ୟକ ହେଉଥିବା ୧ କୋଟି ୬୬ ଲକ୍ଷ ଟଙ୍କାର ଏକ ଡିପିଆର ଗତ ନଭେମ୍ବର ୩ ତାରିଖରେ ତାଙ୍କ ପତ୍ରସଂଖ୍ୟା-୧୪୪୪୨ ମାଧ୍ୟମରେ ପଠାଇଥିବା ଜଣାଯାଇଛି। ଖୁବଶୀଘ୍ର ଏହି ଅନୁଦାନ ମଧ୍ୟ ଆସିଯିବ ବୋଲି ଜିଲ୍ଲାପାଳ ଡ.ସାହୁ କହିଛନ୍ତି। ଜଙ୍ଗଲବିଭାଗର ମନ୍ତ୍ରୀ ରାମସିଂ ଖୁଣ୍ଟିଆଙ୍କୁ ଭେଟି ଏନେଇ ଆଲୋଚନା କରାଯାଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ଖୁଣ୍ଟିଆ ବନବିଭାଗ ତୁରନ୍ତ ଏକ ଡିପିଆର ପ୍ରସ୍ତୁତ କରି ରାଜ୍ୟସରକାରଙ୍କୁ ପଠାଇବାକୁ ନିର୍ଦ୍ଦେଶ ମଧ୍ୟ କରିଥିଲେ। ସୋନପୁର ବନବିଭାଗ ପକ୍ଷରୁ ଗତ ୨୦୨୩-୨୪ ମସିହାରେ ବାରପାହାଡଖୋଲରେ ପ୍ରାୟ ୧୨୦୦ ଫଳବୃକ୍ଷ ରୋପଣ କରାଯାଇଛି। ତାରଜାଲିର ସୁରକ୍ଷାବାଡ ଦେଇ ଏହାକୁ ସଂରକ୍ଷଣ କରାଯାଇଛି। ଏବେ ୨୫-୨୬ରେ ବାମକଡେ ଥିବା ଡୁଙ୍ଗରୀରେ ମଧ୍ୟ ଫଳବୃକ୍ଷ ଲଗାଯାଇ ସୌନ୍ଦର୍ଯ୍ୟକରଣ କରିବାକୁ ପ୍ରସ୍ତାବ ରଖାଯାଇଛି। ବୁର୍ଡା-ଅର୍ଜୁନପୁର ପୂର୍ତ୍ତବିଭାଗ ରାସ୍ତାର କଡେକଡେ ଲମ୍ବିଯାଇଥିବା ବାରାପାହାଡ ରିଜର୍ଭ ଜଙ୍ଗଲରେ ଅନେକଗୁଡିଏ ଝରଣା ବହିଯାଇଛି। ଜଙ୍ଗଲବଢ଼ିବା ସହିତ ଏହାର ସୌନ୍ଦର୍ଯ୍ୟ ବଢ଼ୁଛି। ଶୀତଦିନେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବଢ଼ୁଛି। ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସି ଏଠାରେ ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ସହ ବଣଭୋଜି କରି ମଜା ନେଉଛନ୍ତି। ତେଣୁ ଏଠିକାର ବିକାଶ ହେଲେ ଆହୁରି ବହୁତ ପରିମାଣରେ ପର୍ଯ୍ୟଟକ ଉପକୃତ ହେବେ ବୋଲି ଅଞ୍ଚଳବାସୀ କହିଛନ୍ତି।

### ଉନ୍ନୟନ କାର୍ଯ୍ୟ ସ୍ଥଳ ପରିଦର୍ଶନ କଲେ ବନ ଅଧିକାରୀ

## ଝରିଆଗୁଡ଼ାରେ ଖରିଫ ମଣ୍ଡି ଉଦ୍‌ଘାଟିତ

# ପ୍ରଥମ ଦିନରେ ୧୪ ଚାଷୀଙ୍କ ଧାନ କ୍ରୟ



କୋକସରା, ୧୨।୧୨(ସମିସ): କୋକସରା ପାକ୍ସ ଅଧୀନରେ ଥିବା ରେଙ୍ଗାଲପାଲି ପଞ୍ଚାୟତର ଝରିଆଗୁଡା ଠାରେ ଶୁକ୍ରବାର ମଣ୍ଡି ଆରମ୍ଭ ହେବାପରେ ଚାଷୀମାନେ ଧାନ ବିକ୍ରି କରିଛନ୍ତି। ମଣ୍ଡି ଆରମ୍ଭ ପୂର୍ବରୁ ମଣ୍ଡି ପାଇଁ ଜମି ଦାନ କରିଥିବା ଚାଷି ଜୟଲାଲ ନାଏକ ଗ୍ରାମ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ମଣ୍ଡିରେ ଧାନ କ୍ରୟ ଆରମ୍ଭ ହୋଇଥିଲା। କୋକସରା ପେକ୍ସ ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗ ଓ ଆରଏମସି କର୍ମଚାରୀ ମାନେ ଟୋକନ ଥିବା ଚାଷୀଙ୍କ ଧାନକୁ ଯାଞ୍ଚ କରିବା ପରେ ଧାନକ୍ରୟ ଆରମ୍ଭ ହୋଇଥିଲା। ଏହି ଅବସରରେ ରେଙ୍ଗାଲପାଲି ଚାଷି ରାଜ କିଶୋର ସାହୁ, ପଞ୍ଚାୟତ ସମିତି ସଭ୍ୟ ମୁକ୍ତେଶ୍ୱର ନାଏକ, ଭାବଗ୍ରାହୀ ପ୍ରଧାନୀ, ମୁକୁନ୍ଦ ପଟ୍ଟନାୟକ, ଶାରଳା ପ୍ରସାଦ ପ୍ରଧାନୀ, ଚାଷି ହୃଷିକେଶ ଖମାରି, ସୁରେନ୍ଦ୍ର ବଛା, ହୃଷିକେଶ ଦାଶ, ମହେନ୍ଦ୍ର ନିଆଲ, କୁରୁକ୍ଷତ୍ର ପାଣିଗ୍ରାହୀ, ଅରବିନ୍ଦ ପଟ୍ଟନାୟକ, ମହିଳା ଚାଷୀ ସ୍ୱାତି ପୋଡ଼ ପ୍ରମୁଖଙ୍କ ୫୬୧କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ କ୍ରୟ ହୋଇଥିବା ନେଇ ପାକ୍ସ କର୍ମଚାରୀ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ' ପୂର୍ବରୁ ଏହି ପଞ୍ଚାୟତ ଅଞ୍ଚଳର ଚାଷି ମାନେ ମଣ୍ଡି ନଥିବାରୁ କୋକସରା ମଣ୍ଡିରେ ଧାନ ବିକ୍ରି କରୁଥିଲେ। ତେବେ ପ୍ରଶାସନ ପକ୍ଷରୁ ଗତବର୍ଷ ଠାରୁ ଝରିଆଗୁଡାରେ ସ୍ୱତନ୍ତ୍ର ମଣ୍ଡି ଖୋଲିବା ପରେ ଚାଷୀ ଏହି ମଣ୍ଡିରେ ଧାନ ବିକ୍ରି କରୁଛନ୍ତି।

## ପାଣି ନାଳାକୁ ଧର୍ସା କିସମରେ ବଦଳା ଯିବା ଅଭିଯୋଗ

ଡୁଙ୍ଗୁରିପାଲି, ୧୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ତହସିଲ ଅନ୍ତର୍ଗତ ଅଇଁଲାସାରୀରେ ଚକବନ୍ଦୀ ପୂର୍ବରୁ ଏକ ପାଣି ନାଳ (କାଡା ନାଳା)ଥିଲା। ଚକବନ୍ଦୀ ପୂର୍ବରୁ ଚତୁର୍ଥ ବନ୍ଦୋବସ୍ତ ମତେ ଉକ୍ତ ପାଣିନାଳ (କାଡାନାଲା)ର ପ୍ଲଟ ନଂ ୫୯୫ ଓ ଖାତା ନଂ ୩ ଯାହାର ଏରିଆ ୦.୧୬୦ ଅଟେ। ବର୍ତ୍ତମାନ ହାଲ ରେକର୍ଡ ମତେ ଉକ୍ତ ନୁତନ ଖାତା ୩୧୬ ପ୍ଲଟ ନଂ ୪୫୭ ଏରିଆ ଏକର ୦.୨୮୦ ଡି. ଅଛି। ଅଜ୍ଞାତରେ ଗ୍ରାମର କେତେକ ବ୍ୟକ୍ତି ଏବଂ ପୂର୍ବ ଚକବନ୍ଦୀ ଅଧିକାରୀ ପାଣି ନାଲ(କାଡାନାଳା )କୁ ଭାଙ୍ଗି ଧର୍ସା କିସମରେ ରେକର୍ଡ ପ୍ରସ୍ତୁତ କରିଥିବା ଆଇଁଲାସାରୀର ଚାଷୀ ମହାଦେବ ଗଡ଼ତ୍ୟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ବର୍ତ୍ତମାନ ସେହି ପ୍ଲଟ ଧର୍ସା କିସମରେ ପରିବର୍ତ୍ତନ କରିଥିବାରୁ ଧାନ ଚାଷ ପାଇଁ ପାଣି ନେବାରେ ବ୍ୟାଘାତ ସୃଷ୍ଟି ହୋଇଛି। ଉକ୍ତ ପ୍ଲଟ ଧର୍ସା କିସମ ଥାଇ ସେ ଓ ତାଙ୍କ ବାପା ଧାନ ଚାଷ କରି ଆସୁଥିବା ଜଣାଇଛନ୍ତି। ଯେହେତୁ ତାଙ୍କର ପ୍ଲଟ ଉପରେ ପୂର୍ବ ବର୍ଣ୍ଣିତ ଅନୁସାରେ ପାଣିନାଲ (କାଡାନାଳା) ଥିଲା ତାକୁ ରାସ୍ତା କିସମରୁ ସଂଶୋଧନ କରି ଏହି ଜମିର କିସମକୁ ପରିବର୍ତ୍ତନ ରଖାଗଲେ ପାଣି ନାଲ (କାଡାନାଳା )କିସମ କରାଯିବା ପାଇଁ ସେ ଆପତ୍ତି ଉଠାଇଛନ୍ତି। ଯାହା କି ଉକ୍ତ ଧର୍ସା ପୂର୍ବ ମୁତାବକ ପାଣି ନାଲ ଥିଲା। ସେ ଆହୁରି ଅନୁରୋଧ କରିଛନ୍ତି ଯେ, ଉକ୍ତ ନାଳ ଯେଉଁ ସ୍ଥାନରେ ଥିଲା ତାହା ପୂର୍ବପରି ନିର୍ମାଣ କରାଯାଉ, ଯାହାକି ଚାଷୀମାନେ ଉପକୃତ ହେବେ। ତେଣୁ ରାମପୁର ତହସିଲଦାର ଏଥିରେ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି।

## ଡୁଙ୍ଗୁରିପାଲି ବ୍ଲକ୍‌ରେ ଶିକ୍ଷା ସଭା

ଡୁଙ୍ଗୁରିପାଲି, ୧୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ହରିହର ନଗର ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ସହଲା ସିଆରସିସି ରଞ୍ଜନ କୁମାର ଦାଶ ଯୋଗଦେଇ ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରେଖାରାମ ବାଗ, ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ମିଶ୍ର, ଶିବପ୍ରସାଦ ରଣା ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଗୋପାଳ କୁମାର ଦାସ, ସାଧୁ ସେଠ, ଜ୍ୟୋସ୍ନାମୟୀ ମାଝୀ, କୈଳାସ ଚନ୍ଦ୍ର ସେଠ, ଅଭିରାମ ବାରିକ, ପ୍ରଶାନ୍ତ ପ୍ରଧାନ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ତଥା ଅଭିଭାବକମାନେ ଯୋଗଦେଇଥିଲେ। ସେହିପରି ଇଚ୍ଛାପୁର କ୍ଲଷ୍ଟରର କର୍ଲାଜୁରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କର୍ଲାଜୁରୀ ପଞ୍ଚାୟତର ସରପଞ୍ଚ ସୁଜାତା ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କର୍ଲାଜୁରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ବେହେରା ଓ ଇଚ୍ଛାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ ବୁଡ଼େକ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଇଚ୍ଛାପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧାଂଶୁ ଶେଖର ସାହୁ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ୧୨ ଟି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, କର୍ଲାଜୁରୀ ରାଇଜିଂ ୟୁଥ୍ ସେବା ସଂଗଠନର ସଭ୍ୟ, ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ଛାତ୍ରଛାତ୍ରୀ, ଅଭିଭାବକ ଅଂଶ ଗ୍ରହଣ କରିଥିଲେ। ଆସ ସ୍କୁଲ ଯିବା କମିଟି ସହାୟତାରେ ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ୬ ଜଣ ଛାତ୍ରଛାତ୍ରୀଙ୍କୁ ଫୁଲତୋଡ଼ା ଓ ଉପହାର ଦେଇ ଉତ୍ସାହିତ କରାଯାଇଥିଲା। ଲୋକଙ୍କୁ ସଚେତନତା କରିବା ପାଇଁ ପଦଯାତ୍ରା ବାହାରି ଗ୍ରାମ ପରିକ୍ରମା କରାଯାଇଥିଲା। ଶିକ୍ଷକ ଡାକ୍ତର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଧର୍ମଗଡ଼, ୧୨।୧୨(ସମିସ): ସରକାର ଧାନ କ୍ରୟ ପାଇଁ ଘୋଷଣା କରିଥିବା ବେଳେ କଳାହାଣ୍ଡି ଜିଲ୍ଲାର ଅନେକ ସ୍ଥାନରେ ମଣ୍ଡି ଆରମ୍ଭ ହୋଇ ନାହିଁ। ଧାନ ଅମଳର ଗୋଟିଏ ମାସ ବିତି ଥିଲେ ମଧ୍ୟ ମଣ୍ଡି ଖୋଲିବା ବିଳମ୍ବ ଯୋଗୁଁ ଚିନ୍ତାରେ ଚାଷୀ। ମଣ୍ଡି ବିଳମ୍ବ ଯୋଗୁଁ ଅଧିକାଂଶ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ଏଭଳି ଅଭିଯୋଗ ଆଣି ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି ଜିଲ୍ଲା କୃଷକ ସଂଘ। ଶୁକ୍ରବାର ଧର୍ମଗଡ଼ ଠାରେ ଜିଲ୍ଲା କୃଷକ ସଂଘର ଅନେକ କର୍ମକର୍ତ୍ତା ଓ ଚାଷୀ ଜିଲ୍ଲାର ମଣ୍ଡି ସମସ୍ୟା ନେଇ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଧାନକ୍ରୟ ପାଇଁ ଜିଲ୍ଲାର ସମସ୍ତ ମଣ୍ଡିକୁ କାର୍ଯ୍ୟକ୍ଷମ କରିବା, ଧାନ ବିକ୍ରି ପାଇଁ ଚାଷୀଙ୍କୁ ତୁରନ୍ତ ଟୋକନ୍ ଇସୁ କରିବା, କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ କରିବା ଭଳି ଅନେକ ସମସ୍ୟା ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ସମସ୍ତ ଚାଷୀ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚାଷୀ ନେତା ଦିଗାମ୍ବର ଦୁରିଆ, ଡାକେ ଲହଜଳ, ଡମ୍ବରୁଧର ଲହଜଳ, ସନ୍ତୋଷ ପାଢ଼ୀ, ରତନ ନାଏକ, ପ୍ରମୋଦ ହଂସ ଚେତାବନୀ ଦେଇଛନ୍ତି।

# ନୂଆପଡ଼ା ଅବକାରୀ ବିଭାଗର କାର୍ଯ୍ୟ ସମୀକ୍ଷା



ନୂଆପଡ଼ା, ୧୨।୧୨(ସମିସ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅବକାରୀ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅବକାରୀ ବିଭାଗର ରାଜସ୍ୱ ଆଦାୟ, ପ୍ରବର୍ତ୍ତନ କାର୍ଯ୍ୟକଳାପ ଏବଂ ଅବକାରୀ ବିଭାଗର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରାଯାଇଥିଲାକ୍ଷ ବିଦ୍ୟାଳୟ, ଜନବସତି, ରାସ୍ତା କଡ ଇତ୍ୟାଦି ଅଞ୍ଚଳରେ ଦୃଢ଼ ହସ୍ତରେ ଚୋରା ମଦ ବିକ୍ରୟ କେନ୍ଦ୍ର ସବୁ ତୁରନ୍ତ ବନ୍ଦ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଅବକାରୀ କାର୍ଯ୍ୟକଳାପ କେମିତି ଆହୁରି ସୁଦୃଢ ହୋଇ ଜିଲ୍ଲାରେ ଅବୈଧ ଚୋରା ମଦ, ଗଞ୍ଜେଇ, ନିଶା କାରବାର ଉପରେ ରୋକ୍ ଲାଗିପାରିବ ତଥା ଜନ ସଚେତନତା ସୃଷ୍ଟି ହୋଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଏନ୍ ଡି ପି ଏସ୍ ମାମଲା ଗୁଡ଼ିକରେ ଅଧିକ ଅଭିଯାନ କରିବାକୁ ଏବଂ ଅଭିଯୁକ୍ତଙ୍କୁ ଅଧିକ ସଂଖ୍ୟାରେ କୋର୍ଟରେ ହାଜର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଅବକାରୀ ନିରୀକ୍ଷକ ହିରାବତି ଥାର୍ଟୀ, ସବ୍ ଇନସପେକ୍ଟର ବୃନ୍ଦାବତୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ ଭୟମୁକ୍ତ ହୋଇ ସମର୍ପିତ ଭାବରେ ଜିଲ୍ଲାରୁ ଅବୈଧ ନିଶା କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ।

## ଚଲକିରେ ଶିକ୍ଷା ସଭା

ମୁରିବାହାଲ, ୧୨।୧୨ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଚଲକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ର, ବାନ୍ଧୁପଲା ଆନୁକୂଲ୍ୟରେ ଶିକ୍ଷା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାନ୍ଧୁପଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲିଲୁ ମୋହନ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚଲକି ସରପଞ୍ଚ ମମତା ପ୍ରଧାନୀ ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଚୈତନ୍ୟ ବାଗ, କରଲା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀମନ୍ତ କୁମାର ନାୟକ, ସମାଜସେବୀ ମନୁ ଭୋଇ, ମୁରିବାହାଲ ପଞ୍ଚାୟତି ହାଇସ୍କୁଲ ପ୍ରଧାନଶିକ୍ଷକ ହେମନ୍ତ ନାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଭୋଜରାଜ ପଧାନ ସଂଯୋଜନା କରିଥିବା ବେଳେ ଚଲକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଚଲକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ବାନ୍ଧୁପଲାର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱଦେଶୀ ଦିବସରେ ବିଦେଶୀ ବର୍ଜନ ପାଇଁ ସଂକଳ୍ପ

ଭବାନୀପାଟଣା, ୧୨।୧୨(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ଓ ସ୍ୱାବଲମ୍ବୀ ଭାରତ ଅଭିଯାନ କଳାହାଣ୍ଡି ପକ୍ଷରୁ ଡିସେମ୍ବର ୧୨ ସ୍ୱଦେଶୀ ଆନ୍ଦୋଳନର ଏକମାତ୍ର ବଳିଦାନୀ ବବୁଗେନୁଙ୍କ ବଳିଦାନ ଦିବସରେ ପୂର୍ବାହ୍ନ ୧୦ ଘଟିକା ସମୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବ୍ରଜ ବିହାରର ପ୍ରାର୍ଥନା ସଭାରେ ମଞ୍ଚର ପ୍ରାନ୍ତ ପରିଷଦ ସଦସ୍ୟ କୈଶବ ବିହାରୀ ଯୋଗ ଦେଇ ବାବୁଗେନୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଶିଶୁ ଭାଇଭଉଣୀ ଓ ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କୁ ନିଜ ଆଚରଣରେ ସ୍ୱଦେଶୀ ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସଂଯୋଜକ ଗଜିନ୍ଦ୍ର ଡାକୁଆଙ୍କ ନେତୃତ୍ୱରେ ୫ଟା ସମୟରେ ଏକ ସ୍ୱଦେଶୀ ସନ୍ଦେଶ ଯାତ୍ରା ବାହାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଛକ ଠାରେ ଏକ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବିଭାଗ ସଂଯୋଜକ ନକୁଳ ନାୟକଙ୍କ ସଂଯୋଜନାରେ ମଞ୍ଚର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ମନୋଜ କୁମାର ନାୟକ, ପ୍ରାନ୍ତ ପରିଷଦ ସଦସ୍ୟ କୈଶବ ବିହାରୀ, ଗ୍ରାହକ ପଞ୍ଚାୟତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶିଲ ପଣ୍ଡା, ଭାରତୀୟ ମଜଦୁର ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ରମେଶ ରାଉଳ, ରାଜ୍ୟ ମହିଳା ନେତ୍ରୀ ଝୁନୁପାମା ଶତପଥୀ ପ୍ରମୁଖ ଯୋଗ ଦେଇ ସ୍ୱଦେଶୀ ଉଦ୍ୟମିତା ଓ ସହକରିତା ଆଧାରରେ ବିଦେଶୀ ବର୍ଜନ ସହିତ ଦେଶକୁ ୧୦ ଟ୍ରିଲିୟନ୍ ଡଲାର ଅର୍ଥନୀତିର ଦେଶ ଭାବରେ ପ୍ରତିଷ୍ଠିତ କରିବାର ସଂକଳ୍ପ ନେଇ ଏକ ବେରୋଜଗାର ମୁକ୍ତ, ସ୍ୱରୋଜଗାର ଯୁକ୍ତ ସ୍ୱଦେଶୀ ଜ୍ଞାନ କୌଶଳ ଆଧାରରେ ସାମଗ୍ରିକ ଭାବରେ ବିକଶିତ ସମୃଦ୍ଧଶାଳୀ ଭାରତ ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ମହିଳା ପ୍ରମୁଖ, ପ୍ରାନ୍ତ ଯୁବା ପ୍ରମୁଖ ଗୋଦାବରିଶ ପାତ୍ର, ଜିଲ୍ଲା ମହିଳା ପ୍ରମୁଖ ଜୟନ୍ତୀ ବିହାରୀ, ଭାଜପା ନେତ୍ରୀ ଅନିତା ବିଶ୍ୱାଳ, ବିଏମ୍‌ସର ନଳିନୀ ବାଗଙ୍କ ସମେତ ଇ ଦୋସ୍ତିର ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ରହି ବିଦେଶୀ ବସ୍ତୁର ଦହନ ସହିତ ସ୍ୱଦେଶୀ ଗ୍ରହଣ ପାଇଁ ସଂକଳ୍ପ ନେଇଥିଲେ।



# ପ୍ରାଥମିକ ଜୀବନ ସହାୟତା ପ୍ରଶିକ୍ଷଣ ଶିବିର

ଟିଟିଲାଗଡ଼, ୧୨।୧୨ (ସମିସ): ଟିଟିଲାଗଡ଼ ସାମ୍ବାଦିକ ସଂଘ ଓ ରାଜସ୍ଥାନୀ ହେଲ୍‌ଥ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ ହୃଦଘାତ ସମ୍ବନ୍ଧୀୟ ପ୍ରାଥମିକ ଜୀବନ ସହାୟତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌର ପରିଷଦ ନିର୍ବାହୀଅଧିକାରୀ ଚନ୍ଦନ ଶତପଥୀ ମୁଖ୍ୟଅତିଥି, ରାଜସ୍ଥାନୀ ଫାଉଣ୍ଡେସନ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ଶର୍ମା, ବିଶିଷ୍ଟ ବିଜେପି ନେତା ପ୍ରମୋଦ ପ୍ରଧାନ, ସମାଜସେବୀ ବିନୋଦ ମରୋଡ଼ିଆ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ସାମ୍ବାଦିକ ସଂଘ ସଭାପତି ଦୀପକ ସମାଜଦାର ସଭା ପରିଚାଳନା କରିଥିଲେ। ଆପୋଲୋ ହସ୍ପିଟାଲ ରୁ ପ୍ରଶିକ୍ଷକ ଭି ଭି ନାଇଡୁ ଙ୍କ ସହ ଏକ ବିଶେଷଜ୍ଞ ଦଳ ଏହି ଶିବିରରେ ହୃଦଘାତ ହେଲେ ହୃଦ୍‌ରୋଗୀଙ୍କୁ କିପରି ଆବଶ୍ୟକ ପ୍ରାଥମିକ ସହାୟତା ଯୋଗାଇ ଦିଆଯାଇ ପାରିବ ସେ ସମ୍ବନ୍ଧରେ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରି ଦେଖାଇଥିଲେ। ଆୟୋଜିତ ଶିବିରରେ ସହରର ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱାସ୍ଥ୍ୟକର୍ମୀ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଶିକ୍ଷିତ ସଦସ୍ୟଙ୍କୁ ପ୍ରଶିକ୍ଷଣ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସମାଜସେବୀ ହରିଶ ରାୟଠାତା, ସାଂସଦ ପ୍ରତିନିଧି ରମେଶ ଅଗ୍ରୱାଲ, ସାମ୍ବାଦିକ ଜଗଦୀଶ ଜୈନ, ତୀର୍ଥଙ୍କର ପଟେଲ, ସନତ ପାଢ଼ୀ, ମନୋଜ ଶତପଥୀ, ସନ୍ତୋଷ ପଟ୍ଟନାୟକ, ଭବାନୀ ଷଡ଼ଙ୍ଗୀ ପ୍ରମୁଖ ଶିବିର ପରିଚାଳନା ରେ ସହାୟତା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାମ୍ବାଦିକ ସୁଧିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନଟରାଜ କଳା ପରିଷଦର ନାଟକ ମହୋତ୍ସବ ଉଦ୍‌ଘାଟିତ

# 'ବା' ଓ 'ଯାଦୁବାଲା'ଦର୍ଶକଙ୍କ ମନ ମୋହିଲା

ବଲାଙ୍ଗିର, ୧୨।୧୨ (ସମିସ): ବଲାଙ୍ଗିର କୋସଲ କଳାମଣ୍ଡଳ ପଡ଼ିଆର ପୁରୁଣା ମଞ୍ଚରେ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବର୍ଷ ମଧ୍ୟ ନଟରାଜ କଳା ପରିଷଦ ଦ୍ୱାରା କୋସଲି ଭାଷାରେ ୬ଟି ନାଟକ ଆୟୋଜିତ ହେବାକୁ ଥିବା ବେଳେ ଶୁକ୍ରବାର ଦିନ ଆଜି ସନ୍ଧ୍ୟାରେ ଡ. ଶ୍ରୀକର ମିଶ୍ର ସଭା ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ରୂପେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ ଏବଂ ପ୍ରଶାନ୍ତ ଖମାରୀ, କମିଟି ସଭାପତି ହରିନାରାୟଣ ପୁଜାରୀ ମଞ୍ଚାସିନ ହୋଇଥିବା ବେଳେ ସତ୍ୟବ୍ରତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ନାଟ୍ୟ ମହୋତ୍ସବରେ ସ୍ୱର୍ଗତ ସୁବାଷ ପୁଝାରୀଙ୍କ ସ୍ମୃତି ରେ କୋସଲ ଗୌରବ ନାଟ୍ୟ ସମ୍ମାନ ଅବଦୁଲ ଜମାଲ ଖାନଙ୍କୁ ପ୍ରଦାନ କରାଯାଇଥିଲା। ନାଟକ 'ବା' ଗୋଟିଏ ଅସ୍ଥିର ପ୍ରଶ୍ନ। ଗୋଟିଏ ପିଲାଙ୍କ ଜିବନର ଭଲ ପରିଚୟ ହେଉଛି ସେ ଡାକୁଥିବା ଗୋଟିଏ ଶବ୍ଦ 'ବା'ର ପରିଚୟ ଖୋଜୁଥିବା ସମାଜରେ ଖୋଜି ଖୋଜି ବିଭିନ୍ନ ଲୋକଙ୍କ ବା ଡାକୁଥିବା ବେଳେ ପରିଚୟ ନ ପାଇ ନିରାଶ ହୋଇ ଶେଷରେ ଅସହାୟ, ଅବହେଳିତ ପ୍ରେମକୁ ଥରେ ବି ପାଇ ନ ଥିବାର ପିଲା ନିଜର ଦୁର୍ବଳତାର ସମାଧାନ ଲାଗି ଗୋଟିଏ ଭୟଙ୍କର ବାଟ ବାଛି ନେଇଛି ଏବଂ ହାରି ଦେଇଛି ଜିବନ କୁ। ଅପରାଧ କାହାର କି ସମାଜର। ଏହି ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି ପ୍ରହଲ୍ଲାଦ ଦର୍ଜି, ନାଟକ ଲେଖିଛନ୍ତି ଅଶୋକ ବହିଦାର। ସଙ୍ଗୀତ ନିର୍ଦ୍ଦେଶକ ଦିଲିପ ସିଂଦେଓ ଏବଂ ଜୟପ୍ରକାଶ ପୁଝାରୀ। ଦ୍ୱିତୀୟ ନାଟକ 'ଯାଦୁବାଲା'ତାର ଯାଦୁରେ ସମସ୍ତଙ୍କୁ ଖୁସି ଦେଉଥିବା ବେଳେ ନିଜେ ଅନ୍ଧକାରରେ ଅପାରୁ ଏବଂ ଗରିବି ମଧ୍ୟରେ ଜିବନ କାଟୁଛି। କମ୍ ଆୟ ଅପରାଧ ନୁହଁ, ସହଯୋଗ, ବୁଝାମଣା ଓ ମାନବିକତାର ପରିଚୟ ଦେଇଛି। ନିର୍ଦ୍ଦେଶକ ରାମ ପ୍ରସାଦ ଦାଶ ଓ ଲେଖକ ରବିନ ଦର୍ଜି।



## ବୌଦ୍ଧ ଧନୁଯାତ୍ରାର ତୃତୀୟ ସନ୍ଧ୍ୟା

# 'ମଥୁରାର କଳାଚାନ୍ଦ ଗୋପରେ ବଢ଼ୁଛି' ମଞ୍ଚସ୍ଥ

ବୌଦ୍ଧ, ୧୨।୧୨(ସମିସ)

ବୌଦ୍ଧ ନଗର ସ୍ଥିତ ମା' ଭୈରବୀ ପଡ଼ିଆରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ଓଡ଼ିଶା ପ୍ରସିଦ୍ଧ ଆଧାମ୍ରିକ ଧନୁଯାତ୍ରା ନାଟ୍ୟୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ନାଟକ ଆରମ୍ଭ ପୂର୍ବରୁ ସ୍ନେହା ମିଶ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ପରେ ନିର୍ବାକ ନୃତ୍ୟ ନାଟିକା କେଶବ ଧୃତ ନରହରି ରୂପ ଦର୍ଶକ ମନକୁ ବେଶ ଛୁଇଁଥିଲା। ଏହା ପରେ ନାଟକ 'ମଥୁରାର କଳା ଚାନ୍ଦ ଗୋପରେ ବଢ଼ୁଛି' ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାରେ ତାଙ୍କର ମାଟିଖିଆ, ଜମାଲାର୍ଜୁନ ଭଞ୍ଜନ, ବିଶ୍ୱରୂପ ଦର୍ଶନ ପ୍ରଦର୍ଶିତ ହୋଇଥିଲା। କୃଷ୍ଣଙ୍କୁ ମାରିବା ପାଇଁ କଂସ ତୃଣାସୁର, ଅଘାସୁର ଓ ବକା ସୁରଙ୍କୁ ଗୋପପୁର ପ୍ରେରଣ କରିଛି, କିନ୍ତୁ କୃଷ୍ଣଙ୍କ ହାତରେ ସମସ୍ତେ ନିହତ ହୋଇଛନ୍ତି। ଶ୍ରୀ କୃଷ୍ଣଙ୍କ ବାଲ୍ୟଲୀଳା ମଧ୍ୟରେ ଦଧି ଚୋରୀ, ନଟୁଖେଳ, ଧେନୁକାସୁର ବଧ କଥା ଶୁଣି କଂସ କ୍ରୋଧିତ ହୋଇ ମନ୍ଦ ଉଦ୍ଦେଶ୍ୟ ରଖି ଦୂତ ପ୍ରେରଣ କରିଛି ନନ୍ଦ ରାଜା ପାଖକୁ। ଧନୁଯାତ୍ରା ନାଟକକୁ ବର୍ଷିଆନ ନାଟ୍ୟକାର ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ ଦେବଙ୍ଗନ ମେହେର। ଧନୁଯାତ୍ରା ନାଟ୍ୟୋତ୍ସବର ସଭାପତି ବୃନ୍ଦାବନ ମେହେର, ସମ୍ପାଦକ ପଙ୍କଜ ମେହେର, କୃଷ୍ଣ ପରିଡ଼ା, ଉପଦେଷ୍ଟା ରମେଶ ପ୍ରସାଦ ମେହେର ଓ ପରିଷଦର ସଦସ୍ୟଙ୍କ ସହଯୋଗରେ ଏହି ଯାତ୍ରା ପରିଚାଳନା ହେଉଥିବା ବେଳେ ନାଟକର କଂସ ଭୂମିକାରେ ବାବୁଲାଲ ପ୍ରଧାନ, ବସୁଦେବ ଭୂମିକାରେ ଲୋକନାଥ ମେହେର, ଉଗ୍ରେସେନ ଭୂମିକାରେ ରୁଦ୍ର, ନନ୍ଦରାଜ ଭୂମିକାରେ ଇନ୍ଦ୍ରମଣୀ ମେହେର, ଯଶୋଦା ଭୂମିକାରେ ସାନୁଜ୍ୟ ବାରିକ, ଦେବକୀ ଭୂମିକାରେ ଲୁଲୁ, ବଳରାମ ଭୂମିକାରେ ମୋନିକ, ରାଧା ଭୂମିକାରେ ଜଗବନ୍ଧୁ, ପଦ୍ମାବତୀ ଭୂମିକାରେ ରବି, ଅଘସୁର ଭୂମିକାରେ ଦୁର୍ଯ୍ୟୋ, ବକାସୁର ଭୂମିକାରେ ପିଙ୍କୁ, ସୁଦାମ ଭୂମିକାରେ ରାଜା, ସୁବଳ ଭୂମିକାରେ ବିଷ୍ଣୁ, ଅକ୍ରୁର ଭୂମିକାରେ ମାନ, ଧେନୁକା ଭୂମିକାରେ ବିଶ୍ୱଙ୍କ ଉଚ୍ଚ କୋଟିର ଅଭିନୟ କରି ବିଳମ୍ବିତ ଶୀତୁଆ ରାତିଯାଏ ଦର୍ଶକଙ୍କୁ ବାନ୍ଧି ରଖିଥିଲେ।



## ନାଟ୍ୟକାର ଭବାନୀ ଶଙ୍କର ସମ୍ବର୍ଦ୍ଧିତ

ବୌଦ୍ଧ, ୧୨।୧୨(ସମିସ): ନିକଟରେ ରାଜ୍ୟ ସରକାରଙ୍କ ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଉପାୟନ -୨୦୨୫ ରେ ପୁରସ୍କୃତ ହୋଇଥିବା ବୌଦ୍ଧ ମାଟିର ଯଶସ୍ୱୀ ନାଟ୍ୟକାର ଭବାନୀ ଶଙ୍କର ମହାପାତ୍ରଙ୍କୁ ବୌଦ୍ଧ ଧନୁଯାତ୍ରା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ବସନ୍ତ କୁମାର ସାହୁ, ନାଟ୍ୟକାର ହୃଦାନନ୍ଦ ମେହେର, ନାଟ୍ୟ ନିର୍ଦ୍ଦେଶକ ଦେବଙ୍ଗନ ମେହେର, ସାହିତ୍ୟିକ ରମେଶ ପ୍ରସାଦ ମେହେର ଉପସ୍ଥିତ ଥିଲେ।



## ଜଗନ୍ନାଥଙ୍କ ନୂତନ ପରିଚାଳନା ଟ୍ରଷ୍ଟିଙ୍କୁ ଅନୁମୋଦନ

**ପୁରୁଣା କଟକ,୧୨।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକସଦର ମହକୁମା ଠିକାଯୋଗ ମୌଜାରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରିଚାଳନା ଟ୍ରଷ୍ଟି ଭାବେ ଶ୍ରୀ ବାମଦେବ ଦାଶ ଓଡ଼ିଶା ଦେବୋତ୍ତର ବିଭାଗର ଅନୁମୋଦନ ଲାଭ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ,୨୦୧୦ ମସିହାରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇ ୨୩ ଜେ ବିଡିଏଚ୍ ଭାବେ ପଞ୍ଜୀକୃତ ହୋଇ ବ୍ୟାସଙ୍କଲ୍ପ ଗଠନ ହୋଇଥିଲା। ଅଦ୍ୟାବଧି ତଳେ ମନ୍ଦିର ପରିଚାଳନା ପାଇଁ ରାଜ୍ୟ ଆଇନ ବିଭାଗ ସ୍ୱୀକୃତି ପରେ ଦେବୋତ୍ତର ବିଭାଗ ପକ୍ଷରୁ ସାତଜଣିଆ ଟ୍ରଷ୍ଟ ବୋର୍ଡରେ ବାମଦେବ ଦାଶ,କୃଷ୍ଣଚନ୍ଦ୍ର ମଲ୍ଲିକ,ଅର୍ଜୁନ କହଁର,ସିକନ ନାୟକ, ସୁରେଶ ବେହେରା, ଦେବବ୍ରତ ପ୍ରଧାନ, ସ୍ୱପ୍ନେଶ୍ୱର ଜାନୀ ସ୍ଥାନ ପାଇଥିଲେ। ବୃହସ୍ପତି ଅତିରିକ୍ତ ତଥା ସହକାରୀ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ଶ୍ରୀ ବାମଦେବ ଦାଶଙ୍କୁ ନୂତନ ପରିଚାଳନା ଟ୍ରଷ୍ଟିଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରୀତିନୀତି ଓ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ସମସ୍ତ ଶ୍ରଦ୍ଧାଳୁ ଭକ୍ତ ଭାଇଭଉଣୀ ଓ ଅଞ୍ଚଳବାସୀଙ୍କ ସହଭାଗୀତା ଓ ସହଯୋଗରେ ସମାପନ କରିବା ପାଇଁ ଅନୁରୋଧ କରିଛନ୍ତି।

● ସରକାରୀ ଅର୍ଥ ଆତ୍ମସାତ

## ଜେଲ୍ ଗଲେ ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ

**ଶଗଡା,୧୨।୧୨(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ବୁଢ଼ୀବଲଣ୍ଡା ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମଲ୍ଲିକଙ୍କୁ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଜେଲ ସହ ଆର୍ଥିକ ଦଣ୍ଡାଦେଶ ଶୁଣାଇଛନ୍ତି ଭିଜିଲାନ୍ସ କୋର୍ଟ। ସୂଚନା ଅନୁଯାୟୀ, ଶ୍ରୀ ମଲ୍ଲିକ ସ୍କୁଲ ନିର୍ମାଣ ପାଇଁ ଆସିଥିବା ଅର୍ଥକୁ କାମ ନ କରି ଆତ୍ମସାତ କରିଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଭିଜଲାନ୍ସ ଏକ ମାମଲା(୧୯୮୮/୪୦୯/୧୨୦ବି) ରୁଜୁ କରି ଡିଏସ୍‌ପି କ୍ରିଷ୍ଣା କୁମାରୀ ପ୍ରଧାନ ଏହାର ତଦନ୍ତ କରି ଭିଜଲାନ୍ସ କୋର୍ଟକୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଭିଜାଲାନ୍ସ କୋର୍ଟରେ ସ୍ପେସିଆଲ ପବ୍ଲିକ ପ୍ରୋସିକ୍ୟୁଟର ଭିଭି ରାମଦାସ ମାମଲା ପରିଚାଳନା କରିଥିଲେ। ଫୁଲବାଣୀ ସ୍ଥିତ ସ୍ପେସିଆଲ ଜଜ୍ ଭିଜାଲାନ୍ସ ଆଜି ଏହାର ଶୁଣାଣି କରି ଅଭିଯୁକ୍ତ ମଲ୍ଲିକଙ୍କୁ ୪ ବର୍ଷ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ଶୁଣାଇଛନ୍ତି।

# କଣ୍ଟିଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଚିକା ନିଯୁକ୍ତିରେ ଅନିୟମିତତା

**ବୌଦ୍ଧ,୧୨।୧୨(ସମିସ)**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ତଲଗାଁ ପଞ୍ଚାୟତ କଣ୍ଟିଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଚିକା ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ସ୍କୁଲରେ ଦୁଇ ଜଣ ପାଚିକା ରହିବା ସରକାରୀ ନିୟମ ଥିବା ବେଳେ ଦୀର୍ଘ ଦିନ ହେଲା ଜଣେ ପାଚିକାରେ ଚାଲିଥିଲା ମଧ୍ୟାହ୍ନ ଭୋଜନ ରୋଷେଇ। ଏନେଇ ରୋଷେଇରେ ଅସୁବିଧା ହେତୁ ଆଉ ଜଣେ ପାଚିକାଙ୍କୁ ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ବିଜ୍ଞପ୍ତିଅନୁଯାୟୀ, ଗ୍ରାମର ୪ ଜଣ ପ୍ରାର୍ଥୀନୀ ଦରଖାସ୍ତ କରିଥିଲେ। ସେମାନଙ୍କ ମଧ୍ୟରେ କଣ୍ଟିଶ୍ୱର ଗ୍ରାମର ଜଣେ ଆଦିବାସୀ ଶ୍ରେଣୀର ବିଧବା ମହିଳା, ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ପତ୍ନୀ, ଜଣେ ମଧ୍ୟବିତ୍ତ ପରିବାରର ମହିଳା, ଜଣେ ଜମିଦାର ପରିବାରର ମହିଳା ଆବେଦନ କରିଥିଲେ।



ସରକାରୀ ନିୟମ ଅନୁଯାୟୀ, ପ୍ରଥମରେ ଆଦିବାସୀ ବିଧବା ଗରିବ, ନିଃସହାୟ, ସ୍ୱାମୀ ପରିତ୍ୟକ୍ତା, ଏବଂ ଦ୍ୱିତୀୟରେ ଅନୁସୂଚିତ ଜନଜାତି ଓ ସାଧାରଣ ବର୍ଗର ଚୟନ କରିବାର ଥିବା ବେଳେ ଚୟନ ପ୍ରକ୍ରିୟାରେ ସରକାରୀ ନିୟମକୁ ସିଆରସିସି ଉଲଂଘନ କରି ଜଣେ ସ୍ୱଚ୍ଛଳ ମହିଳାଙ୍କୁ ପାଚିକା ଭାବେ ନିଯୁକ୍ତି ଦେଇଥିବା ଅଭିଯୋଗ ହୋଇଛି। ଗତ ନଭେମ୍ବର ୧୦ ତାରିଖରେ ପାଚିକା ନିଯୁକ୍ତି ପାଇଁ ଚୟନ ପ୍ରକ୍ରିୟା କରାଯାଇଥିଲା। ସିଆରସିସି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷକ ଓ ସ୍କୁଲ ଏସଏମ୍‌ସି କମିଟି ସଭ୍ୟ ସଭ୍ୟା ୧୨ ଜଣ ଥିବା ବେଳେ ଚୟନ ପ୍ରକ୍ରିୟାରେ ମାତ୍ର ୫ ଜଣ ଉପସ୍ଥିତ ରହିଥିଲେ। ସରକାରଙ୍କ ନୀତି ନିୟମ ଅନୁସାରେ ଏକ ତୃତୀୟାଂଶ ସଭ୍ୟ ସଭ୍ୟା ରହି ଚୟନ କରିବାର ଥିବା ବେଳେ ୫ ଜଣରେ କିଭଳି ଚୟନ କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇବା ସହ ନିଯୁକ୍ତି ପ୍ରକ୍ରିୟାରେ ପାତରଅନ୍ତର କରାଯାଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଜଣେ ସ୍ୱଚ୍ଛଳ ପରିବାରର ମହିଳାଙ୍କୁ ସ୍କୁଲ କମିଟି ଓ ସିଆରସିସି ମୋଟା ଅଙ୍କର ଲାଞ୍ଚ ନେଇ ଚୟନ କରିଥିବା ନେଇ ଗ୍ରାମବାସୀ ଗତ ନଭେମ୍ବର ୧୧ ତାରିଖରେ ଜିଲ୍ଲାପାଳ ଏବଂ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅନ୍ୟପଟେ ଏହି ଚୟନ ପ୍ରକ୍ରିୟାର ଅନିୟମିତତା ଓ ଲାଞ୍ଚ କାରବାର ହୋଇଥିବାରୁ ପୁନର୍ବାର ଚୟନ କରିବା ପାଇଁ ମଧ୍ୟ ଅଭିଯୋଗରେ ଲିଖିତ ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ଏନେଇ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରାଙ୍କୁ ପଚାରିବାରୁ, ବିଭାଗ ପକ୍ଷରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠି ଓ ବିକିକେଶନ ବେହେରାଙ୍କୁ ଅଭିଯୋଗକୁ ନେଇ ତଦନ୍ତ ପାଇଁ ପଠାଯାଇଥିଲା। ଅନିୟମିତତାର ସମସ୍ତ ତଦନ୍ତ ରିପୋର୍ଟକୁ ଖୁବଶୀଘ୍ର କାର୍ଯ୍ୟକାରୀ କରାଯାଇ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ପଲଶାଗୋରା ଉଚ୍ଚ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସପ୍ତାହ



**ପଲଶାଗୋରା,୧୨।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଂଜୀବ କୁମାର ପ୍ରହରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶୋଭାଯାତ୍ରା ନିକଟସ୍ଥ ନୁଆପଡ଼ା ଗ୍ରାମ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନ ଶିକ୍ଷକ ସଂଜୀବ କୁମାର ପ୍ରହରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାରର ବିପର୍ଯ୍ୟୟ ପରିଚାଳନା ସଂପର୍କିତ ଜୀବନ ଶୈଳୀ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିରେ ଏନର୍ଜି କ୍ଲବ ଇନ୍‌ଚାର୍ଜ ଉମାକାନ୍ତ ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ରଚନା, କୁଇଜ୍ ଓ ଡ୍ରଇଂ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଏନ୍‌ଡିଆରଏଫ ନିରୀକ୍ଷକ ନବକିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଛାତ୍ରୀଙ୍କ ତଣ୍ଟିରେ ଅଟକିଲା ଚିକେନ୍ ହାଡ଼

**ବୌଦ୍ଧ/ହରଭଙ୍ଗା,୧୨।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଚାରିଛକ ପଞ୍ଚାୟତ ହାଇସ୍କୁଲ ଛାତ୍ରୀନିବାସରେ ଶୁକ୍ରବାର ଏକ ଦୁର୍ଭାଗ୍ୟଜନକ ଘଟଣା ଘଟିଛି। ଛାତ୍ରୀ ନିବାସରେ ରହି ପାଠପଢୁଥିବା ଅର୍ଚ୍ଚିତା ବେହେରା ନାମକ ଜଣେ ଦଶମ ଶ୍ରେଣୀ ଅନ୍ତେବାସୀ ସକାଳ ଭୋଜନ ଖାଉଥିବାବେଳେ ଚିକେନ ହାଡ ତାଙ୍କ ତଣ୍ଟିରେ ଅଟକିଯିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ହଷ୍ଟେଲ ଏବଂ ସ୍କୁଲ କର୍ତ୍ତୃପକ୍ଷ ପ୍ରଥମେ ଚାରିଛକ, ପରେ ପୁରୁଣାକଟକ, ବୌଦ୍ଧ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରୁ ଶେଷରେ ତାଙ୍କୁ ବୁର୍ଲା ମେଡିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି। ବର୍ତ୍ତମାନ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ଆଜି ସକାଳେ ଚାରିଛକ ହାଇସ୍କୁଲ ଛାତ୍ରୀ ନିବାସରେ ରହୁଥିବା ଅର୍ଚ୍ଚିତା ବେହେରା ଭାତ, ଚିକେନ ଖାଇ ସ୍କୁଲ ଯିବାର ଥିଲା। ମାତ୍ର ଦୁର୍ଭାଗ୍ୟବଶତଃ ଚିକେନ ଝୋଳରେ ଥିବା ଏକ ହାଡ ଖାଇବାବେଳେ ତାଙ୍କ ତଣ୍ଟିରେ ଅଟକିଯାଇଥିଲା। ଫଳରେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ମେଡିକାଲ ନେଇଥିଲେ। ବର୍ତ୍ତମାନ ସେ ବୁର୍ଲା ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ତାଙ୍କ ସହିତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଏବଂ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଜଣେ ସଂଯୋଜକ



ରହିଛନ୍ତି। ଉକ୍ତ ଛାତ୍ରୀନିବାସରେ ୯୨ଜଣ ଅନ୍ତେବାସୀ ରହି ପାଠପଢୁଥିବା ଜଣାପଡିଛି। ଗୁରୁତର ଛାତ୍ରୀଙ୍କ ଘର ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ ସଞ୍ଜାମୁରା ଗ୍ରାମରେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଚାରିଛକ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀଧର ପ୍ରଧାନଙ୍କୁ ପଚାରିବାରୁ, ବର୍ତ୍ତମାନ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା କହିବା ସହ ସେ ବୁର୍ଲା ମେଡିକାଲରେ ଥିବା ଓ ଶନିବାର ଏଣ୍ଡୋସ୍କୋପି କରିବା ପାଇଁ ଡାକ୍ତର କହିଥିବା ସୂଚାଇଛନ୍ତି।

## କଣ୍ଟାମାଳ ଠିକାଦାର ସଂଘର ବୈଠକ | ବାହାର ଜିଲ୍ଲା ଠିକାଦାରଙ୍କୁ ଟେଣ୍ଡର ପାଇଁ ମନା



**ମନମୁଣ୍ଡା/ଶଗଡ଼ା/କଣ୍ଟାମାଳ,୧୨।୧୨ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଠିକାଦାରମାନଙ୍କ ଏକ ବୈଠକ ଆଜି ମନମୁଣ୍ଡା ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗଠିତ ଏକ ନୂତନ କମିଟିରେ ସଭାପତି ଭାବେ ପୁରନ୍ଦର ବକ୍ସି, ଉପସଭାପତି ଶିବ ନାରାୟଣ ଚୌଳିଆ, ସମ୍ପାଦକ ଅଶୋକ ବାରିକ ଏବଂ କୋଷାଧକ୍ଷ ଭାବେ ଶାନ୍ତନୁ କୁମାର ଥାଟିଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା କମିଟି ସଭ୍ୟ ଭାବେ ଡମ୍ବରୁଧର କହଁର, ବିପ୍ର ଚରଣ ବେହେରା, ରବି ନାରାୟଣ ସାହୁ, ତାପସ ଖଟୁଆ, ସଞ୍ଜୀବ କୁମାର ସାହୁ, ଶିବ ଶଙ୍କର କର୍ଣ୍ଣ, ରାଜେନ୍ଦ୍ର କୁମାର ମେହେର, ସୁଧୀର ମହାକୁଡ, ଗଣେଶ୍ୱର ପାତ୍ର, ପ୍ରଫୁଲ୍ଲ ପଟ୍ଟନାୟକ, ସରୋଜ ତ୍ରିପାଠୀ (ଟିଙ୍କୁ), ଗଣେଶ୍ୱର କର୍ଣ୍ଣ, ଯଶୋବନ୍ତ ସାହୁ, ରବି ନାରାୟଣ ପଣ୍ଡା, ଅଶୋକ ସିଂହ, ରଞ୍ଜିତ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ଠିକାଦାରଙ୍କ ସମସ୍ୟା, ଜିଲ୍ଲାରେ ହେଉଥିବା କାମଧାମ ଓ କାମର ମାନ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାର ସବୁଠୁ ଛୋଟ ଜିଲ୍ଲା ବୌଦ୍ଧରେ ଯେତେ ଉନ୍ନୟନ କାମ ହେବା କଥା ସେତେ ହେଉ ନ ଥିବା, ଯେତେ ସଂଖ୍ୟକ ଠିକାଦାର ଅଛନ୍ତି ସେମାନଙ୍କୁ ଠିକ୍ ଭାବେ କାମ ମିଳୁ ନ ଥିବା ଇତ୍ୟାଦି ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଅନ୍ୟ ଜିଲ୍ଲାର ଠିକାଦାରମାନେ ବୌଦ୍ଧ ଜିଲ୍ଲାରେ ଅନେକ ଠିକା କାମ କରି ଆସୁଥିବାରୁ ସ୍ଥାନୀୟ ଠିକାଦାର କାମ ନ ପାଇ ହନ୍ତସନ୍ତ ଓ ଦୟନୀୟ ଜୀବନଯାପନ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବାହାର ଜିଲ୍ଲାର ଠିକାଦାର ବୌଦ୍ଧ ଜିଲ୍ଲାର କୌଣସି କାମ ତଥା ପ୍ରକଳ୍ପ ପାଇଁ ଟେଣ୍ଡର ନ ପକାଇବାକୁ ତଥା କାମ ନ କରିବାକୁ କଣ୍ଟାମାଳ ଠିକାଦାର ସଂଘ ତରଫରୁ ଅନୁରୋଧ କରାଯାଇଛି। ନିଜ ଠିକାଦାର ଭାଇଙ୍କୁ ଏ କ୍ଷେତ୍ରରେ ସହଯୋଗ କରିବାକୁ ନିବେଦନ କରାଯାଇଛି। ଏହା ବ୍ୟତୀତ ସ୍ଥାନୀୟ ଠିକାଦାରମାନେ ନିଜ ଅଞ୍ଚଳ ରେ ଯେଉଁ ସବୁ କାମ କରିବେ ତାହାର ମାନ ଯେପରି ଠିକ୍ ରହିବ ସେ ଉପରେ ଧ୍ୟାନ ଦିଆଯିବ ଏବଂ ସମସ୍ତ ଠିକାଦାର ଭାଇଚାରା ରଖି ପରସ୍ପରକୁ ଅସୁବିଧା ସମୟରେ ସାହାଯ୍ୟ ସହଯୋଗ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଖଟଖଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ମଜାକଥା ଓ ବଣଭୋଜି

**ମନମୁଣ୍ଡା,୧୨।୧୨(ସମିସ):** ଖଟଖଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ମଜାକଥା ଓ ବଣଭୋଜି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଟଂକୁ ଅମାତଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶତପଥି ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସମୀର କୁମାର ପ୍ରଧାନ ସଂଯୋଜନା କରିଥିବା ବେଳେ ମୁଖ୍ୟଅତିଥିଭାବେ କଣ୍ଟାମାଳ ବିଇଓ ଅଶୋଭ ରଂଜନ ମାଳି, ସମ୍ମାନିତ ଅତିଥିଭାବେ ଏବିଇଓ ଦୁର୍ଗାଚରଣ ପ୍ରଧାନ, ନୀଳମଣୀ ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ବସ୍ତିଆ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ବିଶ୍ୱଜିତ ବସ୍ତିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଶିଶୁମାନଙ୍କୁ ପରିବେଶର ସୁରକ୍ଷା, ବୃକ୍ଷରୋପଣ, ମୃତ୍ତିକା ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ, ବିଦ୍ୟାଳୟର ସ୍ୱଚ୍ଛତା ଉପରେ ଆଲୋପାତ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ପରିବାର ସଦସ୍ୟ କିପରି ବୃକ୍ଷ ରୋପଣ କରିବେ ସେ ସମ୍ପର୍କରେ ମୁଖ୍ୟଅତିଥି ବିଇଓ ଶ୍ରୀ ମାଳି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୁରେନ୍ଦ୍ର କମ୍ପ, ନୃପମଣି ମହାଳିକ, ସ୍ନେହପ୍ରଭା ମହାପାତ୍ର ବନୀତା ମେହେର, ଦିପ୍ତିମୟୀ ବୈଠାରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ମଜା କଥା ଓ କଥାନୀ କହିଥିବା ବେଳେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତ୍ରିଲୋଚନ ଡାଙ୍ଗ, ଛାତ୍ର ଦୁର୍ବାଦଳ ଅମାତ, ରୀତିକ ବସ୍ତିଆ, ଶିବୁ ଆଡଜୁଆଳି, ଅଜିତ ନାଏକ, ଶ୍ରେୟରଣୀ ପାଢ଼ୀ, ଧରତୀ ବସ୍ତିଆ, ରୁବି ବସ୍ତିଆ ସହଯୋଗ କରିଥିଲେ।




## ସରସ୍ୱତୀ ଶିଶୁ ମନ୍ଦିରରେ ସ୍ୱଦେଶୀ ଉତ୍ସବ

**ବୌଦ୍ଧ,୧୨।୧୨(ସମିସ):** ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସ୍ୱଦେଶୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରଘୁନାଥ ଷଡ଼ଙ୍ଗୀ ଉପସ୍ଥିତ ରହି ଶିକ୍ଷାର୍ଥୀମାନଙ୍କୁ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ସହ ଅନ୍ୟମାନଙ୍କୁ ବ୍ୟବହାର କରିବା ପାଇଁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ନରେନ୍ଦ୍ର ମହାକୁଳ, ଦେବାଶିଷ ବେହେରା ମାର୍ଗଦର୍ଶନ କରିଥିଲେ। ପିଲାମାନେ ଘରେ ବ୍ୟବହାର କରୁଥିବା ସ୍ୱଦେଶୀ ଦ୍ରବ୍ୟର ଖୋଳକୁ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀକୁ ସମସ୍ତ ଶିଶୁ ପରିଦର୍ଶନ କରିଥିଲେ। ତିନି ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ନିର୍ବାଚନୀୟ ସଚେତନତା କ୍ଲବ୍ ଉଦ୍‌ଘାଟିତ

**ବୀରମହାରାଜପୁର,୧୨।୧୨(ସମିସ):** ବୀରମହାରାଜପୁର ମହାବିଦ୍ୟାଳୟରେ ନିର୍ବାଚନୀୟ ସଚେତନତା କ୍ଲବ୍



ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଶୁଭମ ଶୁଭାଶିଷ ଶତପଥି ମୁଖ୍ୟ ଅତିଥି, ଆସିଷ୍ଟାଣ୍ଟ କଲେକ୍ଟର ଅଜିତ ମିର୍ଦ୍ଧା ଓ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଶିବ କୁମାର ପୁରୋହିତ ସମ୍ମାନିତ ଅତିଥି ଏବଂ ନନ୍ଦୀ କିଶୋର ନାୟକ ବୈଷୟିକ ବିଶେଷଜ୍ଞ ଭାବରେ ଯୋଗଦେଇ ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି କ୍ଲବର ଉଦ୍ଦେଶ୍ୟ ଏବଂ ଅଧିକ ମତଦାନ କ୍ଷେତ୍ରରେ ଏହାର ଭୂମିକା ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପକ ନରେନ୍ଦ୍ର ଝା ସଭା ପରିଚାଳନା ଓ ଅଧ୍ୟାପକ ସ୍ମୃତି ରଞ୍ଜନ ଭରାସାଗର ଧନ୍ୟବାଦ ଅର୍ପଣ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ଦୁଇ ହାଇୱା ମଧ୍ୟରେ ଧକ୍କା; ଚାଳକ ଗୁରୁତର

**ବୌଦ୍ଧ,୧୨।୧୨(ସମିସ):** ପୁରୁଣା କଟକ ଥାନା ଲକ୍ଷ୍ମଣପୁର ନିକଟରେ ଦୁଇଟି ହାଇୱା ମଧ୍ୟରେ ଧକ୍କା ହେବା ଫଳରେ ଗୋଟିଏ ହାଇୱା ୧୦ ଫୁଟ ତଳକୁ ଖସି ଓଲଟି ଯାଇଥିଲା। ଫଳରେ ହାଇୱା ଚାଳକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚାରିଛକ ଶୀତଳପାଣି ପୂର୍ତ୍ତ ରାସ୍ତାର ଲକ୍ଷ୍ମଣପୁର ନିକଟ ବୁଲାଣିରେ ଛତ୍ରଙ୍ଗ ପଟୁ ଓଡି୨୭ଡି୨୫୦୩ ନଂ ଥିବା ହାଇୱା ଚାରିଛକ ଅଭିମୁଖେ ଆସୁଥିବା ବେଳେ ଚାରିଛକ ପଟୁ ଓଡି୧୫ଏଡି୬୯୫୨ ନଂ ଥିବା ହାଇୱା ସହ ଧକ୍କା ହୋଇଥିଲା। ଚାରିଛକ ପଟକୁ ଆସୁଥିବା ହାଇୱାରେ ଚିପ୍ସ ବୋଝେଇ ହୋଇଥିବାରୁ ଖାଲିଥିବା ହାଇୱା ଭାରସାମ୍ୟ ହରାଇ ୧୦ଫୁଟ ରାସ୍ତା ତଳକୁ ଖସି ଓଲଟି ପଡିଥିଲା। ଗୁରୁତର ଚାଳକଙ୍କୁ ଡାକ୍ତରଖାନାକୁ ପଠାଯାଇଥିଲା। ଘଟଣା ସ୍ଥଳରେ ପୁରୁଣାକଟକ ଥାନା ପୋଲିସ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।

# ଲୁଡୁରପଙ୍କ କ୍ରିକେଟ କପ୍‌ର ଟସ୍ ଲକିଂ ଉତ୍ସବ

**ବୀରମହାରାଜପୁର,୧୨।୧୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ସ୍ଥିତ ହାଇସ୍କୁଲ ପଡିଆରେ ଡିସେମ୍ବର ୨୧ ତାରିଖରେ ସ୍ଥାନୀୟ ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ଶ୍ରେଷ୍ଠ ଆଠୋରଟି ଦଳ ସମେତ ଦୁଇଟି ମହିଳା କ୍ରିକେଟ ଦଳ ଅଂଶ ଗ୍ରହଣ କରିଛନ୍ତି। ଏଥିପାଇଁ ଏହାର ଟଏସ ଲକିଙ୍ଗ ଉତ୍ସବ ଲୁଡୁରପଙ୍କରେ ଅନୁଷ୍ଠିତ ହୋଇଯାଇଛି।



ଆୟୋଜକ ସଭାପତି ସୁଶିଲ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ୍ ଉପାଧକ୍ଷ ନାରାୟଣ ଲୁହା, ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ଗ୍ରାମ୍ୟ ପରିଚାଳନା କମିଟିର ସଭାପତି କଳ୍ପତରୁ ମହାକୁର, ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମ ସୁନ୍ଦର ପଣ୍ଡା, ଆୟୋଜକ ଅନୁଷ୍ଠାନର ଆଇନ ପରାମର୍ଶଦାତା ରାଧାକାନ୍ତ ବାଘ, ଶିଶୁ ରୋଗ ବିଶେଷଜ୍ଞ ଡା. ଆକାଶ ଅଗ୍ରୱାଲା, ଯୁବ ସଂଗଠକ ଶୁଭମ ଭୋଇ, ବ୍ୟବସାୟୀ ସଞ୍ଜୟ ବଡ଼ପଣ୍ଡା, ଶିକ୍ଷାବିତ ରମଣ ପଧାନ, କ୍ରୀଡାବିତ ଅଭିଷେକ ନାୟକ, ସୁଶିଲ ଅମାତ, ପ୍ରକାଶ ମହାକୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରିଡ଼ାବାର୍ତ୍ତା ପ୍ରଦାନ କରିଥିଲେ। ମହିଳା କ୍ରିକେଟ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ପୀତାମ୍ବର ସାହୁ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ। ଚଳିତ ବର୍ଷ ଏହି କ୍ରିକେଟ କପ୍‌ରେ ଏସଡିସିଏ ସୁବର୍ଣ୍ଣପୁର, ସ୍ୱାର୍ଟନ ଭୁବନେଶ୍ୱର, ବିଶ୍ୱଭାରତୀ କଟକ, ଏନଏନଏସ ପ୍ରାୟାଗରାଜ, ବାଙ୍ଗାଲୋର ସିଟି -୧୧ କର୍ଣ୍ଣାଟକ, ବକାରୋ ଚ୍ୟାଲେଞ୍ଜ ଝାଡ଼ଖଣ୍ଡ, ବିସିଏ ଭାଗଲପୁର ବିହାର ଓ ବିରାଟ କ୍ରିକେଟ କ୍ଲବ କୋଲକତା ଆଦି ଦଳ ଅଂଶ ଗ୍ରହଣ କରୁଛନ୍ତି। ଏହା ସହିତ ଏହାର ଉଦ୍‌ଘାଟନୀ ଦିବସରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚର ଆୟୋଜନ କରାଯାଇଛି। ଏହି ମହିଳା କ୍ରିକେଟ ମ୍ୟାଚ୍ ଶ୍ରୀଲତା କ୍ରିକେଟ ଏକାଡେମୀ କୋଲକତା ଓ ବିଦ୍ୟାସଗର କ୍ରିକେଟ ଏକାଡେମୀ ଝାଡ଼ଖଣ୍ଡ ମଧ୍ୟରେ ହେବ। ଡିସେମ୍ବର ୨୮ ତାରିଖରେ ଏହାର ଫାଇନାଲ ମ୍ୟାଚ୍ ହେବ। ପ୍ରତ୍ୟେକ ମ୍ୟାଚ୍‌କୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଖେଳ ପରିଚାଳନା କରିବେ ବୋଲି ଆୟୋଜକ ସଭାପତି ସୂଚନା ଦେଇଥିଲେ। ପ୍ରତ୍ୟେକ ମ୍ୟାଚ୍ ଟି୨୦, ଟି୧୦ ଓ ସୁପର ୨ ବିଶିଷ୍ଟ ହେବାର ସ୍ଥିର ହୋଇଥିବା ସଭାରେ ସୂଚନା ଦିଆଯାଇଥିଲା। ଚାମ୍ପିଅନ୍ ଦଳକୁ ନଗଦ ୬୦ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ନଗଦ ୪୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ଏହା ସହିତ ପ୍ରତ୍ୟହ ମ୍ୟାନ ଅଫ ଦି ମ୍ୟାଚ୍, ମ୍ୟାଚ ଶ୍ରେଷ୍ଠ, ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ବ୍ୟାଟର ଭଳି ଅନେକ ପୁରସ୍କାର ରହିଛି ବୋଲି ସୂଚନା ଦିଆଯାଇଛି।

ଏହି ଅବସରରେ ଏହି କ୍ରିକେଟ କପ୍‌ରେ ଅଂଶ ଗ୍ରହଣ କରୁଥିବା ଦଶଟି ଦଳକୁ ଲଟେରୀ ମାଧ୍ୟମରେ ଦଶ ଜଣ ଓନରଙ୍କୁ ଚୟନ କରାଯାଇଛି। ଆୟୋଜକ କ୍ଲବ୍‌ର ସମ୍ପାଦକ ମାଧବ ମହାକୁର ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ପ୍ରଭୁଦତ୍ତ ବେଦୋକ୍ତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ଉପସଭାପତି ଟୁଟୁ ମହାକୁର, ସହସମ୍ପାଦକ ଆଶିଷ ମହାକୁର, ବରିଷ୍ଠ ସଭ୍ୟ ସୁଧୀର ପ୍ରଧାନ, ଶଶାଙ୍କ ପ୍ରଧାନ, ସତ୍ୟଜିତ ମହାକୁର, ପ୍ରକାଶ ଘଣ୍ଟା, ରାଧାମାଧବ ବେହେରା, ରାଧାଗୋବିନ୍ଦ ବେହେରା, ପୃଥ୍ୱୀରାଜ ମହାକୁର, ସୁନୀଲ ପ୍ରଧାନ, ପ୍ରମୋଦ ବେଦୋକ୍ତା ପ୍ରମୁଖ ସହଯୋଗ କରିଥିଲେ।

## ଜନ କଲ୍ୟାଣ ସୋସିଆଲ୍ ଫାଉଣ୍ଡେସନ୍ ପକ୍ଷରୁ ପ୍ରତିଯୋଗିତା

**ଶଗଡା,୧୨।୧୨(ସମିସ):** ଶୁକ୍ରବାରି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଯୋଗିନ୍ଦ୍ରପୂର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜନ କଲ୍ୟାଣ ସୋସିଆଲ ଫାଉଣ୍ଡେସନ୍ ପକ୍ଷରୁ ଚାଲିଥିବା 'ସଂବିଧାନ ସେ ଗଣତନ୍ତ୍ର ତକ ପ୍ରତିଭା ସମ୍ମାନ-୨୦୨୫' ଅଭିଯାନ ଅଧିନରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରବନ୍ଧ, ଚିତ୍ରାଙ୍କନ, ଭାଷଣ ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମୁଦାୟ ୨୪ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧରେ ମିନାକ୍ଷୀ ପାଢ଼ୀ, ଚିତ୍ରାଙ୍କନରେ ଅଭିଲାଷ ଗେଜ, ଭାଷଣରେଓଗୀତରେଲୋଭଲୀଜେନା ପ୍ରଥମ ସ୍ଥାନ ଅଧିକାର କରି ଜାନୁୟାରୀ ୨୬ରେ ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମଟି ଜାତୀୟ ସଙ୍ଗୀତ ପରିବେଷଣ ସହ ସମାପ୍ତ ହୋଇଥିଲା।

ଟ୍ରକ୍ ମାଲିକ ସଙ୍ଘରେ ବିବାଦ

## କାର୍ଯ୍ୟାଳୟରେ ତାଲା ପକାଇଲେ ସଦସ୍ୟ

**ବୌଦ୍ଧ,୧୨।୧୨(ସମିସ):** ବୌଦ୍ଧ ଜିଲ୍ଲା ଟ୍ରକ୍ ମାଲିକ ସଙ୍ଘରେ ବିଭିନ୍ନ ଅବ୍ୟବସ୍ଥା ଓ କର୍ମକର୍ତ୍ତାଙ୍କ ମନମୁଖି କାର୍ଯ୍ୟକୁ ନେଇ ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଗୁରୁବାର ସନ୍ଧ୍ୟାରେ କିଛି ସଦସ୍ୟ ସଂଘର କାର୍ଯ୍ୟକଳାପ ଉପରେ ଅସନ୍ତୋଷ ପ୍ରକାଶ କରି ଷ୍ଟେଟ୍ ବ୍ୟାଙ୍କ ନିକଟରେ ଏକ ଗୋଷ୍ଠୀ କେନ୍ଦ୍ରରେ ଚାଲିଥିବା କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଶୁକ୍ରବାର ମଧ୍ୟ ପ୍ରତିବାଦ ଜାରି ରହିଛି। ମାଲ ପରିବହନ ଓ ଭଡା ଆବଣ୍ଟନରେ ପାତର ଅନ୍ତର କରାଯାଉଥିବା, ସଂଘର ବିଭିନ୍ନ ଘଟଣାରେ ସଦସ୍ୟମାନଙ୍କୁ ଅନ୍ଧାରରେ ରଖାଯାଉଥିବାରୁ ଏଭଳି ପ୍ରତିବାଦ କରାଯାଉଥିବା ବରିଷ୍ଠ ସଦସ୍ୟ ଅଜୟକୁମାର ପଣ୍ଡା କହିଛନ୍ତି।



ସକାଳ
THE SAKALA



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୨୫ ● ପାଉଣ୍ଡ ୧୨୧.୯୧
- ୟୁରୋ ୧୦୬.୫୯ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୩,୧୨୩ (ଭୁବନେଶ୍ୱର)
- ରୁପା : ୨,୧୩,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୨୬୭.୦୦
- ନିଫ୍ଟି ୨୬,୦୪୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବାସୁମତୀ ଆଗରେ 'ଟେକ୍ସମତୀ' ଫେଲ୍

## ପୁଣି ଟ୍ରମ୍ପ୍ ଦେଲେ ଅତିରିକ୍ତ ଟାରିଫ୍ ଧମକ

ୱାଶିଂଟନ୍,୧୨।୧୨(ଏଜେନ୍ସି): ଭାରତୀୟ ବାସମତୀ ଚାଉଳର ସୁଗନ୍ଧ ଓ ଚାହିଦା ସାରା ବିଶ୍ୱରେ ରହିଛି। ତେବେ ଆମେରିକାରେ ମଧ୍ୟ ବାସୁମତୀ ଚାଉଳର ଚାହିଦା ଅଧିକ। ଆମେରିକା ଏହାର ଆମଦାନୀ ହ୍ରାସ କରିବା ଏବଂ ସେଠାକାର ବଜାରରେ ଭାରତୀୟ ବାସମତୀର ମୁକାବିଲା ନିମନ୍ତେ ୧୯୮୦ ଦଶକରେ 'ଟେକ୍ସମତୀ' ନାମରେ କପି ଚାଉଳ ପଉତ୍ପାଦନ କରିଥିଲା। ହେଲେ ଦୀର୍ଘ ବର୍ଷ ପରେ ମଧ୍ୟ ଏହି ଆମେରିକୀୟ ହାଇବ୍ରିଡ ଚାଉଳ ଭାରତୀୟ ବାସମତୀର ସମକକ୍ଷ ହୋଇପାରିନି। ଆଜି ପରିସ୍ଥିତି ଏପରି ଯେ ଆମେରିକୀୟ ଚାଷୀ ଚାପରେ ଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ଚାଉଳ ଉପରେ ଅତିରିକ୍ତ ଟାରିଫର ଚେତାବନୀ ଦେଇ ନୂଆ ବିବାଦ ଛିଡା କରିଛନ୍ତି।

ସମ୍ପ୍ରତି, ଡୋନାଲ୍ଡ ଟ୍ରମ୍ପ ଅନ୍ୟ ଦେଶରୁ ଆସୁଥିବା ଚାଉଳ ଉପରେ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ। ଏଥିରେ ଆମେରିକାକୁ ସବୁଠାରୁ ବଡ଼ ଚାଉଳ ଯୋଗାଣକାରୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ ଭାରତ ସବୁଠାରୁ ଅଧିକ ପ୍ରଭାବିତ ହୋଇପାରେ। ଭାରତ ପୂର୍ବରୁ ଆମେରିକାର ଗହମ ସହାୟତା ଉପରେ ନିର୍ଭର କରୁଥିଲା ଏବଂ ବର୍ତ୍ତମାନ ଏହାର ସବୁଠାରୁ ବଡ଼ ଚାଉଳ ଯୋଗାଣକାରୀ। ଯଦିଓ ଆମେରିକା 'ଟେକ୍ସମତୀ' ଏବଂ ଜସମତୀ ପରି କିସମ




୮୦ ଦଶକରେ ହାଇବ୍ରିଡ ଚାଉଳ 'ଟେକ୍ସମତୀ' ପ୍ରସ୍ତୁତ ହୋଇଥିଲା

ଚାଷ କରି ଚାଉଳ ଆମଦାନୀ ହ୍ରାସ କରିବାକୁ ଚେଷ୍ଟା କରିଥିଲା, ଏହି କିସମଗୁଡ଼ିକ ଭାରତୀୟ ବାସୁମତୀ ସହିତ ପ୍ରତିଯୋଗିତା କରିପାରିଲା ନାହିଁ।

ଆମେରିକାର ଟେକ୍ସାସ-ଭିତ୍ତିକ କମ୍ପାନୀ ରାଇସଟେକ୍ ଆମେରିକୀୟ ଲମ୍ବା-ଦାନା ଚାଉଳକୁ ବାସୁମତୀ ସହିତ ମିଶ୍ରଣ କରି ଏକ ହାଇବ୍ରିଡ୍ ଚାଉଳ କିସମ ବିକଶିତ କରିଥିଲା। ଲକ୍ଷ୍ୟ ଥିଲା ବାସୁମତୀ ପରି ସୁଗନ୍ଧ ଏବଂ ଆମେରିକୀୟ ଜଳବାୟୁ ପରିସ୍ଥିତିରେ ବଢ଼ିପାରୁଥିବା ଲମ୍ବା ଶସ୍ୟ ସହିତ ଚାଉଳ ସୃଷ୍ଟି କରିବା। ଏହାକୁ ‹ଟେକ୍ସମତୀ› ନାମ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, ଆମେରିକା ଜସମତୀ ଚାଉଳ ପ୍ରଚଳନ କରିଥିଲା। ବାସମତିର ଆକୃତି ଥାଇ ଜସମତୀ ଚାଉଳର ସୁଗନ୍ଧ ସହିତ ମିଶ୍ରଣ କରିଥିଲା, କିନ୍ତୁ ଏହା ମଧ୍ୟ ବିଫଳ ହୋଇଥିଲା। ଏହାକୁ ରୋଷେଇ କଲେ ସ୍ୱାଦ ଓ ସୁଗନ୍ଧରେ ମୂଳ ବାସମତୀ ଚାଉଳ ସମକକ୍ଷ ହୋଇ ପାରୁନି। ଏଣୁ ଆମେରିକୀୟ ଉପଭୋକ୍ତା ଧିରେ ଧିରେ ପୁଣି ଭାରତୀୟ ବାସମତୀକୁ ଫେରି ଆସିଥିଲେ। ଏଣୁ ଆମେରିକୀୟ ବଜାରରେ ଭାରତୀୟ ବାସମତୀର ଚାହିଦା ପାଖାପାଖି ୮୫% ପର୍ଯ୍ୟନ୍ତ ରହିଛି।

ଏବେ ବାସମତୀର ବଢୁଥିବା ଲୋକପ୍ରିୟତା ଆମେରିକୀୟ ଚାଷୀଙ୍କ ଉପରେ ଚାପ ପକାଉଛି। ଅନେକ ମିଲ୍ ମାଲିକ ବିଦେଶୀ ଚାଉଳ ଆମେରିକା ଉତ୍ପାଦିତ ଚାଉଳର ବଜାର ଅଂଶ କମାଉଥିବାର ଅଭିଯୋଗ କରିଛନ୍ତି। ଏହାପରେ ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଚାଉଳ ଉପରେ ଅତିରିକ୍ତ ଶୁଳ୍କ ଲଗାଇବାକୁ ଚେତାବନୀ ଦେଇଛନ୍ତି। ଏହାଛଡା ଟ୍ରମ୍ପ ଆମେରିକୀୟ ଚାଷୀଙ୍କ ଲାଗି ୧୨ ବିଲିୟନ ଡଲାରର ଆର୍ଥିକ ପ୍ୟାକେଜ୍ ଯୋଜନା ମଧ୍ୟ ଘୋଷଣା କରିଛନ୍ତି। ତେବେ ବିଶେଷଜ୍ଞଙ୍କ ଅନୁସାରେ ଆମେରିକୀୟ ଟାରିଫର ଭାରତୀୟ ବାସମତୀ ଉପରେ ଆଂଶିକ ପ୍ରଭାବ ରହିବ। କାରଣ ଆମେରିକାକୁ ମାତ୍ର ୩% ଭାରତୀୟ ଚାଉଳ ରପ୍ତାନୀ ହେଉଛି। ଏହାଛଡା ଭାରତୀୟ ଚାଉଳର ମୁଖ୍ୟ ଆମଦାନୀକାରୀ ଉପସାଗରୀୟ ଦେଶ। ଏଥିରେ ଏବେ ଆଫ୍ରିକା ବଜାର ନୂଆ କରି ଯୋଡିହୋଇଛି। ଏଣୁ ଟ୍ରମ୍ପ୍ ପ୍ରଶାସନ ଟାରିଫ ବଢାଇଲେ ଆମେରିକୀୟ ଉପଭୋକ୍ତା ପ୍ରଭାବିତ ହେବେ ଓ ଦେଶରେ ଭାରତୀୟ ରପ୍ତାନୀ ଚାଉଳର ମୂଲ୍ୟ ବଢିବ। ତେବେ ଏଥିରେ ଭାରତୀୟ ରପ୍ତାନୀକାରୀ ପ୍ରଭାବିତ ହେବେନାହିଁ।

## ଓମ୍‌ଫେଡ୍‌କୁ 'ଟ୍ରଷ୍ଟ ବ୍ରାଣ୍ଡ ଅଫ୍ ଦି ଓଡ଼ିଶା' ଆୱାର୍ଡ




ଭୁବନେଶ୍ୱର,୧୨।୧୨(ସମିସ): ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍)କୁ ମିଳିଲା ଟ୍ରଷ୍ଟ ବ୍ରାଣ୍ଡ ଅଫ୍ ଦ ଓଡିଶା ସମ୍ମାନ। ଭୁବନେଶ୍ୱରଠାରେ ଆୟୋଜିତ ଆତ୍ମନିର୍ଭର ଓଡିଶା ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀକୁ ଏହି ପୁରସ୍କାର ମିଳିଛି। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଓ ଡେପୁଟି ମ୍ୟାନେଜର ଡାକ୍ତର ବିଶ୍ୱରଞ୍ଜନ ତ୍ରିପାଠୀ ମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସ୍ୱୀକୃତି ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କ କଠୋର ପରିଶ୍ରମ ଏବଂ ଅଗଣିତ ଗ୍ରାହକଙ୍କର ଭଲ ପାଇବାର ପ୍ରତୀକ। ଓମ୍‌ଫେଡ୍ ରାଜ୍ୟର କୋଟି କୋଟି ଲୋକଙ୍କ ନିକଟରେ ପହଞ୍ଚିପାରିଥିବାରୁ ସେମାନଙ୍କ ନିକଟରେ ଆମେ କୃତଜ୍ଞ ବୋଲି ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ପ୍ରଧାନୀ କହିଛନ୍ତି। ଏହି ସମ୍ମାନ ଓ ଶ୍ରେୟ ଓମ୍‌ଫେଡ୍‌ର ଲକ୍ଷ ଲକ୍ଷ ଚାଷୀ, ଅଗଣିତ ଗ୍ରାହକ ଏବଂ କଠୋର ପରିଶ୍ରମ କରୁଥିବା କର୍ମଚାରୀଙ୍କର ବୋଲି ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି।

## କଟକରେ ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀର ନୂତନ ଷ୍ଟୋରର ଶୁଭାରମ୍ଭ

କଟକ,୧୨।୧୨(ସମିସ): ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ, କଟକରେ ଏହାର ଦ୍ୱିତୀୟ ଷ୍ଟୋର ଖୋଲିଛି। ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ରିଟେଲ ଅଭିଜ୍ଞତା ପ୍ରଦାନ କରିବା ପାଇଁ କଟକର ନୂତନ ଇନ୍ଦ୍ରିୟା ଷ୍ଟୋରକୁ ପ୍ରସ୍ତୁତ କରାଯାଇଛି। ଏଠାରେ ବ୍ରାଇଡାଲ୍ ଲାଉଞ୍ଜ୍ ଏବଂ ବିଶେଷ କାରିଗରୀ କକ୍ଷ ସହିତ ୨୮,୦୦୦ରୁ ଅଧିକ ସୁନ୍ଦର ଡିଜାଇନ୍‌ର ବିଶାଳ କଲେକ୍ସନ ରହିଛି। ଏହି ଶୁଭାରମ୍ଭ ଅବସରରେ ଫ୍ରାଞ୍ଚାଇଜ ସଞ୍ଜୀବ ହଂସ, ସଙ୍ଗୀତା ହଂସ, ଇନ୍ଦ୍ରିୟା ରିଟେଲ ମୁଖ୍ୟ ଅମିତ ଧରପ, ଇନ୍ଦ୍ରିୟା ଫ୍ରାଞ୍ଚାଇଜ ମୁଖ୍ୟ ଗୌରବ କୁମାର, ଇଷ୍ଟର ଆଂଚଳିକ ବ୍ୟବସାୟ ମ୍ୟାନେଜର ଦୀପଞ୍ଜନ ସେନଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଇନ୍ଦ୍ରିୟାର ସିଇଓ ସନ୍ଦୀପ କୋହଲି କହିଛନ୍ତି, ଆମର ସମ୍ପ୍ରସାରଣ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଭୁବନେଶ୍ୱରରେ ଆମର ପ୍ରଥମ ଷ୍ଟୋର ପ୍ରତି ସକାରାତ୍ମକ ପ୍ରତିକ୍ରିୟା ପ୍ରକୃତରେ ପ୍ରେରଣାଦାୟକ ହୋଇଛି। କଟକରେ ଆମର ଦ୍ୱିତୀୟ ଷ୍ଟୋରର ଶୁଭାରମ୍ଭ କେବଳ ଓଡ଼ିଶାରେ ନୁହେଁ ବରଂ ପୂର୍ବାଞ୍ଚଳରେ ଇନ୍ଦ୍ରିୟାର ଉପସ୍ଥିତିକୁ ଆହୁରି ସୁଦୃଢ କରିବ।



## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଟାଟା ସିଆରା

ମୁମ୍ବଇ,୧୨।୧୨: ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ (ଟିଏମ୍‌ପିଭି) ନୂତନ ପ୍ରବେଶକାରୀ ଟାଟା ସିଆରା ୧୨ ଘଣ୍ଟା ମଧ୍ୟରେ ସର୍ବାଧିକ ଇନ୍ଧନ ଦକ୍ଷତା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପ୍ରବେଶ କରି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ନାଟ୍ରାକ୍ସ ଇନ୍ଦୋରରେ ଏକ ସାର୍ଟିଫିକେଟ୍ ରନ୍‌ରେ ସିଆରା ପୂର୍ବ ଜାତୀୟ ମାନଦଣ୍ଡକୁ ଅତିକ୍ରମ କରି ୨୯.୯ କିମିର ବିତରଣ କରିଥିଲା। ପିକ୍ସେଲ ମୋସନ ଦଳ ଦ୍ୱାରା ଏହି କୀର୍ତ୍ତିମାନ କାର୍ଯ୍ୟକାରୀ କରାଯାଇଥିଲା, ଯିଏ ନଭେମ୍ବର ୩୦ରେ ସକାଳ ୭ରୁ ରାତି ୭ ପର୍ଯ୍ୟନ୍ତ ୧.୫ଲିଟର ହାଇପରିଅନ୍ ଚାଳିତ ସିଆରାକୁ ଚଲାଇଥିଲା। ଏହି ସଫଳତାର ମୂଳରେ ହେଉଛି ସର୍ବ ନୂତନ ୧.୫ ଲିଟର ହାଇପରିଅନ୍ ପେଟ୍ରୋଲ୍ ଇଞ୍ଜିନ୍, ବିଶୋଧନ, କାର୍ଯ୍ୟଦକ୍ଷତା କିମ୍ବା ଡ୍ରାଇଭିବିଲିଟିକୁ ସାମ୍ନା ନ କରି ଉଚ୍ଚ ଦକ୍ଷତା ପ୍ରଦାନ କରିବାକୁ ଇଞ୍ଜିନିୟରିଂ। ଏହାର ଉନ୍ନତ ଜାଳେଣି ପ୍ରଣାଳୀ, ଟର୍କ-ସମୃଦ୍ଧ କାର୍ଯ୍ୟଦକ୍ଷତା ବ୍ୟାଣ୍ଡ ଏବଂ ଘର୍ଷଣ-ଅପ୍ଟିମାଇଜ୍ ସ୍ଥାପତ୍ୟ କ୍ରମାଗତ ଇନ୍ଧନ ବିତରଣ ଏବଂ ଚାଲିବା ସମୟରେ ସ୍ଥିର କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରେ।

## ସବୁ ରେକର୍ଡ ଭାଙ୍ଗିଲା ସୁନା, ରୁପା ଦର

### ୧୦ ଗ୍ରାମ ପିଛା ୧.୩୪ ଲକ୍ଷ ଟପିଲା; ରୁପା କିଲୋ ୨.୧୩ ଲକ୍ଷ

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଘରୋଇ ବଜାରରେ ଥମୁନି ସୁନା ଓ ରୁପା ଦର ବୃଦ୍ଧି। ଏଥିରେ ବଜାରରେ ଉପରମୁହାଁ ସୁନା ଓ ରୁପା ଦର। ଦର ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ପ୍ରଥମ ଥର ପାଇଁ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୩୪ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଆମେରିକୀୟ ଫେଡେରାଲ ରିଜର୍ଭ ସୁଧ ହାରରେ ହ୍ରାସ ଘଟାଇବା ପାରେ ଭାରତୀୟ ବଜାରରେ ରେକର୍ଡ ବେଗରେ ବଢୁଛି ସୁନା ଓ ରୁପା ଦର। ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୨.୧୩ ଲକ୍ଷ ଟଙ୍କା ଅତିକ୍ରମ କରିଛି।

ଗତ କିଛି ବର୍ଷ ମଧ୍ୟରେ ଦେଶରେ ସୁନା ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘଟିଛି। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସୁନା ମୂଲ୍ୟ ପ୍ରାୟ ୫୦% ବୃଦ୍ଧି ପାଇଛି, ଯାହା ନିଫ୍ଟି ସୂଚକାଙ୍କ ଏବଂ ଅନ୍ୟାନ୍ୟ ପ୍ରମୁଖ ସୂଚକାଙ୍କକୁ ପଛରେ ପକାଇଦେଇଛି। ଏହି ବୃଦ୍ଧି ଅନେକ କାରଣ ଦ୍ୱାରା ପରିଚାଳିତ ହୋଇଛି, ଯେଉଁଥିରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ଅତ୍ୟଧିକ କ୍ରୟ, ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା, ବାଣିଜ୍ୟ ଅନିଶ୍ଚିତତା, ଡଲାର ସୂଚକାଙ୍କ ଦୁର୍ବଳ ହେବା, ଆର୍ଥିକ ମାନ୍ଦାବସ୍ଥାର ଭୟ ଏବଂ ଇଟିଏଫ୍‌ରେ ଦୃଢ଼ ନିବେଶ ପ୍ରବାହ ଅନ୍ତର୍ଭୁକ୍ତ।



ଆଜି ନୂଆଦିଲ୍ଲୀର ସରାଫା ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୩୩, ୯୧୮ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୨୨,୧୦୦ ଟଙ୍କା ସ୍ତର ଛୁଇଁଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୩୪,୦୫୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୨୩,୦୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୨.୧୩,୦୦୦ ଟଙ୍କା ଛୁଇଁ ନୂଆ ଇତିହାସ ରଚିଛି। ନିବେଶ ପାଇଁ ସୁରକ୍ଷିତ ମାଧ୍ୟମ ହୋଇଥିବାରୁ, ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରଚୁର ମାତ୍ରାରେ ସୁନା କ୍ରୟ କରୁଥିବାରୁ ଏହି ହଳଦିଆ ଧାତୁର ମୂଲ୍ୟ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ପୂର୍ବତଟ ରେଳପଥର ସୌରଚାଳିତ ସିସିଟିଭି ଓ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା

ଭୁବନେଶ୍ୱର, ୧୨।୧୨ (ସମିସ): ପୂର୍ବତଟ ରେଳପଥ ଏହାର ଅଧିକାରକ୍ଷେତ୍ରରେ ସୌରଚାଳିତ ସିସିଟିଭି କ୍ୟାମେରା ବ୍ୟାପକ ଭାବରେ ନିୟୋଜିତ କରି ଏବଂ ଉନ୍ନତ ମାନର ନିରୀକ୍ଷଣ ଡ୍ରୋନ ପ୍ରଚଳନ କରି ସୁରକ୍ଷା ଏବଂ ନିରୀକ୍ଷଣ ଢାଞ୍ଚାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ଏହି ପଦକ୍ଷେପଗୁଡ଼ିକର ଉଦ୍ଦେଶ୍ୟ ଯାତ୍ରୀ ସୁରକ୍ଷାକୁ ବୃଦ୍ଧି କରିବା, ଅନଧିକାର ପ୍ରବେଶକୁ ରୋକିବା, ଦୁର୍ଗମ ଅଞ୍ଚଳ ଗୁଡିକରେ ନିରୀକ୍ଷଣରେ ଉନ୍ନତି ଆଣିବା ଏବଂ ରେଳ ସମ୍ପତ୍ତି ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ପୂର୍ବତଟ ରେଳପଥ ଅଧିନସ୍ଥ ମଣ୍ଡଳ ଗୁଡ଼ିକରେ ସୌରଚାଳିତ ସିସିଟିଭି କ୍ୟାମେରା ସଂସ୍ଥାପନ କରାଯାଇଛି। ଦୁର୍ଗମ ଅଞ୍ଚଳ କିମ୍ବା କୌଣସି ବିଦ୍ୟୁତ ଯୋଗାଣ ନ ଥିବା ଅଞ୍ଚଳରେ ନିରବଚ୍ଛିନ୍ନ ନିରୀକ୍ଷଣ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ତିନୋଟି ଡିଭିଜନର ଦୁର୍ଗମ ଏବଂ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସୌରଚାଳିତ ସିସିଟିଭି ବ୍ୟବସ୍ଥା ସ୍ଥାପନ କରାଯାଇଛି।

## ଦିବ୍ୟାଙ୍ଗଙ୍କୁ ସହଯୋଗର ହାତ ବଢ଼ାଇଲା ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, ୧୨।୧୨ (ସମିସ): ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲଚେୟାର ଓ ଶ୍ରବଣ ଯନ୍ତ୍ର ଉପକରଣ ପ୍ରଦାନ କରି ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ, କମ୍ପାନୀ ଛତାବର, କୁଡାଲୋଇ, ପିପିଲିମାଲ ଏବଂ ବଞ୍ଜାରୀ ଗ୍ରାମ ପଞ୍ଚାୟତଗୁଡ଼ିକର ୨୦ ଜଣ ବ୍ୟକ୍ତିଙ୍କୁ ହୁଇଲଚେୟାର ଏବଂ ଶ୍ରବଣ ଯନ୍ତ୍ର ସହାୟତା ପ୍ରଦାନ କରିଥିଲା। ଏହି ପ୍ରୟାସକୁ ଆଗକୁ ବଢ଼ାଇ କମ୍ପାନୀ ୩୦ ଜଣ ଗୋଷ୍ଠୀ ସଦସ୍ୟଙ୍କୁ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ସେମାନେ ସ୍ୱାଧୀନ ଜୀବନଯାପନ କରିପାରିବେ।




ଏହି ସହାୟକ ଉପକରଣଗୁଡ଼ିକ ବିଲିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ଅଭିଲାଷ, ପିପଲିମାଲ୍ ସରପଞ୍ଚ ରଙ୍ଗାଧର ଡିଲା, ଆଶା କର୍ମୀ ଏବଂ ସମ୍ପ୍ରଦାୟର ସଦସ୍ୟମାନେ, କମ୍ପାନୀ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗର ଭାବନାକୁ ସୁଦୃଢ଼ କରୁଛନ୍ତି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତରେ, ଆମର ସାମାଜିକ କାର୍ଯ୍ୟକ୍ରମ ସମ୍ପ୍ରଦାୟ ପାଇଁ ନ୍ୟାୟସଙ୍ଗତ ସୁଯୋଗ ସୃଷ୍ଟି କରିବାରେ ନିହିତ। ହୁଇଲଚେୟାର ଏବଂ ଶ୍ରବଣ ଯନ୍ତ୍ର ସହିତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସହାୟତା କରିବା ସହିତ ସେମାନଙ୍କୁ ସ୍ୱାଧୀନ ଭାବରେ ବଞ୍ଚିବାକୁ ସଶକ୍ତ କରିଥାଏ ଏବଂ ଗୋଷ୍ଠୀ ଅନ୍ତର୍ଭୁକ୍ତିକରଣ ଏବଂ ସଶକ୍ତିକରଣକୁ ମଜବୁତ କରିଥାଏ।

## ପ୍ରପେଲ ଇଣ୍ଡଷ୍ଟ୍ରିଜ୍‌ର ୪ ନୂଆ ଟିପ୍ପର ମଡେଲ

ବେଙ୍ଗାଲୁରୁ, ୧୨।୧୨: କ୍ରସିଂ ଏବଂ ସ୍କ୍ରିନିଂ ଉପକରଣଗୁଡିକରେ ଭାରତରେ ଅଗ୍ରଣୀ ସ୍ଥାନରେ ରହିଥିବା ତଥା ଇଲେକ୍ଟ୍ରିକ ଟିପ୍ପର ବିନିର୍ମାଣରେ ପ୍ରମୁଖ ସ୍ଥାନ ନେଉଥିବା ପ୍ରପେଲ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ ଚାରିଟି ନୂଆ ଟିପ୍ପର ମଡେଲ, ଏକ ସମ୍ପୂର୍ଣ୍ଣ ନୂଆ ସଂଯୋଗକାରୀ ପ୍ଲାଟଫର୍ମ ଏବଂ ପୂର୍ଣ୍ଣାଙ୍ଗ ବିକ୍ରି-ପର ସମାଧାନ ବ୍ୟବସ୍ଥାକୁ ଏକ୍ସକନ୍ ୨୦୨୫ରେ ଉନ୍ମୋଚନ କରିବା ସହିତ ଏହାର ଇଲେକ୍ଟ୍ରିକ ଖଣି ଖନନ ଏବଂ ନିର୍ମାଣ ବର୍ଗମାଳାରେ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି। ଏହି ଅବସରରେ ଡ. ସୌମ୍ୟ ରଞ୍ଜନ ସାମଲ, ଫାଉଣ୍ଡର ଓ ସିଏମ୍‌ଡି କଳିଙ୍ଗ କମର୍ସିଆଲ କର୍ପୋରେସନ ଲିମିଟେଡ ଓ ଜେ. ରୁଦ୍ରଶେକର, ଡାଇରେକ୍ଟର, ରାଜିରାଜ ମିନେରାଲ୍ସ ପ୍ରାଇଭେଟ ଲିମିଟେଡ, ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ।

### ରାଜ୍ୟସଭାରେ ରେଳମନ୍ତ୍ରୀଙ୍କ ଉତ୍ତର

## ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ୨୨୬ କିମି ସେକ୍ସନରେ ରେଳ ଚଳାଚଳ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ମୋଟ୍ ଦୂରତା ୩୦୧ କିମି ହୋଇଥିବାବେଳେ ନଭେମ୍ବର ୨୦୨୫ ସୁଦ୍ଧା ଏଥିମଧ୍ୟରୁ ୨୨୬ କିମିର ରେଳ ଲାଇନରେ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଆଜି ରାଜ୍ୟସଭାରେ ଓଡ଼ିଶାରେ ରେଳ ବିକାଶ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି। ରେଳ ମନ୍ତ୍ରୀଙ୍କ ସୂଚନା ମୁତାବକ, ୫,୦୮୯ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାମ ଦ୍ରୁତ ଗତିରେ ଜାରି ରହିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଏହି ପ୍ରକଳ୍ପରେ ୪,୩୧୧ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହି ପ୍ରକଳ୍ପ ପାଇଁ ମୋଟ୍ ଆବଶ୍ୟକ ୩୨୭୪.୪୧ ଜମି ମଧ୍ୟରୁ ୩୧୫୮.୧୦ ହେକ୍ଟର ଜମି ଅଧିଗ୍ରହଣ ଶେଷ ହୋଇଛି। ୨୨୬ କିମିର ଲମ୍ବ ଏହି ପ୍ରକଳ୍ପ ମଧ୍ୟରୁ ଖୋର୍ଦ୍ଧା ପଟରୁ ଖୋର୍ଦ୍ଧା ରୋଡ-ଦଶପଲ୍ଲା ୧୦୬ କିଲୋମିଟର ଏବଂ ବଲାଙ୍ଗିର ପଟୁ ବଲାଙ୍ଗିରରୁ ପୁରୁଣା କଟକ ପର୍ଯ୍ୟନ୍ତ ୧୨୦ କିଲୋମିଟର ରେଳ ମାର୍ଗରେ ରେଳ ଚଳାଚଳ ଆରମ୍ଭ କରିସାରିଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି। ଅବଶିଷ୍ଟ କାମ ଜାରି ରହିଛି। ସେ କହିଛନ୍ତି ଯେ, ଝାରସୁଗୁଡ଼ା-ସମ୍ବଲପୁର-ଅନୁଗୁଳ ଏବଂ ଭୁବନେଶ୍ୱର-ପୁରୀ କ୍ଷେତ୍ରରେ ରେଳ ଯୋଗାଯୋଗରେ ସୁଧାର ଲାଗି ତାଳଚେର-ବିମଳାଗଡ଼ ନୂଆ ଲାଇନ୍ (୧୫୦ କିମି), ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ (୧୦୧ କିମି), ଝାରସୁଗୁଡ଼ା-ବିଳାସପୁର ଚତୁର୍ଥ ଲାଇନ (୨୦୬ କିମି), ସମ୍ବଲପୁର-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ (୧୨୭ କିମି), ନିର୍ଗୁଣ୍ଡି-ବିଜୟନଗରମ ତୃତୀୟ ଲାଇନ (୩୮୫କିମି) ସମେତ ମୋଟ୍ ୧୪ଟି ରେଳ ଲାଇନ ପ୍ରକଳ୍ପ, ଫ୍ଲାଇଓଭର ଏବଂ ଅନ୍ୟ କାର୍ଯ୍ୟ ଜାରି ରହିଛି।

### ମିଳିଲା କେନ୍ଦ୍ର ସରକାରଙ୍କ ମଞ୍ଜୁରି

## ଓଡ଼ିଶାରେ ଖୋଲିବ ଦୁଇ ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ, ଆଇଟି, ସେମିକଣ୍ଡକ୍ଟର, ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ଖୋଲିବ ଦୁଇଟି ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍। ଏଥିପାଇଁ କେନ୍ଦ୍ର ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି। ଏହି ଦୁଇ ୟୁନିଟ୍‌ରେ ୪,୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହେବ। ଶୁକ୍ରବାର ରାଜ୍ୟସଭାରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହାଛଡା ଭୁବନେଶ୍ୱରରେ ଏକ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠାକୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି କ୍ଲଷ୍ଟର ୧୫୩୦ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିବା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଦୁଇଟି ସେମିକଣ୍ଡକ୍ଟର କାରଖାନାରୁ ଉତ୍ପାଦିତ ଚିପ୍ସଗୁଡ଼ିକ ଅଟୋମୋବାଇଲ, ଏରୋସ୍ପେସ୍, ପ୍ରତିରକ୍ଷା, ୱେରଲେସ୍ ଉପକରଣ, ବୈଦ୍ୟୁତିକ ବାହନ, ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ବ୍ୟବହୃତ ହେବ। ଏହାଛଡ଼ା ଚିପ୍ ଟୁ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ସରକାର ଓଡ଼ିଶାର ୧୧ଟି ବିଶ୍ୱବିଦ୍ୟାଳୟକୁ ମାଗଣା ଡିଜାଇନ୍ ଟୁଲ୍ ଯୋଗାଇ ଦେଇଛନ୍ତି। ଶ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏବେ ସୁଦ୍ଧା ୩୧୮ କୋଟି ଟଙ୍କା ନିବେଶ କରାଯାଇଥିବାବେଳେ ୫୭୨ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଡିଜିଟାଲ ଦକ୍ଷତା ବିକାଶ ଲାଗି ଜାତୀୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରତିଷ୍ଠାନ (ଏନଆଇଇଏଲଆଇଟି) ଓଡ଼ିଶାରେ ଦୁଇଟି କେନ୍ଦ୍ର ସ୍ଥାପନ କରିବା ସହିତ ୩୫ଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି। ଏସବୁ କେନ୍ଦ୍ର କଟକ, ଭୁବନେଶ୍ୱର, ସମ୍ବଲପୁର, ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥିତ। ବର୍ତ୍ତମାନ ସୁଦ୍ଧା ଏହି କେନ୍ଦ୍ରଗୁଡ଼ିକ ଜରିଆରେ ପ୍ରାୟ ୨୫ ହଜାର ପ୍ରାର୍ଥୀ ତାଲିମ ଗ୍ରହଣ କରିଛନ୍ତି।

ଓଡ଼ିଶାରେ ଉଦ୍ୟୋଗ ବିକାଶ ଲାଗି ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଇଲେକ୍ଟ୍ରୋପ୍ରେନର୍ ପାର୍କ ସ୍ଥାପନ କରାଯାଇଛି। ଟ୍ରିପଲ୍ ଆଇଟି ଭୁବନେଶ୍ୱର ଏବଂ ଇଣ୍ଡିଆନ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସେମି କଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଏହାକୁ ବିକଶିତ କରାଯାଇଛି।



### ବ୍ୟୟ ହେବ ୪ ହଜାର କୋଟି

### ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର

## ଚାଟ୍‌ଜିପିଟି କଥାରେ ମା'ଙ୍କୁ ମାରିଦେଲେ ଆମେରିକୀୟ ଅଧିକାରୀ



ହାର୍ଟଫର୍ଡ, ୧୨।୧୨(ଏଜେନ୍ସି): ଆମେରିକାର ପୂର୍ବ ଉପକୂଳରେ ଥିବା କନେକ୍ଟିକଟ୍ ରାଜ୍ୟରେ ଜଣେ ବ୍ୟକ୍ତି ଅଜବ କାଣ୍ଡ ଘଟାଇଛନ୍ତି। ସେ ନିଜ ମାଙ୍କୁ ଗଳାକାଟି ହତ୍ୟା କରିବା ପରେ ଆତ୍ମହତ୍ୟା କରି ଜୀବନ ହାରିଛନ୍ତି। ଜଣାଶୁଣା ଓପନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଟଜିପିଟି କହିବା ଅନୁସାରେ,୫୬ ବର୍ଷର ପୂର୍ବତନ ଟେକ୍ କମ୍ପାନୀ ଅଧିକାରୀ ଷ୍ଟିଭ-ଏରିକ ସୋଲବର୍ଗ ଏହି କାଣ୍ଡ ଘଟାଇଛନ୍ତି। ଚାଟ୍‌ଜପିଟି କାରଣରୁ ତାଙ୍କ ମନ ଭିତରେ ଭୟ ବୃଦ୍ଧି ପାଇଥିଲା। ଏଥିପାଇଁ ଶେଷରେ ସେ ନିଜର ମାଙ୍କୁ ହତ୍ୟା କରିଥିଲେ । ସୋଲବର୍ଗ ଚାଟ୍‌ଜିପିଟ୍‌ର ନୂଆ ସଂସ୍କରଣ ଜିପିଟି-୪ଓ'ର ବ୍ୟବହାର କରୁଥିଲେ। ଏହି ଏଆଇ କହିବା ଅନୁସାରେ ସେ ତାଙ୍କ ମା'ଙ୍କୁ ତାଙ୍କର ସବୁଠାରୁ ବଡ଼ ଶତ୍ରୁ ବୋଲି ବିଚାର କରି ନେଇଥିଲେ। ଏଆଇ ତାଙ୍କ ମାଙ୍କୁ ଜଣେ ଗୁଇନ୍ଦା ଏଜେଣ୍ଟ ଓ ତାଙ୍କର ବଡ଼ ଶତ୍ରୁ ବୋଲି କହିଥିଲା। ଫଳରେ ଅଗଷ୍ଟ ୩ରେ ସେ ନିଜ ମାଙ୍କୁ ହତ୍ୟା କରିଥିଲେ। ଏହାପରେ ତାଙ୍କ ମା'ଙ୍କ ପରବାର ଲୋକେ ଚାଟ୍‌ଜିପିଟି ତିଆରି କରିଥିବା କମ୍ପାନୀ ଓପନଏଆଇ ବିରୋଧରେ ଏତଲା ଦାଏର କରିଛନ୍ତି। ଏହି ଘଟଣା ପାଇଁ ଚାଟଜିପିଟିକୁ ଦାୟୀ କରାଯାଇଛି। ତେବେ ଏହି ଘଟଣାରେ ଆମେ ମର୍ମାହତ ଓ ଚାଟଜିପିଟିକୁ ଆହୁରି ଅଧିକ ଉନ୍ନତ କରିବାକୁ ଆମେ ପ୍ରୟାସ କରୁଛୁ ବୋଲି କମ୍ପାନୀ ତରଫରୁ କୁହାଯାଇଛି।

ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ ମାମଲା

## ୪୨ ଜାଲ୍ କମ୍ପାନୀ ସହ ଲୁଥ୍‌ରା ଭ୍ରାତା ଜଡ଼ିତ



ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ଗୋଆ ନାଇଟ୍ କ୍ଲବ 'ବିର୍ଚ ବାଇ ରୋମିଓ ଲେନ୍' ଅଗ୍ନିକାଣ୍ଡ ମାମଲାରେ ଗିରଫ ହୋଇଥିବା କ୍ଲବ ମାଲିକ ତଥା ଦୁଇଭାଇ ସୌରଭ ଓ ଗୌରବ ଲୁଥରାଙ୍କୁ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଏହି ଦୁଇ ଭାଇ ବର୍ଚ କ୍ଲବ ସମେତ ଅନ୍ୟ ୪୨ଟି ଜାଲ୍ କମ୍ପାନୀ ସହିତ ଜଡିତ ଅଛନ୍ତି। ଏଗୁଡିକ ମଧ କେତୋଟି କମ୍ପାନୀର ଅସ୍ତିତ୍ୱ କେବଳ କାଗଜ କଲମରେ ରହିଛି। ଏହି ସବୁ କମ୍ପାନୀ ଦିଲ୍ଲୀର ଗୋଟିଏ ଠିକଣାରେ ପଞ୍ଜୀକୃତ ହୋଇଛି। କର୍ପୋରେଟ୍ ରେକର୍ଡରୁ ଜଣାପଡ଼ିଛି ଯେ, ଏହି ଦୁଇ ଲୁଥରା ଭାଇ ନକଲି କମ୍ପାନୀ ଓ ଲିମିଟେଡ ଲାୟବିଲିଟି (ଏଲ୍‌ଏଲ୍‌ପି)ରେ ନିର୍ଦ୍ଦେଶକ କିମ୍ବା ଅଂଶୀଦାର ଭାବେ ତାଲିକାଭୁକ୍ତ ଅଛନ୍ତି।

ଅନ୍ୟପଟେ ଗିରଫ ପରେ ଉଭୟଙ୍କୁ ଥାଇଲାଣ୍ଡରୁ ଭାରତ ଅଣା ଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏବେ ତାଙ୍କୁ ରାଜଧାନୀ ବ୍ୟାଙ୍କକ୍ ନିଆଯାଉଛି। ସେମାନଙ୍କୁ ସୁଆନ ଫୁ ଇମିଗ୍ରେସନ ଡିଟେନସନ ସେଣ୍ଟରକୁ ନିଆଯାଇଛି। ପାସପୋର୍ଟ ରଦ୍ଦ ହୋଇଥିବାରୁ ଭାରତୀୟ ଦୂତାବାସ ସେମାନଙ୍କୁ ଜରୁରୀକାଳୀନ ଯାତ୍ରା ପ୍ରମାଣପତ୍ର ପ୍ରଦାନ କରିବେ। ଥାଇଲାଣ୍ଡରୁ ଗୋଆକୁ ସିଧା ବିମାନ ଉଡାଣ ନ ଥିବାରୁ ଦୁହିଁଙ୍କୁ ପ୍ରଥମେ ଦିଲ୍ଲୀ ନିଆଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ୪ ଦିନ ଲାଗିବ। ସୋମବାର ବେଳକୁ ଦୁଇ ଭାଇଙ୍କୁ ଦିଲ୍ଲୀ ଅଣାଯିବାର ସମ୍ଭାବନା ରହିଛି। ଦିଲ୍ଲୀ ପହଞ୍ଚିବା ପରେ ହିଁ ଗୋଆ ପୁଲିସ ଦୁଇଜଣଙ୍କୁ ନିଜ ହେପାଜତକୁ ନେବେ।

### 'ମନରେଗା' ଏବେ 'ପିବିଜିଆରୱାଇ'

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ (ମନରେଗା)ର ନାମ ପରିବର୍ତ୍ତନ କରାଯାଇଛି। କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ଏହାକୁ ବଦଳାଇ ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଯୋଜନା (ପିବିଜିଆରୱାଇ)ରେ କରିଦେଇଛି। ସରକାର ଏହି ଯୋଜନାରେ ସର୍ବନିମ୍ନ ରୋଜଗାର ଦିନ ସଂଖ୍ୟାକୁ ୧୦୦ରୁ ୧୨୫ କରିଛନ୍ତି। ଅର୍ଥାତ ଗୋଟିଏ ଆର୍ଥିକ ବର୍ଷରେ ଜଣେ ଅକୁଶଳୀ ଶ୍ରମିକ ୧୨୫ ଦିନର ରୋଜଗାର ପାଇପାରିବେ। ପ୍ରଥମେ ଏହି ଯୋଜନା ୨୦୦୫ରେ ନରେଗା ନାମରେ ଆରମ୍ଭ ହୋଇ ଥିଲା। ପରେ ଏହାକୁ ମନରେଗା କରାଯାଇଥିଲା।

### ଘାଟିରୁ ଖସିଲା ବସ୍; ୯ ଯାତ୍ରୀ ମୃତ

ଜଗଦଲପୁର, ୧୨।୧୨(ଏଜେନ୍ସି): ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସୀମାରେ ଥିବା ମାରେଡମିଲି ଘାଟିରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ଶୁକ୍ରବାର ଘଟିଥିବା ଏହି ଦୁର୍ଘଟଣାରେ ୯ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଘାଟିରୁ ଖସି ବସ ବୁଦା ଭିତରେ ଫସି ଯାଇଥିଲା।ଆହତମାନଙ୍କୁ ଚିକିତ୍ସା ପାଇଁ ଭଦ୍ରାଚଳମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସରେ ୪୦ ଜଣ ଯାତ୍ରା କରୁଥିଲେ।

### ଟ୍ରମ୍ପଙ୍କ ଅସୁସ୍ଥ ଖବରକୁ ହ୍ୱାଇଟ୍ ହାଉସ୍‌ର ଖଣ୍ଡନ

ୱାସିଂଟନ, ୧୨।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁତର ଭାବେ ଅସୁସ୍ଥ ଥିବା ନେଇ ପ୍ରଚାରପ୍ରସାର ହେଉଛି। ତେବେ ଏହି ଗୁଜବକୁ ହ୍ୱାଇଟ୍ ହାଉସ୍ ପ୍ରେସ ସଚିବ କାରୋଲିନ ଲେଭିଟ୍ ଖଣ୍ଡନ କରିଛନ୍ତି। ଗତ କିଛିଦିନ ମଧ୍ୟରେ ଟ୍ରମ୍ପଙ୍କ ଡାହାଣ ହାତରେ ବ୍ୟାଣ୍ଡେଜ ଓ ନୀଳ ଓ ଲାଲ ରଙ୍ଗର ଚିହ୍ନ ଦେଖିବାକୁ ମିଳିଥିଲା। ଫଳରେ ଟ୍ରମ୍ପ କୌଣସି ରୋଗ ଦ୍ୱାରା ସଂକ୍ରମିତ ହୋଇଥିବା ଓ ହାତରେ ଇଞ୍ଜେକସନ ନେଇଥିବା ରିପୋର୍ଟ ଆସିଥିଲା

### ବିମାନ ଡେଣାରେ ଫସିଲେ ପାରାଗ୍ଲାଇଡର୍

ସିଡ୍‌ନୀ, ୧୨।୧୨(ଏଜେନ୍ସି): ଅଷ୍ଟ୍ରେଲିଆ କୁଇନ୍ସଲାଣ୍ଡରେ ୧୫,୦୦୦ ଫୁଟ ଉଚ୍ଚରେ ଜଣେ ପାରା ଗ୍ଲାଇଡରଙ୍କ ଜରୁରୀକାଳୀନ (ସଂରକ୍ଷିତ) ପାରାଚ୍ୟୁଟ୍ ଅଚାନକ ଖୋଲିଯାଇ ବିମାନର ପଛ ଡେଣାରେ ଫସିଯାଇଥିଲା। ବିମାନରୁ ଡେଇଁବା ପରେ ଏହି ଘଟଣା ଘଟିଥିଲା। ଅଷ୍ଟ୍ରେଲିଆର ଟ୍ରାନ୍ସପୋର୍ଟ ସେଫ୍ଟି ଏଜେନ୍ସି ଏହି ଭିଡିଓ ଜାରି କରିଛି। ଏଥିରେ ସ୍କାଏଡାଇଭର ଜଣକ ବହୁ ସମୟ ବାୟୁରେ ଲଟକି ରହିଥିଲେ। ଫଳରେ ସେ ଏହି ପରାଚ୍ୟୁଟର ସବୁ ୧୧ଟି ଦଉଡ଼ିକୁ କାଟି ନିଜକୁ ପୃଥକ କରିଥିଲେ ଏବଂ ମୁଖ୍ୟ ପାରାଚ୍ୟୁଟ ଖୋଲି ଅବତରଣ କରିଥିଲେ।ଏହା ସେପ୍ଟେମ୍ବର ୨୦ରେ ଘଟିଥିଲା ବୋଲି କୁହାଯାଇଛି।

### ସମସ୍ତଙ୍କୁ ଚନ୍ଦ୍ରକୁ ପଠାଇ ଦେବୁ କି

ନୂଆଦିଲ୍ଲୀ: ସାରା ଦେଶରେ ଭୂକମ୍ପ ଜନିତ ବିପଦକୁ ନେଇ ମାର୍ଗଦର୍ଶିକା ଜାରି କରିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆମେ ସମସ୍ତଙ୍କୁ ଚନ୍ଦ୍ର କିମ୍ବା ଆଉ କେଉଁଠିକୁ ପଠାଇ ପାରିବୁ କି ବୋଲି ଆବେଦନକାରୀଙ୍କୁ ପଚାରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଥିଲେ ଯେ କୋର୍ଟରେ ଗଣମାଧ୍ୟମର ରିପୋର୍ଟ ଆଧାରରେ ଶୁଣାଣି ହୁଏ ନାହିଁ। ଏହି ମାମଲା ସରକାରୀଙ୍କ ନୀତି ସହ ଜଡ଼ିତ। ଏଥିରେ କେହି ଦଖଲ ଦେଇପାରିବେ ନାହିଁ।

## ଅନ୍ତର୍ଜାତୀୟ ବୈଠକରେ ପୁଣି ପାକିସ୍ତାନ ଅପଦସ୍ତ

ଆସଗାବତ, ୧୨।୧୨ (ଏଜେନ୍ସି): ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ପୁଣି ଅପଦସ୍ତ ହୋଇଛି। ମହିଳା ସାମ୍ବାଦିକଙ୍କୁ ପାକିସ୍ତାନ ଜେନେରାଲଙ୍କ ଆଖି ମାରିବାକୁ ନେଇ ତୀବ୍ର ସମାଲୋଚନା କରାଯାଉଥିବାବେଳେ ଏବେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ କାର୍ଯ୍ୟକଳାପ ପାଇଁ ଇସଲାମାବାଦକୁ ନିନ୍ଦିତ ହେବାକୁ ପଡ଼ିଛି। ସେ ଶାଳୀନତାର ସମସ୍ତ ସୀମା ଲଙ୍ଘନ କରିଛନ୍ତି। ବିନାନ ଆମନ୍ତ୍ରଣରେ ଅତିଷ୍ଠ ହୋଇ

- ପୁଟିନଙ୍କ ରୁଦ୍ଧଦ୍ୱାର ବୈଠକକୁ ଜବରଦସ୍ତି ପଶିଲେ ଶେହବାଜ
- ୪୦ ମିନିଟ ଅପେକ୍ଷା କରି ଧୈର୍ଯ୍ୟ ହରାଇଲେ ପାକ୍ ପ୍ରଧାନମନ୍ତ୍ରୀ

ଦୁଇ ରାଷ୍ଟ୍ରମୁଖ୍ୟଙ୍କ ବୈଠକରେ ଅନୁପ୍ରବେଶ କରିଛନ୍ତି। ତୁର୍କମେନିସ୍ତାନରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ତୁର୍କମେନିସ୍ତାନରେ 'ଇଣ୍ଟରନ୍ୟାସନାଲ ପିସ୍ ଆଣ୍ଡ ଟ୍ରଷ୍ଟ ଫୋରମ' ବୈଠକ ଚାଲିଛି। ଏହି ଅବସରରେ ଶେହବାଜ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହେବାର ଥିଲା। ଏଥିପାଇଁ ଶେହବାଜ ପହଞ୍ଚି ଯାଇଥିଲେ। ସେ ପୁଟିନଙ୍କୁ ଅପେକ୍ଷା କରି ଚାହିଁ ବସିଥିଲେ। ୫ ମିନିଟ ଯାଇ ୩୫ ମିନିଟ ବିତିଗଲା ପରେ ବି ପୁଟିନଙ୍କ ଦେଖା ମିଳି ନ ଥିଲା। ୪୦ ମିନିଟ ଅତିକ୍ରମ ହେବା ପରେ ପାକ୍



ପ୍ରଧାନମନ୍ତ୍ରୀଙ୍କ ଧୈର୍ଯ୍ୟ ତୁଟି ଯାଇଥିଲା। ପୁଟିନ ଅପମାନିତ କରୁଥିବା ଭାବି ଶେହବାଜ ରାଗି ଲାପ ପଡ଼ି ଯାଇଥିଲେ। ପୁଟିନ ନ ଆସିବାରୁ ବୈଠକ ପ୍ରକୋଷ୍ଠରୁ ଶେହବାଜ ବାହାରି ଯାଇଥିଲେ। ଏହି ସମୟରେ ପୁଟିନ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏର୍ଦୋଗାନଙ୍କ ମଧ୍ୟରେ ଅନ୍ୟ ଏକ ସ୍ଥାନରେ ରୁଦ୍ଧ ଦ୍ୱାର ବୈଠକ ଚାଲିଥିଲା। ଏହି ବୈଠକକୁ କାହାକୁ ଅନୁମତି ନ ଥିଲା। କିନ୍ତୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଅମାନିଆ ହୋଇ ସିଧା ପୁଟିନ-ଏର୍ଦୋଗାନଙ୍କ ବୈଠକ ସ୍ଥଳରେ ପହଞ୍ଚି ଯାଇଥିଲେ। ସେଠାରେ ଯାଇ ପୁଟିନଙ୍କୁ ଭେଟିଥିଲେ। ମାତ୍ର ୧୦ ମିନିଟ ପରେ ଶେହବାଜ ଏକାକୀ ସେଠାରୁ ବାହାରି ଯାଇଥିଲେ। ଏହାର କିଛି ସମୟ ପରେ ରୁଷ୍ ରାଷ୍ଟ୍ରପତି ମଧ ବାହାରି ଥିଲେ। ଏଠାରେ ସେ ସାମ୍ବାଦିକଙ୍କୁ ଦେଖି ଆଖି ଠାର ମାରି ସଙ୍କେତ ଦେଇଥିଲେ।

ଲୋକେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ନେଇ ପାକ୍ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରୁଛନ୍ତି। ଏହାକୁ କୂଟନୈତିକ ଅବମାନନା କହୁଛନ୍ତି। ଆଉ ଜଣେ ଲେଖିଛନ୍ତି ଯେ ଭିକାରୀଙ୍କ ଆଗରେ ପୁଟିନ ସମୟ ନଷ୍ଟ କରିବାକୁ ଚାହୁଁନାହାନ୍ତି। ସେହିପରି ଟ୍ରମ୍ପ ବି ଏଭଳି କରିଥିଲେ ବୋଲି ଆଉ ଜଣେ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ପୁଟିନ ଏବଂ ଶେହବାଜଙ୍କ ଭେଟ ସର୍ବଦା ଚର୍ଚ୍ଚାରେ ରହିଛି। ଉଭୟ ନେତା ଯେବେ ବି ପରସ୍ପରକୁ ଭେଟିଛନ୍ତି ଏଭଳି କିଛି ସ୍ଥିତି ସୃଷ୍ଟି ହୋଇଛି।

## ଜାନୁଆରୀ ୩୦ରୁ ଅନଶନରେ ବସିବେ ଆନ୍ନା



- ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ୍ କାର୍ଯ୍ୟକାରୀ ଦାବି
- 'ଏହା ହେବ ମୋର ଶେଷ ଆନ୍ଦୋଳନ'

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଜଣାଶୁଣା ବରିଷ୍ଠ ସାମାଜିକ କର୍ମୀ ଆନ୍ନା ହଜାରେ ପୁଣିଥରେ ଅନସନରେ ବସିବାକୁ ଯାଉଛନ୍ତି। ମହାରାଷ୍ଟ୍ରରେ ଲୋକୟୁକ୍ତ ଆଇନ୍ ଲାଗୁ କରିବା ଦାବିରେ ସେ ଶୁକ୍ରବାର ଆମରଣ ଅନଶନ ବସିବାକୁ ଘୋଷଣା କରିଛନ୍ତି। ସେ ଜାନୁଆରୀ ୩୦ରୁ ତାଙ୍କ ଗାଁ ରାଲେଗାନ ସିଦ୍ଧିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ଆରମ୍ଭ କରିବେ। ଏହା ମୋର ଶେଷ ଆନ୍ଦୋଳନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଆନ୍ନା ୨୦୨୨ରେ ଏହି ଦାବିକୁ ନେଇ ଅନଶନରେ ବସିଥିଲେ। କିନ୍ତୁ ସେ ସମୟରେ ତତ୍କାଳୀନ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ କେନ୍ଦ୍ର କୃଷିମନ୍ତ୍ରୀଙ୍କ ମଧ୍ୟସ୍ଥତାରେ ସେ ଅନଶନ ଭାଙ୍ଗିଥିଲେ। ଏହାପରେ ଏକ କମିଟି ଗଠନ କରାଯିବା ସହ ଆଇନ୍ ପ୍ରସ୍ତୁତ ହୋଇଥିଲା। ବିଲ୍‌କୁ ମହାରାଷ୍ଟ୍ର ବିଧାନସଭାର ଉଭୟ ଗୃହ ଦ୍ୱାରା ପାରିତ ହୋଇଥିଲା ଏବଂ ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। କିନ୍ତ ଏହା ସତ୍ତ୍ୱେ ତୃଣମୂଳସ୍ତରରେ ଏହି ଆଇନ୍ କାର୍ଯ୍ୟକାରୀ ହୋଇନାହିଁ ବୋଲି ଆନ୍ନା କହିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ୭ଟି ଚିଠି ଲେଖିଛନ୍ତି। କିନ୍ତୁ ସେ କୌଣସି ଉତ୍ତର ପାଇନାହାନ୍ତି ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ସରକାରଙ୍କ ନୀରବତା ନେଇ ସେ ଅସନ୍ତୋଷ ଜାହିର କରିଛନ୍ତି। ଜନ କଲ୍ୟାଣ ପାଇଁ ଏହି ଆଇନ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ଉଲ୍ଲେଖଥାଉ କି, '୨୦୧୧ରେ ଇଣ୍ଡିଆ ଏଗେନଷ୍ଟ କରପସନ' ଆନ୍ଦୋଳନରେ ଦେଶକୁ ଉତ୍ସାହିତ କରିବା ପାଇଁ ଆନ୍ନା ଅନଶନରେ ବସିଥିଲେ ଓ ସାରା ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧିବାକୁ ସକ୍ଷମ ହୋଇଥିଲେ। ତାଙ୍କର ଏହି ଆନ୍ଦୋଳନ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲା।

## କେହି କ୍ୟାବିନେଟ ମନ୍ତ୍ରୀ ନ ଥିବାରୁ ରାଜ୍ୟସଭା ୧୦ ମିନିଟ ମୁଲତବୀ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ରାଜ୍ୟସଭାରେ ଶୁକ୍ରବାର ଅଜବ ସ୍ଥିତି ସୃଷ୍ଟି ହୋଇଛି। ଉଚ୍ଚ ସଦନରେ କୌଣସି କ୍ୟାବିନେଟ ମନ୍ତ୍ରୀ ଉପସ୍ଥିତ ନ ଥିବାରୁ ଗୃହକୁ ୧୦ ମିନିଟ ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା। ସୂଚନା ଅନୁଯାୟୀ, ୨୦୦୧, ଡିସେମ୍ବର ୧୩ର ସଂସଦ ଆକ୍ରମଣକୁ ବିଫଳ କରି ପ୍ରାଣବଳୀ ଦେଇଥିବା ବ୍ୟକ୍ତିଙ୍କୁ ଆଜି ଗୃହରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। ଏହି ସମୟରେ କୌଣସି କ୍ୟାବିନେଟ ମନ୍ତ୍ରୀ ଗୃହରେ ନ ଥିବା ବିରୋଧୀ ଦଳ ସଦସ୍ୟ କହିଥିଲେ। ଏହି ପ୍ରସଙ୍ଗ ସରକାରଙ୍କ ସାମ୍ନାରେ ଉଠାଇ ଜଣେ ଜୁନିୟର ମନ୍ତ୍ରୀଙ୍କୁ ଉପସ୍ଥିତ ରହିବା ପାଇଁ କହିବେ ବୋଲି ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ କହିଥିଲେ। କିନ୍ତୁ ଏଥିରେ ବିରୋଧୀ ସଦସ୍ୟ ସନ୍ତୁଷ୍ଟ ହୋଇ ନ ଥିଲେ। ମନ୍ତ୍ରୀ ନ ଆସିବା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ଜିଦ୍ ଧରିଥିଲେ। କଂଗ୍ରେସ ସାଂସଦ ଜୟରାମ ରମେଶ କହିଥିଲେ ଯେ ଏହା ଗୃହ ପାଇଁ ଅପମାନ। ମନ୍ତ୍ରୀ ଆସିବା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ପଡ଼ିବ। ତେବେ ୫ ମିନିଟ ଅପେକ୍ଷା କରିବା ପରେ ଅଧ୍ୟକ୍ଷ ୧୦ ମିନିଟ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। କେନ୍ଦ୍ର ମନ୍ତ୍ରୀ କିରନ ରିଜିଜି ଆସିବା ପରେ ଗୃହ ପୁଣି ଚାଲିଥିଲା। କେହି ସଦସ୍ୟ ଉପସ୍ଥିତ ନ ଥିବାରୁ ସେ ସମସ୍ତଙ୍କୁ କ୍ଷମା ମାଗିଥିଲେ।

## ହାତ ଟେକିଦେଲେ ସରକାର: ସାରା ବର୍ଷ ବିମାନ ଭଡ଼ା ଧାର୍ଯ୍ୟ କରିପାରିବୁନି

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଇଣ୍ଡିଗୋ ଏୟାରଲାଇନର ସ୍ଥିତି ସୁଧୁରିବାର ନା ଧରୁନି। ଏପରି ସମୟରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ବିମାନ ଭଡ଼ା ନିୟନ୍ତ୍ରଣ କରନ୍ତୁ ବୋଲି ଦାବି ହେଉଛି। ମାତ୍ର ଏ ନେଇ ସରକାର ହାତ ଟେକି ଦେଇଛନ୍ତି। ଲୋକସଭାରେ ଏକ 'ପ୍ରାଇଭେଟ ମେମ୍ବର୍ସ ରିଜୋଲ୍ୟୁସନ' ଉପରେ ଚର୍ଚ୍ଚା କରି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ଯେ ସରକାର ବର୍ଷ ଯାକ ବିମାନ ଭଡ଼ା ଧାର୍ଯ୍ୟ କରିପାରିବେ ନାହିଁ। ପାର୍ବଣ ଋତୁରେ ଚାହିଦା ବଢ଼ିଥାଏ। ତେଣୁ ମୂଲ୍ୟ ମଧ ବଢ଼ି ଥାଏ। ପାର୍ବଣ ଋତୁରେ କ୍ଷମତା ବଢ଼ାଇବା ପାଇଁ ଏୟାରଲାଇନ ଗୁଡ଼ିକୁ କୁହାଯାଇଥାଏ। ଆବଶ୍ୟକ ପଡ଼ିଲେ ଭଡ଼ାରେ ମଧ ବିମାନ ନିଆଯାଇଥାଏ। ମହାକୁମ୍ଭ, ପୁଲୱାମା ଆକ୍ରମଣ, ଇଣ୍ଡିଗୋ ସଙ୍କଟ ସମୟରେ ନିଜ କ୍ଷମତା ପ୍ରୟୋଗ କରି ଭଡ଼ା ଧାର୍ଯ୍ୟ କରାଯାଇଥିଲା। 'ଫେୟାର ସେ ଫୁରସତ' ଯୋଜନା ଅଧିନରେ ଦେଶର ୨୫ ମାର୍ଗରେ ବିମାନ ଭଡ଼ା ଧାର୍ଯ୍ୟ କରାଯାଇଛି। ଏହି ଭଡ଼ା ବଢ଼ିବ ନାହିଁ। ସୂଚନା ଅନୁଯାୟୀ, ଏହି ପ୍ରାଇଭେଟ ବିଲ୍‌ରେ ବିମାନ ଭଡ଼ା ଧାର୍ଯ୍ୟ କରିବାକୁ ଦାବି କରାଯାଇଥିଲା। କିନ୍ତୁ ମନ୍ତ୍ରୀ ଏହାକୁ ଏଡ଼ାଇ ଦେବାରୁ ବିଲ୍ ପ୍ରତ୍ୟାହାର କରି ନିଆଯାଇଥିଲା।

### ଇଣ୍ଡିଗୋର ୪ ଫ୍ଲାଇଟ୍ ଅପରେସନ ଇନିସପେକ୍ଟର ନିଲମ୍ବିତ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ସର୍ବବୃହତ ଏୟାରଲାଇନ୍ ଇଣ୍ଡିଗୋରେ ଫ୍ଲାଇଟ୍ ବାତିଲ ନେଇ ଚାଲିଥିବା ସଙ୍କଟ ମାମଲାରେ ଲଗାତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶକ (ଡିଜିସିଏ) ଶୁକ୍ରବାର ବିମାନ କମ୍ପାନୀର ସୁରକ୍ଷା ଓ ପରିଚାଳନା ନିୟମର ଉଲ୍ଲଂଘନ କରିଥିବା ୪ ଜଣ ଉଡାଣ ପରିଚାଳନା ନିରୀକ୍ଷକ ତଥା ଇନିସପେକ୍ଟରଙ୍କୁ ନିଲମ୍ବିତ କରିଛି। ସେପଟେ ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟନିର୍ବାହୀ ପିଟର ଏଲବର୍ସ ଲଗାତର ଦ୍ୱିତୀୟଦିନ ପାଇଁ ଡିଜିସିଏଙ୍କ ସମ୍ମୁଖରେ ହାଜର ହୋଇଥିଲେ। ଏହାପୂର୍ବରୁ ଗୁରୁବାର ତାଙ୍କୁ ଅଧିକାରୀମାନେ ପାଖାପାଖି ୨ ଘଣ୍ଟାଧରି ପଚରା ଉଚରା କରିଥିଲେ।

ମାଡ୍ରାସ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ହାଇକୋର୍ଟରେ ଯାହା ହେଉଛି, ଠିକ୍ ହେଉନି

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): କରୁର ଦଳାଚକଟାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ମାଡ୍ରାସ ହାଇକୋର୍ଟଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ କହିଥିଲେ ଯେ ହାଇକୋର୍ଟ ଯାହା ହେଉଛି ଠିକ୍ ହେଉନାହିଁ। କିଛି ତ ଗଡ଼ବଡ଼ ହୋଇଛି। ହାଇକୋର୍ଟ କେମିତି ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଦେଲେ? ଏହି ମାମଲା ମଦୁରାଇ ବେଞ୍ଚର ଅଧିକାରରେ ଥିଲା। ଏହା କାହିଁକି ବୁଝି ପାରିଲେନି? ଅଭିନେତା ବିଜୟଙ୍କ ଦଳ ଟିଭିକେର ଆବେଦନ କେବଳ ଏସଓପି ଧାର୍ଯ୍ୟ ପାଇଁ ଥିଲା। ଏହା ସତ୍ତ୍ୱେ ନିର୍ଦ୍ଦେଶ କାହିଁକି ଦିଆଗଲା? ସୁପ୍ରିମକୋର୍ଟଙ୍କୁ ଏହି ମାମଲା ଦେଖିବାକୁ ପଡ଼ିବ। ଏହା ପରେ ନିଷ୍ପତ୍ତି ଦିଆଯିବ। ଏହା ସହିତ ତାମିଲନାଡୁ ସରକାରଙ୍କ ସମୀକ୍ଷା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିରେ କରୁର ଦଳାଚକଟାର ଏସଆଇଟି ତଦନ୍ତ ଏବଂ ଜଣିକିଆ ତଦନ୍ତ କମିଶନ ନେଇ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ବଦଳାଇବାକୁ ନିବେଦନ କରାଯାଇଥିଲା। ଖଣ୍ଡପୀଠ କହିଥିଲେ ଯେ ସବୁ କିଛି ନିରପେକ୍ଷ ଏବଂ ସ୍ୱଚ୍ଛ ହେଉ ବୋଲି ସୁପ୍ରିମକୋର୍ଟ ଚାହାନ୍ତି। ସିବିଆଇ ତଦନ୍ତର ପର୍ଯ୍ୟବେକ୍ଷଣ କରୁଥିବା ସୁପରଭାଇଜର କମିଟିର ସଦସ୍ୟ ତାମିଲନାଡୁର ମୂଳ ବାସିନ୍ଦା ହେବେ ନାହିଁ। କମିଟି ନିରପେକ୍ଷ ହେବ ବୋଲି ପୂର୍ବରୁ କୁହାଯାଇଥିଲା। ତେଣୁ ନିର୍ଦ୍ଦେଶ ବଦଳାଇବାକୁ ଆମର କୌଣସି ଆଭିମୁଖ୍ୟ ନାହିଁ। ସୂଚନା ଅନୁଯାୟୀ, ମାଡ୍ରାସ ହାଇକୋର୍ଟ ଏବଂ ମଦୁରାଇ ବେଞ୍ଚରେ କରୁର ମାମଲାର ଶୁଣାଣି ଚାଲିଥିଲା। ଅକ୍ଟୋବର ୩ ତାରିଖରେ ଟିଭିକେ ଆବେଦନ ଉପରେ ଏସଆଇଟି ଗଠନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହି ଦିନ ମଦୁରାଇ ବେଞ୍ଚ ପୀଡ଼ିତ ପରିବାରର ଏସଆଇଟି ଗଠନ ଆବେଦନକୁ ଖାରଜ କରିଦେଇଥିଲେ।

### ଜୁବିନ ଗର୍ଗଙ୍କ ମୃତ୍ୟୁ: ୩୫୦୦ ପୃଷ୍ଠାର ଚାର୍ଜସିଟ୍

ଗୌହାଟୀ, ୧୨।୧୨(ଏଜେନ୍ସି): ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି। ଏହି ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗୌହାଟୀର ମୁଖ୍ୟ ମାଜିଷ୍ଟ୍ରେଟ୍ (ସିଜେଏମ୍) କୋର୍ଟରେ ଶୁକ୍ରବାର ୩୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛନ୍ତି। ଏହି ଚାର୍ଜସିଟ୍ ଓ ତାହା ସହିତ ଜଡିତ ପ୍ରମାଣକୁ ୪ଟି ଟ୍ରକ୍‌ରେ କୋର୍ଟକୁ ଆଣାଯାଇଥିଲା। ୯ ସଦସ୍ୟ ବିଶିଷ୍ଟ ଏସ୍‌ଆଇଟି ୬ଟି ଗାଡ଼ି ସହ କୋର୍ଟରେ ପହଞ୍ଚିଥିଲେ। ଏହି ମାମଲାରେ ଏପର୍ଯ୍ୟନ୍ତ ୭ଜଣ ଲୋକଙ୍କୁ ଗିରଫ କରାଯାଇଛି। ଜୁବିନ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅବସରରେ ରହସ୍ୟମୟ ଭାବେ ମୃତ୍ୟୁବରଣ କରିଥିଲେ। ସେ ଏନଇଆଇଏଫ୍‌ର ଚତୁର୍ଥ ସଂସ୍କରଣରେ ଯୋଗ ଦେବାକୁ ସିଙ୍ଗାପୁର ଯାଇଥିଲେ।

### ରାହୁଲଙ୍କ ବୈଠକକୁ ପୁଣି ଗଲେନି ଶଶି ଥରୁର

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ସାଂସଦ ଶଶି ଥରୁର ପୁଣିଥରେ ଶୁକ୍ରବାର ସାଂସଦମାନଙ୍କ ସହ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ନାହାନ୍ତି। ରାହୁଲଙ୍କ ଅଧ୍ୟକ୍ଷତାରେ ସଂସଦର ଆନେକ୍ସ ଏକ୍ସଟେନସନ ବିଲ୍ଡିଂରେ ଆୟୋଜିତ ଏହି ବୈଠକରେ କଂଗ୍ରେସର ୨୨ଜଣ ସାଂସଦ ଯୋଗ ଦେଇଥିଲେ। ଏଥିରେ ସଂସଦରେ ଦଳର ପ୍ରଦର୍ଶନ ନେଇ ସମୀକ୍ଷା କରାଯାଇଥିଲା। ତେବେ ବୈଠକରେ ଅନୁପସ୍ଥିତ ରହିବା ନେଇ ଥରୁର ପୂର୍ବରୁ ଅବଗତ କରାଇଥିଲେ। ଗୋଟିଏ ଦିନ ପୂର୍ବରୁ ସେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଥିଲେ ଯେ, ସେ ଜଣେ ପୁରୁଣା ବନ୍ଧୁଙ୍କ ବିବାହରେ ଯୋଗ ଦେବାକୁ କୋଲକାତା ଯାଇଛନ୍ତି। ଏଥିସହ ଥରୁର ଲଗାତର କଂଗ୍ରେସର ତୃତୀୟ ଗୁରୁତ୍ୱପୂର୍ଣ୍ଣ ବୈଠକରୁ ବିଭିନ୍ନ କାରଣ ପାଇଁ ନିଜକୁ ଦୂରେଇ ରଖିଛନ୍ତି। ଏହାପୂର୍ବରୁ ନଭେମ୍ବର ୧୮ ଓ ୩୦ରେ ଅନୁଷ୍ଠିତ କଂଗ୍ରେସର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ନଥିଲେ।

## ବିଶ୍ୱର ୫ ଶକ୍ତିଶାଳୀ ଦେଶଙ୍କ ଗୋଷ୍ଠୀ ପ୍ରସ୍ତୁତିରେ ଟ୍ରମ୍ପ

ୱାଶିଂଟନ, ୧୨।୧୨ (ଏଜେନ୍ସି): ଶୁଳ୍କ ପରେ ଶୁଳ୍କ ଧମକ ଦେଇ ଚାଲିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ର ପ୍ରଭାବ ହ୍ରାସ କରିବା ପାଇଁ ନୂଆ ପଦକ୍ଷେପ ନେଉଛନ୍ତି। ସେ ଭାରତ, ଚୀନ୍ ଏବଂ ରୁଷ୍‌କୁ ନେଇ ଏକ ନୂଆ ଗୋଷ୍ଠୀ 'କୋର ଫାଇଭ(ସିଏଫ)' ଗଠନ କରିବାକୁ ଚାହୁଁଛନ୍ତି। ଏହି ମଞ୍ଚ ଜି-୭ର ସ୍ଥାନ ନେବ। ଜି-୭ରେ ଆମେରିକା, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, କାନାଡ଼ା, ଇଟାଲୀ ଏବଂ ଜାପାନ ଭଳି ଧନୀ ରାଷ୍ଟ୍ର ଅଛନ୍ତି। କିନ୍ତୁ ଏହି ଦେଶଗୁଡ଼ିକ ସହ ଟ୍ରମ୍ପଙ୍କ ସେତେ ଭଲ ସମ୍ପର୍କ ନ ଥିବା ଚର୍ଚ୍ଚା ହେଉଛି। ତେଣୁ ଆମେରିକା ରାଷ୍ଟ୍ରପତି ନୂଆ ମଞ୍ଚ ଗଢ଼ିବାକୁ ଚାହୁଁଛନ୍ତି। ତେବେ ଆନୁଷ୍ଠାନିକ ଭାବେ ଏ ବିଷୟରେ କିଛି ଘୋଷଣା କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ସି-୫ ଧାରଣା ଜାତୀୟ ସୁରକ୍ଷା ରଣନୀତି (ଏନଏସଏସ)ରେ ପ୍ରସ୍ତାବିତ ଥିଲା। କିନ୍ତୁ ଏହା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା। ଏହି ଚିଠା ପ୍ରସ୍ତାବ ପ୍ରକୃତରେ ଅଛି କି ନାହିଁ ତାହା ସ୍ପଷ୍ଟ କରାଯାଇ ନାହିଁ।

- ସାମିଲ ହେବେ ଭାରତ, ରୁଷ୍, ଚୀନ୍
- ଜି୭ର ସ୍ଥାନ ନେବ ସି୫

ସୂଚନା ଅନୁଯାୟୀ, ଏହି କ୍ଲବ୍‌ରେ କ୍ଷମତାଶାଳୀ ଦେଶଗୁଡ଼ିକୁ ଟ୍ରମ୍ପ ରଖିବାକୁ ଚାହୁଁଛନ୍ତି। ଗଣତନ୍ତ୍ର ହେଉ କି କମ୍ୟୁନିଷ୍ଟ ରାଷ୍ଟ୍ର ଏଥିରେ କୌଣସି ପ୍ରଭେଦ ଦେଖାଯିବ ନାହିଁ। ଜି-୭ ସର୍ତ୍ତ ପୂରଣ ନ କରୁଥିଲେ ବି ରାଷ୍ଟ୍ରଙ୍କୁ ସି-୫ରେ ସାମିଲ କରାଯିବ। ଆମେରିକା, ଚୀନ୍, ରୁଷ୍, ଭାରତ ଏବଂ ଜାପାନକୁ ନେଇ ଏହା ଗଠନ କରାଯିବ। ଏହି ସବୁ ଦେଶର ଜନସଂଖ୍ୟା ୧୦ କୋଟିରୁ ଅଧିକ। ସି-୫ ନିୟମିତ ବୈଠକ କରି ସ୍ୱତନ୍ତ୍ର ପ୍ରସଙ୍ଗ ଉପରେ



ସମ୍ମିଳନୀ କରାଯିବ। ମଧ୍ୟପ୍ରାଚ୍ୟାରେ ଶାନ୍ତି ଏହାର ପ୍ରଥମ ଏଜେଣ୍ଡା ହେବ। ସୁରକ୍ଷା ବିଶେଷ କରି ଇସ୍ରାଏଲ ଏବଂ ସାଉଦି ଆରବ ମଧ୍ୟରେ ସମ୍ପର୍କକୁ ସ୍ୱାଭାବିକ କରିବା ଏହାର ପ୍ରଥମ ଉଦ୍ଦେଶ୍ୟ ହେବ। ପ୍ରଥମେ ଏହି ଯୋଜନା ଅସମ୍ଭବ ଲାଗୁଥିଲା। କିନ୍ତୁ ଏହା ଟ୍ରମ୍ପଙ୍କ ଚିନ୍ତାଧାରା ସହ ମେଳ ଖାଉଛି ବୋଲି ବିଶେଷଜ୍ଞ କହୁଛନ୍ତି। ପ୍ରତିଦ୍ୱନ୍ଦ୍ୱିଙ୍କ ସହ ଟ୍ରମ୍ପ ସିଧାସଳଖ ଡିଲ୍ କରିବାକୁ ପ୍ରୟାସ କରିଥାନ୍ତି। ବିଜିଙ୍ଗକୁ ଏନଭିଡିଆର ଏଚ୨୦୦ ଏଆଇ ଚିପ୍ ବିକ୍ରି ଅନୁମତି କିମ୍ବା ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ଦୂତ ଷ୍ଟିଭ ୱିଟକଫ ଏବଂ ଜେରେଡ କୁଶନରଙ୍କୁ ମସ୍କୋ ପଠାଇବା ଏହାର ଉଦାହରଣ।

ଟ୍ରମ୍ପ ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି ଯେ ସି-୫କୁ ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା। ଜି-୭ କିମ୍ବା ମିଳିତ ଜାତିସଂଘ (ୟୁଏନ) ବିଶ୍ୱର ହିସାବରେ ଉପଯୋଗୀ ହେଉ ନ ଥିବାରୁ କ୍ଷମତାର ସମୀକରଣ ବଦଳି ଗଲାଣି। ତେଣୁ ଏହା ଜରୁରୀ। ଏହି ମଞ୍ଚରେ ନିଜ କଥା ରଖିବାକୁ ଅଧିକ ସୁଯୋଗ ମିଳିବ।

## ପୂର୍ବତନ ବାଚସ୍ପତି ଶିବରାଜ ପାଟିଲଙ୍କ ପରଲୋକ



ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି ଶିବରାଜ ପାଟିଲ ଶୁକ୍ରବାର ୯୧ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ମହାରାଷ୍ଟ୍ର ଲାଟୁରର ଦେବଘର ସ୍ଥିତ ବାସଭବନରେ ସେ ସକାଳ ୬.୩୦ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। କିଛି ମାସ ହେଲା ସେ ଅସୁସ୍ଥ ଥିଲେ। ଘରେ ତାଙ୍କର ଚିକିତ୍ସା କରାଯାଉଥିଲା। ତାଙ୍କ ଅନ୍ତିମ ସଂସ୍କାର ଶନିବାର କରାଯିବ। ମୃତ୍ୟୁବେଳକୁ ତାଙ୍କ ପାଖରେ ପୁଅ ଶୈଳେଶ, ବହୁ ଅର୍ଚ୍ଚନା ଓ ଦୁଇ ନାତୁଣୀ ଉପସ୍ଥିତ ଥିଲେ। ଲାଟୁର ଲୋକସଭା ଆସନରୁ ପାଟିଲ ୭ଥର ନିର୍ବାଚିତ ହୋଇଥିଲେ। ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବରିଷ୍ଠ କଂଗ୍ରେସ ନେତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସମାଜ କଲ୍ୟାଣରେ ଯୋଗ ଦେବାକୁ ଶିବରାଜ ସବୁବେଳେ ପ୍ରସ୍ତୁତ ରହୁଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ତାଙ୍କ ପରଲୋକରେ କଂଗ୍ରେସ ନେତୃମଣ୍ଡଳୀରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ସେ ୧୯୮୦ ଦଶକରେ ଇନ୍ଦିରା ଓ ରାଜୀବଙ୍କ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଭାବେ ସଫଳତାର ଦାୟିତ୍ୱ ନିର୍ବାହ କରିଥିଲେ। ସେ ୧୯୯୧ରୁ ୧୯୯୬ ପର୍ଯ୍ୟନ୍ତ ଲୋକସଭାର ବାଚସ୍ପତି ଥିଲେ।

## ଗିଲ୍‌ଙ୍କ ଫର୍ମ ଓ ଚୟନକୁ ନେଇ ବର୍ଷିଲେ ବଦ୍ରିନାଥ

# ‘ସାମସନ୍ ବେଞ୍ଚରେ ବସିବା ଦୁର୍ଭାଗ୍ୟପୂର୍ଣ୍ଣ’





**ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି):** କଟକର ବାରବାଟୀ ଷ୍ଟାଡିୟମରେ ୧୦୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଦମ୍‌ଦାର ଭାବେ ଟି-୨୦ ସିରିଜର ଆରମ୍ଭ କରିଥିବା ଭାରତୀୟ ଦଳ ଦ୍ୱିତୀୟ ମୁକାବିଲାରେ ପରାଜୟବରଣ କରିଛି। ଗୁରୁବାର ନ୍ୟୁ ଚଣ୍ଡିଗଡ଼ରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୫୧ ରନରେ ସୂର୍ଯ୍ୟକୁମାର ଯାଦବଙ୍କ ଦଳକୁ ହରାଇଥିଲା। ଫଳରେ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ ଏବେ ୧-୧ରେ ସମାନସ୍ତରରେ ରହିଛି।

ବାରବାଟୀରେ ମାତ୍ର ୪ ରନ କରିଥିବା ଗିଲ୍ ଦ୍ୱିତୀୟ ଟି-୨୦ରେ ଖାତା ଖୋଲିପାରି ନ ଥିଲେ। ଫଳରେ ଟି-୨୦ ଦଳରେ ଗିଲ୍‌ଙ୍କ ସ୍ଥାନକୁ ନେଇ ପ୍ରଶ୍ନବାଚୀ ଉଠିଛି। ଚଳିତ ବର୍ଷ ଗିଲ୍‌ଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଧାରା ଜାରି ରହିଛି। ୨୦୨୫ରେ ଏହି ଛୋଟିଆ ଫର୍ମାଟ୍‌ରେ ଗିଲ ୧୪ଟି ଇନିଂସରୁ ୨୬୩ ରନ ସଂଗ୍ରହ କରିଛନ୍ତି। ଏହି ୧୪ଟି ଇନିଂସରେ ଗିଲ୍ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ଫଳରେ ଏବେ ସେ ସମାଲୋଚନାର ଶିକାର ହୋଇଛନ୍ତି। ଏପରିକି ଗିଲ୍‌ଙ୍କୁ ବାଦ୍ ଦିଆଯାଇ ବେଞ୍ଚରେ ବସିଥିବା ଇନଫର୍ମ ବ୍ୟାଟର୍ ସଞ୍ଜୁ ସାମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଉ ବୋଲି ସାମାଜିକ ଗଣମାଧ୍ୟମରେ କ୍ରିକେଟ୍‌ପ୍ରେମୀ ଦାବି କରିଛନ୍ତି। ଟି-୨୦ ଫର୍ମାଟରେ ଉପ-ଅଧିନାୟକ ଥିବା ଗିଲ୍ ନିକଟରେ ସୁସ୍ଥ ହୋଇ ଫେରିବା ପରେ ଚୂଡ଼ାନ୍ତ ଏକାଦଶରେ ସଞ୍ଜୁଙ୍କ ସ୍ଥାନକୁ ନେଇ କୌଣସି ସ୍ୱଷ୍ଟତା ନାହିଁ। କଟକରେ ପ୍ରଥମ ଟି-୨୦ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ସୂର୍ଯ୍ୟକୁମାର କହିଥିଲେ ସଞ୍ଜୁ ଯେକୌଣସି ପୋଜିସନରେ ବ୍ୟାଟିଂ କରିବାର ଦକ୍ଷତା ରଖୁଛନ୍ତି। ତାଙ୍କୁ ଆମେ ମଧ୍ୟକ୍ରମରେ ସୁଯୋଗ ଦେବୁ। କିନ୍ତୁ ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ସଞ୍ଜୁଙ୍କ ପାଇଁ ଏକାଦଶରେ କୌଣସି ସ୍ଥାନ ନାହିଁ। ଏଭଳି ସମୟରେ ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ସୁବ୍ରମଣିୟମ ବଦ୍ରିନାଥ ଦଳ ଚୟନକୁ ନେଇ ଟିମ୍ ମ୍ୟାନେଜମେଣ୍ଟକୁ ବେଶ୍ ସମାଲୋଚନା କରିଛନ୍ତି।

ଏକ ସାକ୍ଷାତ୍‌କାରେ ୪୫ ବର୍ଷୀୟ ବଦ୍ରିନାଥ କହିଛନ୍ତି, ‘ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ସଞ୍ଜୁ ୩ଟି ଶତକ ମାରିସାରିଛନ୍ତି। ଆମେ ଟି-୨୦ ଫର୍ମାଟ୍ ବିଷୟରେ କଥା ହେଉଛୁ। ତାଙ୍କ ନାମରେ ୩ଟି ଶତକ ଲିପିବଦ୍ଧ ରହିଛି। ଜଣେ ଖେଳାଳିଙ୍କ ନିକଟରୁ ଆପଣ ଆଉ କ’ଣ ଅଧିକ ଚାହିଁପାରିବେ। ଏତେ ଭଲ ପ୍ରଦର୍ଶନକାରୀଙ୍କୁ ବେଞ୍ଚରେ ବସାଇବା ଦୁର୍ଭାଗ୍ୟଜନକ। ମୋତେ ଲାଗୁଛି ଯିଏ ଅଧିନାୟକ କିମ୍ବା ଉପ-ଅଧିନାୟକ ହୋଇଥିବ ସେହି ଖେଳାଳି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବ। ଏଭଳି ପ୍ରଦର୍ଶନ ପରେ ତାଙ୍କୁ (ଗିଲ୍)ଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଯଦି କୌଣସି ବ୍ୟାକଅପ୍ ଖେଳାଳି ନ ଥାନ୍ତେ ତେବେ ଏହା ଯଥାର୍ଥ ହୋଇଥାନ୍ତା। କିନ୍ତୁ ଟି-୨୦ରେ ପ୍ରତିଭାର କୌଣସି ଅଭାବ ନାହିଁ। ଅପରପକ୍ଷରେ ପୂର୍ବତନ ବ୍ୟାଟର୍ କ୍ରିଷ୍ଣାଚାରୀ ଶ୍ରୀକାନ୍ତ ଦ୍ୱିତୀୟ ଟି-୨୦ରେ ଅକ୍ଷର ପଟେଲଙ୍କୁ ୩ୟ ପୋଜିସନରେ ବ୍ୟାଟିଂ ପଠାଇବାକୁ ନେଇ ପ୍ରଶ୍ନ କରିଛନ୍ତି। ‘ପରିସ୍ଥିତି ସହ ଖାପ ଖୁଆଇପାରି ନ ଥିବା ମଧ୍ୟକ୍ରମ ବ୍ୟାଟରଙ୍କୁ କାହିଁକି ନଂ-୩ରେ ବ୍ୟାଟିଂ ପାଇଁ ପଠାଗଲା’ ବୋଲି ଶ୍ରୀକାନ୍ତ ଟିମ୍ ମ୍ୟାନେଜମେଣ୍ଟକୁ ଘେରିଛନ୍ତି।

# ଅବସର ନିଷ୍ପତ୍ତି ପ୍ରତ୍ୟାହାର କଲେ ଭିନେଶ

**ଚଣ୍ଡିଗଡ଼, ୧୨।୧୨ (ଏଜେନ୍ସି):** ଏକ ବଡ଼ ନିଷ୍ପତ୍ତିକ୍ରମେ ତାରକା ଭାରତୀୟ ରେସଲର୍ ଭିନେଶ ଫୋଗତ ପୁଣିଥରେ କୁସ୍ତିକୁ ଫେରିବା ଲାଗି ଘୋଷଣା କରିଛନ୍ତି। ପାଖାପାଖି ଦେଢ଼ବର୍ଷ ତଳେ କୁସ୍ତିକୁ ଅଲ୍‌ବିଦା କରିଥିବା ୩୧ ବର୍ଷୀୟା ଭିନେଶ ଏବେ ତାଙ୍କ ଅବସର ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛନ୍ତି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଖେଳିବା ଏବେ ତାଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଭିନେଶ କହିଛନ୍ତି। ଶୁକ୍ରବାର ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଏକ ପୋଷ୍ଟ କରି ଭିନେଶ କହିଛନ୍ତି, ‘ଲୋକେ ମୋତେ ପଚାରୁଛନ୍ତି କ’ଣ ପ୍ୟାରିସ ଆପଣଙ୍କ ଅନ୍ତିମ ପ୍ରତିଯୋଗିତା ଥିଲା। ଲମ୍ବା ସମୟ ପର୍ଯ୍ୟନ୍ତ ମୋ ପାଖରେ ଏହାର ଉତ୍ତର ନ ଥିଲା। ଚାପ ଯୋଗୁ, ଆଶା ଯୋଗୁ ଏପରିକି ମୋର ମହତ୍ୱକାଂକ୍ଷା ଯୋଗୁ ମୋତେ ମ୍ୟାଟ୍‌ରୁ ହଟିବା ଲାଗି ବାଧ କରିଥିଲା। ବର୍ଷରୁ ଅଧିକ ସମୟ ପରେ ମୁଁ ଶାନ୍ତିରେ ନିଶ୍ୱାସ ନେଇଛି। କୁସ୍ତିକୁ ନେଇ ମୋର ଉତ୍ସାହ କେବେ ଶେଷ ହୋଇନାହିଁ। କେବେ ହାର୍‌ମାନି ନ ଥିବା ଭାବନା ସହିତ ୨୦୨୮ ଅଲିମ୍ପିକ୍ସକୁ ମୁଁ ପାଦ ବଢ଼ାଉଛି। ମୋ ପୁଅ ଓ ଟିମ୍ ଏଥର ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ମୋତେ ଚିୟର କରିବେ’ ବୋଲି ଭିନେଶ ଏହି ପୋଷ୍ଟରେ କହିଛନ୍ତି।




ଉଲ୍ଲେଖଯୋଗ୍ୟ, ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭିନେଶଙ୍କୁ ସ୍ୱର୍ଣ୍ଣପଦକ ଲଢ଼େଇ ପୂର୍ବରୁ ଅଯୋଗ୍ୟ ଘୋଷିତ କରିଦିଆଯାଇଥିଲା। ଧାର୍ଯ୍ୟ ଓଜନବର୍ଗଠାରୁ ଭିନେଶଙ୍କ ଓଜନ ୧୦୦ ଗ୍ରାମ ଅଧିକ ରହିଥିଲା। ଏହାପରେ ଭିନେଶ ବିଶ୍ୱ କ୍ରୀଡ଼ାର ଅଦାଲତ କାସ୍‌ରେ ଲଢ଼େଇ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ।

## ୧୯ ବର୍ଷରୁ କମ୍ ଏସିଆ କପ୍

# ସୂର୍ଯ୍ୟବଂଶୀଙ୍କ ୧୭୧; ଭାରତ ୨୩୪ ରନରେ ବିଜୟୀ



**ଦୁବାଇ, ୧୨।୧୨ (ଏଜେନ୍ସି):** ୧୯ ବର୍ଷରୁ କମ୍ ଏସିଆ କପ୍ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଭାରତ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨୩୪ ରନରେ ଆୟୋଜକ ୟୁଏଇକୁ ପରାସ୍ତ କରିଛି। ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ୧୭୧ ରନର ବିସ୍ଫୋରକ ଶତକୀୟ ଇନିଂସ ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା।

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୬ ୱିକେଟ୍ ହରାଇ ୪୩୩ ରନ ସଂଗ୍ରହ କରିଥିଲା। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୯୫ଟି ବଲରେ ୧୭୧ ରନର ପାଳି ଖେଳିଥିଲେ। ଯେଉଁଥିରେ ସେ ୧୪ଟି ଛକା ଓ ୯ଟି ଚୌକା ମାରିଥିଲେ। ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ଏଥିପୂର୍ବରୁ ଚଳିତ ବର୍ଷ ସେ ଇଂଲଣ୍ଡ ବିପକ୍ଷରେ ୧୪୩ ରନର ପାଳି ଖେଳିଥିଲେ। ଅପରପକ୍ଷରେ ଏହି ବୟସବର୍ଗରେ ଏହା ୩ୟ ସର୍ବୋଚ୍ଚ ଦଳଗତ ସ୍କୋର ହେବାର ମଧ୍ୟ ରେକର୍ଡ ହୋଇଛି। ୨୦୦୨ରେ କେନିଆ ବିପକ୍ଷରେ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ୪୮୦ ରନ କରିଥିଲା। ସେହିଭଳି ୨୦୧୮ରେ ସମାନ କେନିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ୪୩୬ ରନ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଜବାବରେ ୪୩୪ ରନକୁ ପିଛା କରିଥିବା ୟୁଏଇ ୭ ୱିକେଟରେ ୧୯୯ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟ ସହ ଭାରତ ଗ୍ରୁପ୍-ଏ’ରେ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ପାକିସ୍ତାନକୁ ଭେଟିବ।

## ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ସେମିଫାଇନାଲରେ ଉନ୍ନତି ହୁଡା



**କଟକ, ୧୨।୧୨ (ସମିସ):** ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା “ଓଡିଶା ମାଷ୍ଟର୍ସ-୨୦୨୫’ରେ ଶୁକ୍ରବାର ସମସ୍ତ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ମୁକାବିଲାରେ ଇଣ୍ଡୋନେସିଆର ମହମ୍ମଦ ୟୁସୁଫ ଟପସିଡ ଖେଳାଳି ଥରୁନ ମାନେପଲ୍ଲୀଙ୍କୁ ୨୧-୯,୨୨-୨୦ ଗେମରେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଇଣ୍ଡୋନେସିଆ ଖେଳାଳି ବିସ୍ମ ରକ୍ଷୟା ଅକଟୋରା ନିଜ ଦେଶର ରିଚି ଦୁତା ରିକାର୍ଦୋଙ୍କୁ ୨୧-୧୩,୧୮-୨୧,୨୧-୯ ଗେମରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ରାଉଣ୍ଡରେ ପହଞ୍ଚିଥିବା ଭାରତୀୟ ଖେଳାଳି କିରଣ ଜର୍ଜ ଗତବର୍ଷର ଚାମ୍ପିଅନ ସତୀଶ କୁମାରଙ୍କୁ ୨୧-୧୧,୨୧-୧୭ ଗେମରେ ହରାଇଥିବାବେଳେ ଭାରତୀୟ ଖେଳାଳି ରୋନକ ଚୌହ୍ୱାନ ୨୧-୧୯,୨୨-୨୦ରେ ଶଙ୍କର ସୁବ୍ରମଣ୍ୟମଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା କ୍ୱାର୍ଟର ଫାଇନାଲରେ ଟପସିଡ ଉନ୍ନତି ହୁଡା ୨୧-୧୬,୨୧-୧୫ ଗେମ୍‌ରେ ପଞ୍ଚମସିଡ ଅନୁପମା ଉପାଧ୍ୟାୟଙ୍କୁ ହରାଇ ସେମିଫାଇନାଲ ପହଞ୍ଚିଛନ୍ତି। ସେହିପରି ଅଣସିଡେଡ୍ ଖେଳାଳି ତାନ୍ୟା ହେମନ୍ତ ତୃତୀୟ ସିଡ ତନଭି ଶର୍ମାଙ୍କୁ ୨୧-୧୬ ୨୧-୧୪ ପଏଣ୍ଟରେ ହରାଇଛନ୍ତି। ଭାରତର ତସନିମ ମୀର ଏବଂ ଇସାରାଣୀ ବରୁଆ ମଧ୍ୟ ସେମିଫାଇନାଲରେ ପହଞ୍ଚିଛନ୍ତି। ମିକ୍ସଡ଼ ଡବଲ୍ସ କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡି ଏସ. କଣପୁରମ ଓ ଆର. ଉଥେୟସୂରିୟାନ ବିଜୟୀ ହୋଇଛନ୍ତି। ମହିଳା ଡବଲ୍ସ ବିଭାଗରେ ଭାରତୀୟ ଯୋଡି ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ ମଧ୍ୟ ସେମିରେ ସ୍ଥାନ ପକ୍‌କା କରିଛନ୍ତି।

## ● କୁଚ୍‌ବିହାର ଟ୍ରଫି

# ଓଡ଼ିଶାର ଇନିଂସ୍ ପରାଜୟ

**କଟକ,୧୨।୧୨(ସମିସ):** କୁଚବିହାର ଟ୍ରଫିରେ କ୍ରମାଗତ ୪ଟି ଲିଗ୍ ମ୍ୟାଚ୍‌ରେ ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ୪ଟି ମ୍ୟାଚ୍‌ରୁ ୪ଟି ହାରି ଦଳ ଏଲିଟ ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ୧୬ ତାରିଖରୁ ହିମାଚଳପ୍ରଦେଶ ବିପକ୍ଷରେ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ବଲାଙ୍ଗୀର ଗାନ୍ଧି ଷ୍ଟାଡିୟମରେ ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଏବଂ ୫୩ରନରେ ପରାସ୍ତ ହୋଇଛି। ଓଡ଼ିଶାର ପ୍ରଥମ ପାଳି ୧୭୦ରନରେ ସୀମିତ ରହିବା ପରେ କର୍ଣ୍ଣାଟକ ୮ ୱିକେଟ ବିନିମୟରେ ୪୬୯ରନ କରି ଇନିଂସ୍ ଘୋଷଣା କରିଥିଲା। ଓଡ଼ିଶା ଦ୍ୱିତୀୟ ପାଳିରେ ୨୪୬ରନରେ ଅଲଆଉଟ ହୋଇଛି। ଓଡ଼ିଶା ପକ୍ଷରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୫୦ରନ କରିଛନ୍ତି।

## ● ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

# ଓଡ଼ିଶା ୧୩୯ ରନ୍‌ରେ ଅଲ୍‌ଆଉଟ୍

**କଟକ,୧୨।୧୨(ସମିସ):** ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ରେ ଓଡ଼ିଶା ଛତିଶଗଡକୁ ଭେଟିଛି। ମଧ୍ୟପ୍ରଦେଶର ମୋରେନା ଗ୍ରାଉଣ୍ଡରେ ଆଜି ଠାରୁ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୩୯ରନରେ ଅଲଆଉଟ ହୋଇଛି। ଓପନର ଆଶୁତୋଷ ନାୟକ ସର୍ବାଧିକ ୩୮ରନ କରିଥିଲେ। ଛତିଶଗଡ ପକ୍ଷରୁ ଅର୍ଣବୀର ସିଂହ ଭାଟିଆ ୪ଟି ୱିକେଟ ଦଖଲ କରିଥିଲେ। ଶୁକ୍ରବାର ମ୍ୟାଚ୍‌ର ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଛତିଶଗଡ ୪ ୱିକେଟ ହରାଇ ୮୧ରନ ସଂଗ୍ରହ କରିଛି। ଅଧିନାୟକ ଅଂଶୁମାନ ଠାକୁର ୩୦ରନରେ ଆଉଟ ହୋଇଥିବା ବେଳେ ଚନ୍ଦ୍ରଂଶ ଯାଦବ ଏବଂ ଉଜଳ ମାର୍କରମ ଯଥାକ୍ରମେ ୮ରନ ଏବଂ ୨ରନରେ ଅପରାଜିତ ରହିଛନ୍ତି।

# ଦ୍ୱିତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ବିଜୟୀ




**ୱେଲିଂଟନ, ୧୨।୧୨ (ଏଜେନ୍ସି):** ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ୩ ଦିନ ମଧ୍ୟରେ ଶେଷ ହୋଇଯାଇଛି। ଦ୍ରୁତ ବୋଲର ଜାକବ ଡଫିଙ୍କ ୫ ୱିକେଟ୍ ସଫଳତା ବଳରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ବିଜୟ ଲାଭ କରିଛି। ଏଥିସହ ଘରୋଇ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ପୂର୍ବରୁ ହେଗଲୀ ଓଭାଲରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ଡ୍ର’ ରହିଥିଲା। ଏବେ ନିର୍ଣ୍ଣାୟକ ୩ୟ ଟେଷ୍ଟ ବେ ଓଭାଲରେ ଡିସେମ୍ବର ୧୮ରୁ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୨୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ୨୭୮ ରନ କରି ପାଳି ଘୋଷଣା କରିଥିଲା। ଫଳରେ ୭୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଶୁକ୍ରବାର ସକାଳେ ୧୨୮ ରନରେ ସୀମିତ ରହିଥିଲା। ଡଫିଙ୍କୁ ୫ ୱିକେଟ୍ ମିଳିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ କେଭନ ହଜ୍ (୩୫ ରନ), ଜଷ୍ଟିନ ଗ୍ରେଭ୍‌ସ (୨୫), ବ୍ରାଣ୍ଡନ କିଙ୍ଗ୍ (୨୨) ଓ ଜନ୍ କ୍ୟାମ୍ପବେଲ୍ (୧୪ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଏହାପରେ ୫୬ ରନର ଛୋଟିଆ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଅଧିନାୟକ ଟମ୍ ଲଥାମ (୯ ରନ)ଙ୍କ ୱିକେଟ୍ ହରାଇ ହାସଲ କରିନେଇଥିଲା। ଡେଭନ କନୱେ ୨୮ ଓ କେନ୍ ୱିଲିୟମସନ ୧୬ ରନ କରି ଅପରାଜିତ ରହିଥିଲେ।

## ନୀତୀଶଙ୍କ ହ୍ୟାଟ୍ରିକ ସତ୍ତ୍ୱେ ହାରିଲା ଆନ୍ଧ୍ର

**ପୁନେ, ୧୨।୧୨ (ଏଜେନ୍ସି):** ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲି ଟ୍ରଫି ସୁପର୍ ଲିଗ୍ ପର୍ଯ୍ୟାୟର ଏକ ମ୍ୟାଚରେ ମଧ୍ୟପ୍ରଦେଶ ୪ ୱିକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ୧୯.୧ ଓଭରରେ ୧୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନୀତୀଶ ହ୍ୟାଟ୍ରିକ ୱିକେଟ୍ ସଫଳତା ପାଇଥିଲେ ମଧ୍ୟ ମଧ୍ୟପ୍ରଦେଶ ୧୭.୩ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମଧ୍ୟପ୍ରଦେଶ ଇନିଂସର ୩ୟ ଓଭର ବୋଲିଂ କରିଥିବା ନୀତୀଶ ଶେଷ ୩ଟି ବଲ୍‌ରେ ଯଥାକ୍ରମେ ହର୍ଷ ଗୱାଲି (୫ ରନ), ହରପ୍ରୀତ୍ ସିଂହ ଭାଟିଆ (୦) ଓ ଅଧିନାୟକ ରଜତ ପଟିଦାର (୦)ଙ୍କୁ ଆଉଟ୍ କରି ହ୍ୟାଟ୍ରିକ ୱିକେଟ୍ ପୂରଣ କରିଥିଲେ।

# ସେମିଫାଇନାଲ୍‌ରେ ସନ୍‌ରାଇଜ, ୟୁନିଟ୍-୬

**ଭୁବନେଶ୍ୱର, ୧୨।୧୨ (ସମିସ):** କ୍ଲବ-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ସତ୍ୟବ୍ରତ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଶୁକ୍ରବାର ଖେଳାଯାଇଥିବା ୩ୟ ଓ ୪ର୍ଥ କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ୟୁନିଟ୍-୬ ଆଥଲେଟିକ ଆସୋସିଏସନ (ଭୁବନେଶ୍ୱର) ଓ ସନରାଇଜ କ୍ଲବ (କଟକ) ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-




## ସତ୍ୟବ୍ରତ ସ୍ମାରକୀ ଫୁଟବଲ୍

୬ ଦଳ ୩-୨ ଗୋଲରେ କଟକର ମଙ୍ଗଳା କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳର ସୋମନାଥ ମହାନ୍ତି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁରସ୍କାର ବାବଦକୁ ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ସନରାଇଜ କ୍ଲବ ୩-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଥିଲା। ଜେପି ଫାବିଲ ୨ଟି ଗୋଲ୍ ଦେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆୟୋଜକ କ୍ଲବ-୭୩ର ଆସିଷ୍ଟାଣ୍ଟ ସେକ୍ରେଟାରୀ ଦେବଭକ୍ତ ବେଜ ଓ କୋଷାଧ୍ୟକ୍ଷ ରାଜେଶ ସାହୁ ଅତିଥିଭାବେ ଯୋଗଦେଇଥିଲେ। ଗତକାଲି ଅନୁଷ୍ଠିତ ଦୁଇଟିଯାକ କ୍ୱାର୍ଟରରେ କଟକର ଫାଓ ଏକାଦଶ ଓ ସମ୍ବଲପୁର ଫୁଟ୍‌ବଲ ଏକାଡେମୀ ବିଜୟୀ ହୋଇଥିଲେ।

# ନାଲକୋ ଓପନ୍ ଟେନିସ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୨।୧୨ (ସମିସ):** ନାଲକୋ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୪ତମ ସଂସ୍କରଣ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଏଥର ୪୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମୋଟ୍ ୯ଟି ବର୍ଗରେ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ୧୪ବର୍ଷରୁ କମ୍ ବାଳକ ଓ ବାଳିକା, ୧୮ ବର୍ଷରୁ କମ୍ ବାଳକ, ମହିଳା ଓପନ୍ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ୪୦, ୫୦ ଓ ୬୦ ବର୍ଷରୁ ଉର୍ଦ୍ଧ୍ୱ ଭେଟେରାନ ବର୍ଗର ଡବଲ୍ସ ଇଭେଣ୍ଟ ରହିଛି। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୪.୩୨ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ସମସ୍ତ ବୟସବର୍ଗର ଚାମ୍ପିଅନ, ରନର୍ସଅପ୍, ସେମିଫାଇନାଲିଷ୍ଟ ଓ କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ଯଥାକ୍ରମେ ୧୮ ହଜାର, ୧୨ ହଜାର, ୧୦ ହଜାର ଓ ୮ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ନାଲକୋର ନିର୍ଦ୍ଦେଶକ (ଏଚ୍‌ଆର୍) ଟିକେ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ନାଲକୋର ଆଶୁତୋଷ ରଥ, ଅବସରପ୍ରାପ୍ତ ଆଇଏଏସ୍ ତଥା ବିଡିଟିଏ ସଭାପତି ସୁରେଶ ମହାପାତ୍ର, ସମ୍ପାଦକ ଶାଶ୍ୱତ ମିଶ୍ର, ଉପସଭାପତି ଦେବୀଦତ୍ତ ବିଶ୍ୱାଳ ଓ ପି ଅର୍ଥାନାରି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

# ସର୍ବଭାରତୀୟ ଗଣ୍ଡରପୁର କପ: ଏଥର ୩.୭ ଲକ୍ଷ ପୁରସ୍କାର ରାଶି



**ନନ୍ଦନକାନନ/ବାରଙ୍ଗ, ୧୨/୧୨(ସମିସ):** ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାରଠାରୁ ଆରମ୍ଭ ହେବ। ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମରେ ଟୁର୍ଣ୍ଣାମେଣ୍ଟ ୮ଦିନ ଧରି ଖେଳାଯିବ। ଚଳିତଥର ୪୦ଟି ଦଳ ଭାଗ ନେଉଛନ୍ତି। ସହରାଞ୍ଚଳ ବିଭାଗରେ ୮, ଗ୍ରାମାଞ୍ଚଳ-ଏ ରେ ୧୬ ଓ ଗ୍ରାମାଞ୍ଚଳ-ବି’ରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ଚଳିତଥର ଚାମ୍ପିଅନ ଦଳ ଓ ଶ୍ରେଷ୍ଠ ଖେଳାଳିଙ୍କ ପାଇଁ ବହୁ ଆକର୍ଷଣୀୟ ପୁରସ୍କାର ଓ ଅର୍ଥରାଶି ରଖାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦିନ ମାଗଣାରେ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଜରିଆରେ ଦର୍ଶକ ଟିଭି, ଫ୍ରିଜ୍ ଓ ୱାସିଙ୍ଗ୍ ମେସିନ୍ ଭଳି ଆକର୍ଷଣୀୟ ପୁରସ୍କାର ଜିତିପାରିବେ। ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ଖେଳ ଆରମ୍ଭ ହେବ। ପ୍ରତି ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ଆକାରରେ ବାଇକ ପ୍ରଦାନ କରାଯିବ। ସହରାଞ୍ଚଳ ଫାଇନାଲ ଚାମ୍ପିଅନ ଦଳକୁ ୭୫ ହଜାର, ରନର୍ସଅପ୍‌କୁ ୫୦ହଜାର ଟଙ୍କା, ସେହିପରି ଗ୍ରାମାଞ୍ଚଳ-ଏ ଫାଇନାଲ ବିଜେତା ଦଳକୁ ୧ଲକ୍ଷ ଟଙ୍କା ଓ ଉପ ବିଜେତା ଦଳକୁ ୭୫ହଜାର ଟଙ୍କା ଏବଂ ଗ୍ରାମାଞ୍ଚଳ-ବି ଚାମ୍ପିଅନ ଦଳକୁ ୪୦ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୩୦ହଜାର ଟଙ୍କା ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯିବ। ଆୟୋଜକ ଗଣ୍ଡରପୁର ୟୁନାଇଟେଡ଼ ୟୁଥ ସ୍ପୋର୍ଟିଂ କ୍ଲବ ତରଫରୁ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ସହରାଞ୍ଚଳ ବିଭାଗରେ କଟକର ସନରାଇଜ କ୍ଲବ, ଭୁବନେଶ୍ୱର ଜଗା ୟୁନାଇଟେଡ଼, ଓଡ଼ିଶା ପୁଲିସ, ଫୁଲବାଣୀ ସୁରଜ ଏଫସି, ସମ୍ବଲପୁର ସମଲେଶ୍ୱରୀ ସ୍ପୋର୍ଟିଂ, ଢେଙ୍କାନାଳ ମଙ୍ଗଳା କ୍ଲବ, ଓ ରାଜ୍ୟ ବାହାରୁ କଲିକତା କୋଲାଘାଟ, ବିହାର ସିୱାନ ଏଫସି ଭାଗନେବେ। ଆଜି ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଭାସ୍କର ପଢ଼ିଆରୀ, ଜିତେନ୍ଦ୍ର ସେନାପତି, ସୁକାନ୍ତ ରାଉତ, ବିଶ୍ୱନାଥ ବେହେରା, ସଞ୍ଜୟ ସାସମଲ,ବିଷ୍ଣୁ ପଢ଼ିଆରୀ, ଚିତ୍ତରଞ୍ଜନ ସୁବୁଦ୍ଧି, ରଙ୍କନିଧି ରାଉତ, ଲକ୍ଷ୍ମଣ ରାଉତ କ୍ଲବ ସଭାପତି, ମାନସ ପଢ଼ିଆରୀ କ୍ଲବ ସମ୍ପାଦକ, ଜ୍ଞାନରଞ୍ଜନ ରାଉତ, କାଶୀନାଥ ରାଉତ, ନବକୁମାର ରାଉତ, ଜାପାନୀ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଦଘାଟନୀ ଦିବସରେ ଗ୍ରାମାଞ୍ଚଳ-ବି’ରେ ବାରଙ୍ଗ-ନଟ ୟେଟ, ୧୧ଘଟିକାରେ ତଣ୍ଡିକଣା-ଗାଡକଣ, ଗ୍ରାମାଞ୍ଚଳ-ଏ’ରେ ଘାଟିକିଆ-ସିଭିରମଣ ବିଶ୍ୱବିଦ୍ୟାଳୟ, ଜୟପୁର-ଉଷୁମା ଏବଂ ସହରାଞ୍ଚଳର ଭୁବନେଶ୍ୱର ଜଗା ୟୁନିଅଟେଡ଼ ବନାମ କୋଲାଘାଟ କୋଲକାତା ମଧ୍ୟରେ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS